ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଡିସେମ୍ବର ୨୨/୨୦୨୧ (୮+୮=୧୬ ପୃଷ୍ଠା) Dhenkanal, Wednesday, December 22/2021 ★★★★★

୧୭ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

DSPL - 341

ମିଶନ ଶକ୍ତି







ଲକ୍ଷ ସଶକ୍ତ ମହିଳା

- ଜିପିଏଲଏଫ୍ ଓ ବିଏଲଏଫ୍ ଇସି ସଦସ୍ୟାମାନଙ୍କ ପାଇଁ ମିଟିଂ ଫିସ୍ ଏବଂ ଗସ୍ତ ଭତ୍ତା – ୨୧୭ କୋଟି
- ୧.୩୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ରିହାତି ଟଙ୍କାର ଇ- ଟ୍ରାନ୍ସଫର୍ - ୬୫ କୋଟି
- ମିଶନ ଶକ୍ତି ଇ- ମାର୍କେଟ ପୋର୍ଟାଲ ଲୋକାର୍ପଣ
- ମିଶନ ଶକ୍ତି ବଜାର, ଭୁବନେଶ୍ୱର ଭିତ୍ତିପ୍ରସ୍ତର ସ୍ଥାପନ

ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-48001/13/0005/2122

**୨୦୨୧ ଦକ୍ଷିଣ ଓଡ଼ିଶା ପାଇଁ ଥିଲା ଚର୍ଚ୍ଚା ବହୁଳ। ସୀମା ବିବାଦଠାରୁ ରାଜନୀତି ଯାଏ ଅନେକ ଘଟଣା ଦେଖିବାକୁ ମିଳିଥିଲା ଏହି ବର୍ଷରେ। ଆନ୍ଧ୍ରର ଦାଦାଗିରିକୁ ବିରୋଧ କରି କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ସୁରକ୍ଷା ପାଇଁ ଏକତ୍ରିତ ହୋଇଥିଲେ ସବୁ ଦଳର ନେତା। ଆନ୍ଧ୍ରର ଚିଙ୍ଗୁଡି ଫ୍ୟାକ୍ଟ୍ରିରେ ଜଳିଯାଇଥିବା ୬ ଓଡ଼ିଆଙ୍କ ଆକସ୍ମିକ ମୃତ୍ୟୁ ଯେତିକି ଦୁଃଖ ଦେଇଥିଲା ପଦ୍ମଶ୍ରୀ ପାଇ ଗୁଣପୁରର ଶାନ୍ତି ଦେବୀ ରାୟଗଡା ଜିଲାବାସୀଙ୍କୁ ଦେଇଥିଲେ ତାଙ୍କ ସାଧାନ ଓ ନିଷ୍ଠାର ଉପହାର। ଓଏଏସ୍ ପାଇ ଦକ୍ଷିଣ ଓଡ଼ିଶା ପାଇଁ ଗୌରବ ଆଣିଥିଲେ ଉପାନ୍ତ ଅଞ୍ଚଳର ପିଲା। ନବରଙ୍ଗପୁରର ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ବିଜେଡିରେ ଯୋଗଦାନ ବର୍ଷର ଶେଷ ସୋପାନରେ ଆଞ୍ଚଳିକ ରାଜନୀତିକୁ ବେଶ୍ ଉଷ୍ମ କରିଥିଲା।**

## ଆନ୍ଧ୍ର ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଜଳିଗଲେ ୬ ଓଡ଼ିଆ

ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ଲଙ୍କାଭାନିଦିବା ଗ୍ରାମର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ୬ ଓଡ଼ିଆ ଶ୍ରମିକ ଜଳିଯାଇଥିଲେ। ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ୫ ଏବଂ ଗଜପତି ଜିଲାର ଜଣେ ଥିଲେ। ୬ ଜଣଙ୍କ ମଧ୍ୟରୁ ୫ ନାବାଳକ ଥିଲେ। ଶ୍ରମିକମାନେ ଉକ୍ତ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟରେ କାମ କରୁଥିଲେ। ରାତିରେ ସ୍ଥାନୀୟ ଏକ ରୁମ୍‌ରେ ଶୋଇଥିବାବେଳେ ଏହି ଘଟଣା ଘଟିଥିଲା। ମଶା କଏଲ୍‌ରୁ ନିଆଁ ଲାଗିବା ସହ କେମିକାଲ ପ୍ରଭାବରେ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରଥମେ କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମୃତକଙ୍କ ପରିବାର ଏହାକୁ ଏକ ହତ୍ୟାକାଣ୍ଡ କହି କମ୍ପାନୀ ମାଲିକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ଏବଂ ଆନ୍ଧ୍ର ସରକାରଙ୍କ ପକ୍ଷରୁ ୩ ଲକ୍ଷ ଲେଖାଏ ଏବଂ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଥିଲା। ତେବେ ଉକ୍ତ ଘଟଣା ପରେ ରାୟଗଡ଼ା ଜିଲା ଶ୍ରମ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଥିଲା। ସେହିପରି ଘଟଣାକୁ ନେଇ ସେ ସମୟରେ ରାଜନୀତି ମଧ୍ୟ ଦେଖିବାକୁ ମିଳିଥିଲା।



## ହିମାଳୟ ଆରୋହଣ କଲେ ପ୍ରଦୀପ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିର ପ୍ରଦୀପ କୁମାର ସିହ୍ନା ଡିସେମ୍ବର ୧୧ରେ ଭାରତର ସର୍ବୋଚ୍ଚ ଶୃଙ୍ଗ ହିମାଳୟର ୧୨ହଜାର ୫୦୦ ଫୁଟ ଉଚ୍ଚତାବିଶିଷ୍ଟ କେଦାରକଣ୍ଠା ପାହାଡ଼ ଶୀର୍ଷରେ ପହଞ୍ଚିଛନ୍ତି। ସେଠାରେ ସେ ଜାତୀୟ ପତାକା ଉଡାଇଥିଲେ। କଳିଙ୍ଗ ଡେୟାରଡେଭିଲ୍ସ ଏବଂ ଥିରଲୋଫେଲିଆର ମିଳିତ ଆନୁକୂଲ୍ୟରେ ଦେଶ ତଥା ଦେଶ ବାହାରୁ ୧୭ଜଣ ପ୍ରତିଭାଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରେ ୭ ଜଣ ଓଡ଼ିଆ ଥିଲେ। ୭ ତାରଖ ସକାଳୁ ଆରୋହଣ ପାଇଁ ଉତ୍ତରାଖଣ୍ଡର ସଂକ୍ରି ଗ୍ରାମରୁ ଯାତ୍ରା ଆରମ୍ଭ ହୋଇଥିଲା। ଦଶ ତାରିଖ ରାତି ୨.୩୦ରେ ଶିଖରରେ ପହଞ୍ଚିବା ପାଇଁ ଯାତ୍ରା ଆରମ୍ଭ ହୋଇଥିଲା। ସକାଳ ୬.୩୦ରେ ସେମାନେ ପାହାଡ଼ ଶିଖରରେ ପହଞ୍ଚିଥିଲେ।



## ଭୁଶୁଡ଼ିଲା ବିଜୁ ସେତୁ

ନବରଙ୍ଗପୁର ଜିଲା ବଡକୁମାରୀ ପଞ୍ଚାୟତ ଅଧୀନ ତାଲାପଦର ନାଗୀନଦୀ ଉପରେ ବିଜୁ ସେତୁ ଯୋଜନାରେ ତିଆରି ଚାଲିଥିବା ପୋଲ ଜାନୁୟାରୀ ୧୦ରେ ଭୁଶୁଡି ପଡ଼ିଥିଲା। ଏହି ଘଟଣାରେ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର ମାଳୀଙ୍କ ମୃତ୍ୟୁ ହୋଇଥିଲା ଏବଂ ୩ଜଣ ଶ୍ରମିକ ଗୁରୁତର ଥିଲେ। ଏହି ଘଟଣାରେ ଉମରକୋଟ ଡିଭିଜନ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ସାମଲ, ସହକାରୀ ଯନ୍ତ୍ରୀ (ଏସ୍‌ଡିଓ)ଅସିତ ପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଅପର ପକ୍ଷେ ବିଜୁ ସେତୁ କାର୍ଯ୍ୟ କରୁଥିବା ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କ ନାମରେ ୱାରେଣ୍ଟ ବାହାର କରାଯାଇଥିଲା। ଉକ୍ତ କାର୍ଯ୍ୟରୁ ତାଙ୍କୁ ବାହାର କରି ପୁଣି ନୂତନ ଟେଣ୍ଡର କରି ବର୍ତ୍ତମାନ ଅନ୍ୟ ଠିକାଦାରଙ୍କୁ କାମ ଦିଆଯାଇଛି। ସେତୁ କାମ ଏବେ ଚାଲିଛି। ସୂଚନାନୁଯାୟୀ, ୨ କୋଟି ୪୧ ଲକ୍ଷ ୫ଶହ ଟଙ୍କା ବ୍ୟୟ ଅଟକଳରେ ୨୦୧୮ ଏପ୍ରିଲରୁ ଏହି ସେତୁ କାମ ଆରମ୍ଭ କରାଯାଇଛି।



## ମହକିଲେ ବଣମଲ୍ଲୀ

### ଚନ୍ଦାହାଣ୍ଡିର ପ୍ରଥମ ଓଏଏସ୍ ପ୍ରତାପ

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ଗ୍ରାମର କୁମର ପୂଜାରୀଙ୍କ ପୁଅ ପ୍ରତାପ ଚନ୍ଦ୍ର ପୂଜାରୀ ଚଳିତ ବର୍ଷ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଚନ୍ଦାହାଣ୍ଡି ମାଟିରୁ ପ୍ରଥମ କରି ସେ ଓଏଏସ୍ ପାଇଥିଲେ। ଏହାପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା।


ପ୍ରତାପ ଚନ୍ଦ୍ର ପୂଜାରୀ

### ପରିବା ବିକାଳିଙ୍କ ପୁଅ ପାଇଲେ ଓଏଏସ୍

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଜାତିଲି ଗ୍ରାମର ଶିକ୍ଷକ ପୁରଞ୍ଜନ ଗାଣ୍ଟା ଓଏଏସ୍ ପରୀକ୍ଷାରେ ୧୨୪ ତମ ସ୍ଥାନରେ ରହି ସଫଳତା ହାସଲ କରିଥିଲେ। ରାୟଗଡ଼ା ସଦର ଗୁମ୍ମା ପଞ୍ଚାୟତ ରାଇକଣା ଗ୍ରାମର ଚନ୍ଦ୍ରଦାଶ ମହାନନ୍ଦିଆ ୧୧୧ତମ ଓ ରାମନାଗୁଡ଼ାର ଚାଷୀ ବିପିନ ଚନ୍ଦ୍ର ନାୟକ ବେହେରାଙ୍କ ପୁଅ ସୁରେଶ ୮୮ତମ ସ୍ଥାନରେ ରହି ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଚନ୍ଦ୍ରଦାଶଙ୍କ ମା' ରାୟଗଡ଼ାସ୍ଥିତ ଓଭରବ୍ରିଜ୍ ତଳେ ପରିବା ବ୍ୟବସାୟ କରୁଛନ୍ତି।


ସୁରେଶ


ଚନ୍ଦ୍ରଦାଶ


ପୁରଞ୍ଜନ ଗାଣ୍ଟା

## ଚୂନମାଟି ନେଇଥିଲା ୩ ଜୀବନ

ପଟ୍ଟାଙ୍ଗୀ ବ୍ଲକରେ ଏପ୍ରିଲ ୧୬ରେ ଘଟିଥିଲା ଏକ ଅଘଟଣ। ରାଲେଗଡା ପଞ୍ଚାୟତର ମିରିଆଲପାଡୁ ଗ୍ରାମର ୧୧ ଜଣ ମହିଳା ବ୍ଲକର ରେଙ୍ଗା ପଞ୍ଚାୟତ ପଡାଗୁଡା ଗ୍ରାମ ଗୁଣ୍ଠା ପାହାଡରେ ଚୂନମାଟି ସଂଗ୍ରହ କରୁଥିବା ବେଳେ ମାଟି ଅତଡା ଧସି ଚାଲିଯାଇଥିଲା ୩ ଜୀବନ।

# ଅନାନିଆ ଆନ୍ଧ୍ର



*ସୀମା ବିବାଦ ନେଇ ସର୍ବାଧିକ ଚର୍ଚ୍ଚାରେ ଥିଲା ୨୦୨୧। ଆନ୍ଧ୍ର ଥିଲା ସୀମା ବିବାଦର ମୂଳ ଉତ୍ସ। ଓଡ଼ିଶାର କୋଟିଆ ଉପରେ ସର୍ବଦା ଆନ୍ଧ୍ରର ରହୁଥିଲା କୁନଜର। ପରିସ୍ଥିତି ଏପରି ହୋଇଥିଲା ରାଜ୍ୟ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଦୁଇ ରାଜ୍ୟ ର ରାଜନୈତିକ ସ୍ତରରେ ଆଲୋଚନା କରି ବିବାଦର ସମାଧାନ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦାଲତଙ୍କ ରାୟଙ୍କୁ ଆନ୍ଧ୍ର ଦେଇ ନ ଥିଲା ସମ୍ମାନ। ସବୁ ସମୟରେ ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ କରାୟତ ଲାଗି ଆନ୍ଧ୍ର ବିଭିନ୍ନ ଉପାୟରେ ଗୋଟିଚାଳନା କରି କରୁଥିଲା କସରତ। ଦକ୍ଷିଣ ଓଡ଼ିଶାର ୪ ଜିଲାର ନେତା ମନ୍ତ୍ରୀମାନେ ମଧ୍ୟ ଆନ୍ଧ୍ରକୁ ଦେଇଥିଲେ ମୁହଁତୋଡ ଜବାବ। ଏଣିକି ଓଡ଼ିଶା ସୀମା ମାଡିଲେ ମାଡ଼ ହେବ ବୋଲି ଆନ୍ଧ୍ରର ରାଜନେତା ଓ ଅଧିକାରୀଙ୍କୁ ଧମକ ବେଶ ହଟଚମଟ ସୃଷ୍ଟି କରିଥିଲା ରାଜନୀତିରେ।*

## ଫଳକ ଲଗାଇଲା କୋରାପୁଟ ଜିଲା ପ୍ରଶାସନ

ଓଡ଼ିଶା ପକ୍ଷରୁ ତୀବ୍ର ବିରୋଧ, ପ୍ରତିବାଦ ସତ୍ତ୍ୱେ ଆନ୍ଧ୍ର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିବାକୁ ପଛଘୁଞ୍ଚା ଦେଉନାହିଁ। ଏହାକୁ ନେଇ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ଓ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗି ରହିବା ଚଳିତବର୍ଷର ଥିଲା ଏକ ବିଶେଷ ଘଟଣା। କୋରାପୁଟ ଜିଲା ପ୍ରଶାସନ ଓ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ କଡା ବିରୋଧ ସତ୍ତ୍ୱେ ଆନ୍ଧ୍ର ତାର ଯୋଜନା କାର୍ଯ୍ୟକାରୀ କରିବାକୁ ପଛାଉ ନ ଥିଲା। ଉଭୟ ରାଜ୍ୟର ସୀମା ବିବାଦ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଆନ୍ଧ୍ର ପାଇଁ କିଛି ଫରକ ପଡି ନ ଥିଲା। ଅନ୍ୟପକ୍ଷରେ କୋଟିଆର ସବୁ ଗ୍ରାମରେ ନାମଫଳକ ଲଗାଇ ଚଳିତବର୍ଷ ଚର୍ଚ୍ଚାକୁ ଆସିଥିଲା କୋରାପୁଟ ଜିଲା ପ୍ରଶାସନ। ପ୍ରଶାସନର ଏପରି କାର୍ଯ୍ୟକୁ ସ୍ୱାଗତ କରିଥିଲେ ସୀମାନ୍ତ ଗ୍ରାମବାସୀ। ଫାଟୁସିନେରି ଓ ଫଗୁଣସିନେରି ଗ୍ରାମରେ ଆନ୍ଧ୍ର ଉନ୍ନୟନମୂଳକ କାର୍ଯ୍ୟକରୁଥିବା ସୂଚନା ପାଇ କୋରାପୁଟ ଜିଲା ପ୍ରଶାସନ ନେଇଥିଲା ଏହି ପଦକ୍ଷେପ।




## ଓଡ଼ିଶା ଉପରେ ଛତିଶଗଡ଼ର ବି ନଜର

ଏବେ ଓଡ଼ିଶାର ସବୁ ସୀମାନ୍ତ ଅଞ୍ଚଳ ଉପରେ ପଡୋଶୀ ରାଜ୍ୟଗୁଡିକର ନଜର ପଡିଛି। କୋରାପୁଟ ଜିଲାର ପଟାଙ୍ଗୀ ବ୍ଲକ କୋଟିଆ ଉପରେ ଆନ୍ଧ୍ର ପ୍ରଦେଶ ନଜର ପକାଇଥିବା ବେଳେ ମାଲକାନଗିରି ଜିଲା ସୀମାନ୍ତ ଉପରେ ଛତିଶଗଡ ନଜର ପକାଇଛି। ସଦର ବ୍ଲକ ମଟାପାକା ପଞ୍ଚାୟତ ଆକରପାଲି ଗ୍ରାମକୁ ନିଜ କବ୍‌ଜାକୁ ନେଇଛି ଛତିଶଗଡ଼। ତେବେ ଛତିଶଗଡ ଓଡ଼ିଶା ସୀମା ଭିତରେ ପଡି ରାସ୍ତା ନିର୍ମାଣ କରିସାରିବା ପରେ ମଧ୍ୟ ଏନେଇ ଜିଲା ପ୍ରଶାସନ କିଛି ସୂଚନା ନ ପାଇବା ଚର୍ଚ୍ଚାର ବିଷୟ ହୋଇଥିଲା।

## କଂଗ୍ରେସ ଛାଡ଼ି ଶଙ୍ଖ ଧରିଥିଲେ ପ୍ରଦୀପ ମାଝି

ବର୍ଷ ଶେଷ ବେଳକୁ ନବରଙ୍ଗପୁର ଜିଲା ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିଥିଲା। କଂଗ୍ରେସର ଜଣେ ଟାଣୁଆ ନେତା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଅକ୍ଟୋବର ୨୨ରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଦଳରେ ଲୋକଙ୍କ ପାଇଁ ସେବା କରିବାର ସୁଯୋଗ ନ ଥିବାରୁ ସେ କଂଗ୍ରେସ ଛାଡୁଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ। ନଭେମ୍ବର ୬ ତାରିଖରେ ସେ ବିଜେଡ଼ିରେ ମିଶିଥିଲେ। ପ୍ରଦୀପଙ୍କ ବହୁ ସମର୍ଥକ ମଧ୍ୟ ତାଙ୍କ ସହ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ।


ପ୍ରଦୀପ ମାଝି

## ପୁରୁଣା ଦଳ ଛାଡ଼ିଲେ ଚନ୍ଦ୍ର ଶେଖର, କୁଲେସିକା

କଂଗ୍ରେସରେ ରହି ସରକାରରେ ବିରୋଧୀ ଭୂମିକା ତୁଲାଉଥିଲେ। ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱରକୁ ଶାଣିତ କରୁଥିଲେ। ପ୍ରଶାସନକୁ ହ ର ଡ ଘ ଣ । ରେ ପକାଉଥିଲେ। ମାତ୍ର ରାଜନୀତିରେ ସବୁ ସମ୍ଭବ ଉକ୍ତିକୁ ପ୍ରମାଣିତ କରି ଭୁଲିଗଲେ ପୁରୁଣା ଘରକୁ। କଂଗ୍ରେସକୁ। ୨୦୨୧ରେ ପୁରୁଣା ଦଳ ଛାଡି ବିଜେଡିକୁ ଆସିଛନ୍ତି କୋଟପାଡର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ଏବଂ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲେସିକା। ଉଭୟଙ୍କ ଦଳଡିଆଁ ରାଜ୍ୟ ରାଜନୀତିକୁ ସେତେବେଳେ ବେଶ୍ ସରଗରମ ରଖିଥିଲା କିଛି ଦିନ।


ଚନ୍ଦ୍ର ଶେଖର ମାଝି


କୈଳାସ କୁଲେସିକା

## ଘଟଣା /ଦୁର୍ଘଟଣା

### ନଦୀରେ ଗଲା ୮ ଜୀବନ

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ମେ ୨୫ରେ ଘଟିଥିଲା ଏକ ଦୁଃଖଦ ଘଟଣା। ନଦୀରେ ଡଙ୍ଗା ବୁଡି ୮ଜଣଙ୍କ ମୃତ୍ୟୁ ହୋଇଥିଲା। ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଠାୱାଡା ପଞ୍ଚାୟତ ଓ କନ୍ଧଗୁଡ଼ା ଗ୍ରାମର ୩୨ ଜଣ ହାଇଦ୍ରାବାଦର ଏକ ଇଟାଭାଟିକୁ କାମ କରିବାକୁ ଯାଇ କରୋନା କଟକଣା ଯୋଗୁ ଗ୍ରାମକୁ ଫେରିପାରି ନ ଥିଲେ। ମେ ୨୫ ରାତିରେ ସେମାନେ ଜଳପଥରେ ୨ଟି କାଠ ଡଙ୍ଗାରେ ଲୁଚିଲୁଚି ସିଲେରୁ ଦେଇ ଓଡ଼ିଶା ଫେରୁଥିଲେ। ପ୍ରଥମେ ୨୧ ଜଣ ଗୋଟିଏ ଡଙ୍ଗାରେ କୂଳକୁ ଫେରି ଆସିଥିବା ବେଳେ ଅନ୍ୟ ଏକ ଡଙ୍ଗାରେ ୧୧ ଜଣ ଫେରୁଥିଲେ। ଉକ୍ତ ଡଙ୍ଗାଟି ପାଣିରେ ଥିବା ଏକ ଖୁଣ୍ଟରେ ପିଟିହୋଇ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଫଳରେ ୮ଜଣଙ୍କ ମୃତ୍ୟୁ ହୋଇଥିଲା।

## ଶାନ୍ତି ଦେବୀଙ୍କୁ ପଦ୍ମଶ୍ରୀ



ପଦ୍ମଶ୍ରୀ ଉପାଧିରେ ବିଭୁଷିତ ହୋଇଥିଲେ ରାୟଗଡ଼ା ଜିଲା ଗୁଣପୁରର ସମାଜସେବୀ ତଥା ଗାନ୍ଧୀବାଦୀ ରତନ ଦାସଙ୍କ ସ୍ତ୍ରୀ ଶାନ୍ତି ଦେବୀ। ଚଳିତ ବର୍ଷ ନଭେମ୍ବରରେ ରାଷ୍ଟ୍ରପତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ମାନିତ କରିଥିଲେ। ସେବା ସମାଜ ଗଠନ କରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ଗୌରବର ଅଧିକାରିଣୀ ହୋଇପାରିଛନ୍ତି। ଦୀର୍ଘ ୪ ଦଶନ୍ଧି ଧରି ଶାନ୍ତି ଦେବୀ ରାୟଗଡ଼ ସମେତ କୋରାପୁଟ ଜିଲାରେ ସମାଜ ସେବା କରି ଆସୁଛନ୍ତି।

## ବର୍ଷକରେ ମରିଛନ୍ତି ୧୬୦ ମାଓବାଦୀ



ବର୍ଷେ ମଧ୍ୟରେ ୧୬୦ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ବିଭିନ୍ନ ସମୟରେ ଗୁଳି ବିନିମୟ, ଦୁର୍ଘଟଣା ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଏହି ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏନେଇ ମାଓବାଦୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ମାଓବାଦୀ କୋସା ନିହତ ହୋଇଥିଲେ। ବହୁ ହିଂସାକାଣ୍ଡରେ ଜଡିତ କୋସା ୧୫ ବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରି ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ। ଦୀର୍ଘ ୪ ଦଶନ୍ଧି ଧରି ମାଓବାଦୀ ସଙ୍ଗଠନର ନେତୃତ୍ୱ ନେଇଥିବା ହାର୍ଡକୋର ମାଓବାଦୀ ନେତା ଆର୍‌.କେ. ଓରଫ୍ ଆକିରାଜୁଙ୍କର ଚଳିତବର୍ଷ ମୃତ୍ୟୁ ହୋଇଥିଲା। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଛତିଶଗଡ଼ ଦକ୍ଷିଣବସ୍ତର ଜଙ୍ଗଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପାଇଁ ୫ ରାଜ୍ୟ ସରକାର କୋଟିଏ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ୨୦୦୧ ଫେବୃୟାରୀ ୧୭ରେ ତତ୍କାଳୀନ ମାଲକାନଗିରି ଜିଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ, ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲା ଦରଭା ଘାଟିରେ ଲ୍ୟାଣ୍ଡ ବିସ୍ଫୋରଣରେ ୨୭ କଂଗ୍ରେସ ନେତାଙ୍କୁ ମାରିବାରେ ଆରକେଙ୍କ ଭୂମିକା ଥିଲା। ସେହିପରି କରୋନା ୧୧ ମାଓବାଦୀଙ୍କ ଜୀବନ ନେଇଥିଲା।

## କ୍ଷୁଦ୍ର ଗ୍ରହ ଆବିଷ୍କାର କଲେ ବନିତା

ନବରଙ୍ଗପୁର ଝିଅ ବନୀତା ଖାଗୋଲାଲା ଆଷ୍ଟ୍ରୋଏଡ ସର୍ଚ୍ଚ ପିଲମାନଙ୍କୁ ଆଷ୍ଟ୍ରୋଏଡ ଚିହ୍ନଟ ତାଲିମ ଟେଲିସ୍କୋପ ବ୍ୟବହାର କରି ଏକ ଆଷ୍ଟ୍ରୋଏଡ ୟୁନିଭରସିଟି ଏବଂ ଅନ୍ତର୍ଜାତୀୟ ଜ୍ୟୋର୍ତିର୍ବିଜ୍ଞାନ ନାମରେ ନାମିତ ମଧ୍ୟ କରାଯାଇଛି। ସୂଚନାନୁଯାୟୀ, ଦାସ ଓ ଅନୀତାଙ୍କ ଝିଅ। ସେ ଏବେ ମଧ୍ୟପ୍ରଦେଶର



ଦାସ ଚଳିତ ବର୍ଷ ଜାନୁୟାରୀରେ ଅଭିଯାନରେ ଯୋଗ ଦେଇଥିଲେ। ସେଠାରେ ଦିଆଯାଇଥିଲା। ସେ ହାୱାଇରେ ଅବସ୍ଥିତ ଏକ ଆବିଷ୍କାର କରିଥିଲେ। ନାସା, ହାର୍ଡିନ୍-ସିମନ୍ସ ସନ୍ଧାନ ସହଯୋଗରେ ଉକ୍ତ ଗ୍ରହକୁ ସ୍ୱୀକୃତି ଦିଆଯାଇ ତାଙ୍କ ବନୀତା ନବରଙ୍ଗପୁର ଜିଲା ଗାଦୁଆଗୁଡ଼ା ସାହି ବନବିହାରି ଅନୁପୁରର ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି।

## ୭ ମାଓବାଦୀଙ୍କ ଆତ୍ମ ସମର୍ପଣ


ଦୁବାସୀ ଶଙ୍କର

ରାଜ୍ୟ ସରକାରଙ୍କ ଥଇଥାନ ନୀତିରେ ଆକୃଷ୍ଟ ହୋଇ କୋରାପୁଟ ଓ ମାଲକାନଗିରି ଜିଲାର ୭ ମାଓବାଦୀ ଆତ୍ମସମର୍ପଣ କରିବା ଚଳିତବର୍ଷର ଏକ ପ୍ରମୁଖ ବିଷୟ। ସେମାନେ ହେଲେ ମାଲକାନଗିରିର ରାମେ ପଡିଆମି, ରାଇଧର ଦୁରୁଆ। କୋରାପୁଟ ଜିଲାର ଗିତା ପଡିଆମି, ଦେବେ ପଡିଆମି, ଦୁବାସୀ ଶଙ୍କର, ଫୁଲମତୀ ଉସନନ୍ଦା, ତୁଲେସି ହୁଇକା ଓ ସନାଲ ମନଦେବ ଆଲିଶ କିରଣ। ଦୁବାସୀ ଶଙ୍କର ଥିଲେ ଚଳିତବର୍ଷର ଚର୍ଚ୍ଚିତ ମାଓବାଦୀ। ତାଙ୍କ ନାମରେ ବିଭିନ୍ନ ରାଜ୍ୟ ସରକାର କୋଟିଏ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## ଡଙ୍ଗରିଆଙ୍କ ଇଲାକାରେ କରୋନା

କରୋନାର ଦ୍ୱିତୀୟ ଲହରରେ ରାୟଗଡ଼ା ଜିଲାର ଆଦିମ ଜନଜାତି ଡଙ୍ଗରିଆଙ୍କ ନିୟମଗିରି ପାହାଡ଼ ଅଞ୍ଚଳରେ କାୟା ବିସ୍ତାର କରିଥିଲା କରୋନା। ସହରୀ ଜନସାଧାରଣଙ୍କଠାରୁ ବହୁ ଦୂରରେ ରହୁଥିବା ଡଙ୍ଗରିଆମାନେ କରୋନା କବଳକୁ ଚାଲିଯାଇଥିଲେ। ଏଠାରେ କରୋନାକୁ ନିୟନ୍ତ୍ରଣ ଏବଂ ସେମାନଙ୍କ ଚିକିତ୍ସା କରିବା ପ୍ରଶାସନ ପାଇଁ କାଠିକର ପାଠ ହୋଇଥିଲା। ଡିକେଡିଏ, ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଉକ୍ତ ଅଞ୍ଚଳକୁ ବାରମ୍ବାର ଯାଇ ସେମାନଙ୍କୁ ସଚେତନ କରୁଥିଲେ। ପରବର୍ତ୍ତୀ ସମୟରେ ଡଙ୍ଗରିଆମାନଙ୍କ ସହଯୋଗରେ ଉକ୍ତ ଅଞ୍ଚଳବାସୀଙ୍କୁ ଟିକାକରଣ କରିବାରେ ମଧ୍ୟ ପ୍ରଶାସନ ସଫଳ ହୋଇଥିଲା।





**ଭାରତ ବିପକ୍ଷରେ ଖେଳିବେନି ନୋର୍ଜେ**

ଦକ୍ଷିଣ ଆଫ୍ରିକା ପେସ୍ ବୋଲର ଅନରିଚ୍ ନୋର୍ଜେ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳିବେ ନାହିଁ।

୦୬

୦୪

**୧୫ ବର୍ଷରୁ ଅଭିନୟ ଦୁନିଆରେ**

ମାତ୍ର ୧୫ ବର୍ଷ ବୟସରେ ଅଭିନୟ ଦୁନିଆରେ ପାଦ ରଖିଥିବା ଅଭିନେତ୍ରୀ ତମନ୍ନା ଭାଟିଆ ୩୧ ବର୍ଷରେ ପଦାର୍ପଣ କରିଛନ୍ତି।



# ଓଡ଼ିଶାରେ ଓମିକ୍ରନ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ' ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ଏବେ ଓଡ଼ିଶାରେ ପ୍ରବେଶ କରିଛି। ଓଡ଼ିଶାରେ ଦୁଇଜଣ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନାଇଜେରିଆ ଓ ଆଉ ଜଣେ କାତାରରୁ ଫେରିଛନ୍ତି। ଏ ନେଇ ମଙ୍ଗଳବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଦୁଇଜଣ ଯାକ ପୁରୁଷ। ନାଇଜେରିଆ ଫେରନ୍ତାଙ୍କ ଘର କଟକରେ ଓ ବୟସ ୪୧ ବର୍ଷ। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି କାତାର ଫେରନ୍ତାଙ୍କ ଘର ଜଗତ୍‌ସିଂହପୁର ଓ ବୟସ ୪୩ ବର୍ଷ। ତାଙ୍କୁ କୋଭିଡ୍ ହସ୍ପିଟାଲରେ ରଖାଯାଇଛି। ଦୁହିଁଙ୍କର ଜିନୋମ୍ ସିକ୍ୱେନ୍ସିଂ ପରେ 'ଓମିକ୍ରନ' ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଉଭୟ ନନ୍ ଆଟ୍ ରିସ୍କ ଦେଶରୁ ଫେରିଛନ୍ତି, ଯାହା କି ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମିଶ୍ର କହିଛନ୍ତି, ଓଡ଼ିଶାରୁ ଚିହ୍ନଟ ହୋଇଥିବା

**୨ ସଂକ୍ରମିତ ଚିହ୍ନଟ**

- ନାଇଜେରିଆ, କାତାରରୁ ଫେରିଛନ୍ତି
- ସଂସ୍ପର୍ଶରେ ଆସିଛନ୍ତି ୨୧
- ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର: ସ୍ୱାସ୍ଥ୍ୟ ବିଭାଗ



ଦୁଇଜଣ ଓମିକ୍ରନ୍ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଉଭୟ ଆକ୍ରାନ୍ତଙ୍କ ମଧ୍ୟରୁ ଜଣଙ୍କର କିଛି ଲକ୍ଷଣ ନ ଥିବାବେଳେ ଅନ୍ୟ ଜଣଙ୍କର ଅଳ୍ପ କାଶ ହେଉଛି। ଉଭୟଙ୍କୁ ଆଇସୋଲେଶନରେ ରଖାଯାଇଛି। ଉଭୟଙ୍କ କଣ୍ଟାକ୍ଟ ଟ୍ରେସିଂ ସରିଛି। ୨୧ ଜଣ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ନାଇଜେରିଆ ଫେରନ୍ତା ୧୧ଜଣ ଏବଂ କାତାର ଫେରନ୍ତା ୧୦ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ସମସ୍ତ ୨୧ ଜଣଙ୍କର ଟେଷ୍ଟିଂ କରାଯାଉଛି। ତେଣୁ ଲୋକେ ଭୟଭୀତ ନ ହେବା ପାଇଁ ଡା. ମିଶ୍ର ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାକୁ ନଭେମ୍ବରରୁ ଏପର୍ଯ୍ୟନ୍ତ ୮,୮୦୦ ବିଦେଶ ଫେରନ୍ତା ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଆଟ୍ ରିସ୍କ ଦେଶରୁ ୧,୬୦୦ ଜଣ ଆସିଛନ୍ତି। ☞ପୃଷ୍ଠା-୨

## ରାଜଧାନୀରେ ପୁଣି କଣ୍ଟେନ୍‌ମେଣ୍ଟ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

କିଛି ମାସର ବ୍ୟବଧାନ ପରେ ରାଜଧାନୀକୁ ପୁଣି ଫେରିଛି କଣ୍ଟେନ୍‌ମେଣ୍ଟ କଟକଣା। କରୋନାର ନୂଆ ଭାରିଆଣ୍ଟ ଓମିକ୍ରନର ଭୟ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଥିବାବେଳେ ବମିଖାଲ ଜୟଦୁର୍ଗା ନଗର ଓ ଭିଏସ୍ଏସ୍ ନଗରର ୧୧ନମ୍ବର ଓ୍ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜୟଦୁର୍ଗା ନଗରର ପ୍ଲଟ୍ ନମ୍ବର ୧୩୦୩ /୧୩୦୪ ରେ ରହୁଥିବା ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉଭୟ ନିକଟରେ ବ୍ରିଟେନ୍‌ରୁ ଫେରିଛନ୍ତି। ସେମାନଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିନୋମ ସିକ୍ୱେନ୍ସିଂ ପାଇଁ ଆଇଏଲ୍ଏସ୍‌କୁ ନମୁନା ପଠାଯାଇଛି। ଉଭୟଙ୍କୁ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ସଦସ୍ୟ ଏବଂ ଅନ୍ୟମାନଙ୍କ ଖୁବ୍‌ଶୀଘ୍ର କରୋନା ଟେଷ୍ଟ କରାଯିବ ବୋଲି ଦକ୍ଷିଣ-ପୂର୍ବ ଜୋନ୍‌ର ଡେପୁଟି କମିଶନର ମହେନ୍ଦ୍ର ବଡ଼େଇ ସୂଚନା ଦେଇଛନ୍ତି। ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ସତର୍କତାମୂଳକ ଭାବେ ବିଏମ୍‌ସି ପକ୍ଷରୁ ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବା ଲୋକଙ୍କୁ ବିଏମ୍‌ସି ପକ୍ଷରୁ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଓ ଔଷଧ ଯୋଗାଇ ଦିଆଯିବ। ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍ ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର କିଶୋର ☞ପୃଷ୍ଠା-୨

# ଜାଡ଼ରେ ଥରୁଛି ରାଜ୍ୟ



କେନ୍ଦୁଝର ଜିଲା ସଦର ବ୍ଲକ ଅଞ୍ଚଳରେ ମଙ୍ଗଳବାର ଘାସପତ୍ର ଉପରେ ଦେଖିବାକୁ ମିଳିଥିବା ତୁଷାର ଆସ୍ତରଣ।

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ସାରା ରାଜ୍ୟରେ ଏବେ ଶୀତ ଲହରି ଜାରି ରହିଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଏହି ଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଗତ ୩ ରୁ ୪ ଦିନ ଧରି ଓଡ଼ିଶା ମଧ୍ୟକୁ ବାୟୁମଣ୍ଡଳର ତଳ ଭାଗରେ ଉତ୍ତର ପଶ୍ଚିମ ତଥା ଉତ୍ତର ଦିଗରୁ କ୍ରମାଗତ ଭାବେ ଥଣ୍ଡା ଏବଂ ଶୁଷ୍କ ବାୟୁ ପ୍ରବେଶ କରୁଛି। ପ୍ରଭାବରେ ରାଜ୍ୟର କିଛି ଜିଲାରେ ଶୀତ ଲହରି, ତୀବ୍ର ଶୀତ ଲହରି ତଥା ଥଣ୍ଡା ଅନୁଭୂତ ହେବ। ସେଥିପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ, ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ଆଗାମୀ ୩ ଦିନ ଯାଏ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକରେ ରାତ୍ରି ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ୫ ରୁ ୬ଡିଗ୍ରୀ ଯାଏ କମ୍ ରହିବା ସମ୍ଭାବନା ଥିବାବେଳେ ଉପକୂଳ ଓଡ଼ିଶାର ଜିଲାଗୁଡ଼ିକରେ ରାତ୍ରି ତାପମାତ୍ରା ସ୍ୱାଭାବିକ ତାପମାତ୍ରା ଠାରୁ ୪ ରୁ ୫ ଡିଗ୍ରୀ ଯାଏ କମ୍ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ସତର୍କ ରହିବା ପାଇଁ ସବୁ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ☞ପୃଷ୍ଠା-୨

- ୩.୫ ଡିଗ୍ରୀରେ ଦାରିଙ୍ଗବାଡ଼ି ଥଣ୍ଡା ସହର
- ୧୦ଡିଗ୍ରୀ ତଳେ ୧୯ ସ୍ଥାନର ତାପମାତ୍ରା
- ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍ଆର୍‌ସିଙ୍କ ଚିଠି

**ରେକର୍ଡ ଭାଙ୍ଗିଲା ଭୁବନେଶ୍ୱର**

ଚଳିତବର୍ଷ ସାରା ରାଜ୍ୟରେ ଶୀତର ପ୍ରକୋପ ବଢ଼ିଥିବାବେଳେ ରାଜଧାନୀରେ ବି ତାହା ଅନୁଭୂତ ହୋଇଛି। ଭୁବନେଶ୍ୱରରେ ବି ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ଭୁବନେଶ୍ୱରରେ ୧୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି, ଯାହାକି ଗତ ୧୦ ବର୍ଷ ମଧ୍ୟରେ ଡିସେମ୍ବରରେ ରେକର୍ଡ କରାଯାଇଥିବା ତାପମାତ୍ରା ମଧ୍ୟରୁ ଏହା ତୃତୀୟ ସର୍ବନିମ୍ନ ତାପମାତ୍ରା ରହିଥିଲା। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୦୧୧-୨୦୨୧ ମଧ୍ୟରେ ୨୦୧୮ ଡିସେମ୍ବର ୩୦ରେ ୮.୨% ତାପମାତ୍ର ରହିଥିଲା। ତାହା ଏ ପର୍ଯ୍ୟନ୍ତ ସର୍ବନିମ୍ନ ରହିଛି। ଦ୍ୱିତୀୟରେ ୨୦୧୯ ଡିସେମ୍ବର ୩୧ରେ ୯.୮ ଡିଗ୍ରୀ ରହିଥିଲା। ତୃତୀୟ ସର୍ବନିମ୍ନ ୨୦୧୨ ଡିସେମ୍ବର ୨୮ରେ ୧୦.୭ ଡିଗ୍ରୀ ରହିଥିଲା। ମଙ୍ଗଳବାର ତାପମାତ୍ରା ଉକ୍ତ ରେକର୍ଡକୁ ଭାଙ୍ଗି ଦେଇଛି।

## ଆଉ ଜଣେ ସନ୍ଦିଗ୍ଧଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ

**ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପିଏ ଚିତ୍ତରଞ୍ଜନ ହତ୍ୟା ମାମଲା**

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲା ଉପରୁ ଏପର୍ଯ୍ୟନ୍ତ ରହସ୍ୟର ପରଦା ହଟିପାରିନାହିଁ। ତେବେ ଏହି ହତ୍ୟା ମାମଲାରେ ପୋଲିସ ସ୍କାନର୍‌ରେ ଥିବା ତିନିଜଣ ସନ୍ଦିଗ୍ଧଙ୍କ ମଧ୍ୟରୁ ସୋମବାର ୨ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ସରିଥିଲା। ମଙ୍ଗଳବାର ଆଉ ଜଣଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଛି। ପୂର୍ବାହ୍ନରେ ଜଣେ ସନ୍ଦିଗ୍ଧଙ୍କୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ ଲାବ୍‌କୁ ଅଣାଯାଇ ଟେଷ୍ଟ କରାଯାଇଥିଲା। ହତ୍ୟା ମାମଲାରେ ଜଡ଼ିତ ବିଭିନ୍ନ ଦିଗକୁ ନେଇ ତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଚିତ୍ତରଞ୍ଜନ ହତ୍ୟା ମାମଲାରେ ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମବ୍ରାଞ୍ଚ ହାତରେ ଲାଗିଥିବା ବେଳେ ଏନେଇ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ। ଭିସେରା ରିପୋର୍ଟ ମଧ୍ୟ ଆସିନାହିଁ। ଏସବୁ ରିପୋର୍ଟ ଆସିବା ପରେ କ୍ରାଇମବ୍ରାଞ୍ଚ ତା'ର ତଦନ୍ତ ଆଗକୁ ବଢ଼ାଇବ। ଇତିମଧ୍ୟରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତକୁ ୭ଦିନ ପୂରିଛି। ପ୍ରକୃତରେ ଚିତ୍ତରଞ୍ଜନଙ୍କର କିପରି ମୃତ୍ୟୁ ଘଟିଥିଲା ତାହା ଏବେ ବି ରହସ୍ୟ ଘେରରେ ରହିଛି।




## ବ୍ରହ୍ମନଗରରେ ୧୪୪ ଧାରା, ଗ୍ରୀଲ୍ ଭାଙ୍ଗିବା ନେଇ ଏତଲା

**ବ୍ରହ୍ମପୁର ଅଫିସ,୨୧।୧୨**

ବହୁଚର୍ଚ୍ଚିତ ତପସ୍ୱିନୀ ଦାଶ-ଡା. ସୁମିତ ସାହୁ ବିବାଦ ପ୍ରତିଦିନ ଭିନ୍ନ ମୋଡ଼ ନେଉଛି। ସୋମବାର ସୁମିତଙ୍କ ଘରର ଗ୍ରୀଲ୍ ଭଙ୍ଗାଯିବା ଘଟଣା ପରେ ବ୍ରହ୍ମପୁର ବ୍ରହ୍ମନଗର ଦ୍ୱିତୀୟ ଗଳିରେ ମଙ୍ଗଳବାର ୧୪୪ ଧାରା ଜାରି କରାଯାଇଛି। ଗ୍ରୀଲ୍ ଭାଙ୍ଗି ଭିତରେ ପ୍ରବେଶ ଘଟଣାକୁ ନେଇ ସୁମିତଙ୍କ ବାପା ପ୍ରମୋଦ କୁମାର ସାହୁ ମଙ୍ଗଳବାର ବୈଦ୍ୟନାଥପୁର ଥାନାରେ ତପସ୍ୱିନୀ, ପ୍ରମିଳା ତ୍ରିପାଠୀଙ୍କ ସହ ଅନ୍ୟ ମହିଳାମାନଙ୍କ ନାଁରେ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଇଛନ୍ତି, ଆମେ ଗୃହବନ୍ଦୀ। ବୃଦ୍ଧା ମା' ଓ ପରିବାର ସଦସ୍ୟଙ୍କ ଜୀବନ ଅସୁରକ୍ଷିତ ବୋଲି ଏତଲାରେ ଦର୍ଶାଯାଇଛି। ସେହିପରି ମଙ୍ଗଳବାର ସୁମିତ ଓ ତାଙ୍କ ଜେଜେ ମା' ଏକ ଭିଡିଓରେ ☞ପୃଷ୍ଠା-୨

**ତପସ୍ୱିନୀ-ସୁମିତ ବିବାଦ**



## ଡାଟା ଏଣ୍ଟ୍ରି ଅପରେଟରଙ୍କ ନିଯୁକ୍ତିକୁ ନିୟମିତ କର: ହାଇକୋର୍ଟ

**କଟକ ଅଫିସ,୨୧।୧୨**

ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ରେ ଠିକା ନିଯୁକ୍ତି ପାଇଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ନିଯୁକ୍ତିକୁ ନିୟମିତ କରିବାକୁ ମଙ୍ଗଳବାର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଟିଏ ତଥା ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୩୫୦ ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କ ନିଯୁକ୍ତିକୁ ଆସନ୍ତା ୩ ମାସ ମଧ୍ୟରେ ନିୟମିତ ସହ ସମସ୍ତ ସୁବିଧା ଯୋଗାଇ ଦେବାକୁ ବିଚାରପତି ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ସରକାରୀ ସଂସ୍ଥାରେ କାର୍ଯ୍ୟରତ ଠିକା ଡାଟା ଏଣ୍ଟ୍ରି ଅପରେଟର ପିଟିଶନରେ ଦର୍ଶାଇଥିଲେ, ସେମାନେ ୨୦୦୮ରୁ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ନିୟମିତ କରାଯାଉନାହିଁ। ତୁରନ୍ତ ନିଯୁକ୍ତି ନିୟମିତ ସହ ସମସ୍ତ ସୁବିଧା ପ୍ରଦାନ କରିବା ଲାଗି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**ଆଜିର ସମ୍ପାଦକୀୟ**

ଜମ୍ମୁ କଶ୍ମୀର ଆସନ


# ସାଙ୍ଗିଆ ଚୟନ ସ୍ୱାଧୀନତା

**ନାରୀ ସଶକ୍ତୀକରଣର ପ୍ରସଙ୍ଗ ଉଠିଲେ ପ୍ରଥମେ ଆଲୋଚନା ହୁଏ ମହିଳା ସ୍ୱାଧୀନତା ଉପରେ। ହେଲେ ଶିଶୁ ଜନ୍ମ ହେବା ପରେ ତା'ର ସାଙ୍ଗିଆ (ସର୍‌ନେମ୍) ବାପାଙ୍କ ନାମ ଅନୁଯାୟୀ ନିର୍ଦ୍ଧାରଣ କରାଯିବା କେବଳ ପ୍ରାଚ୍ୟ ନୁହେଁ, ପାଶ୍ଚାତ୍ୟ ଚଳଣିରେ ମଧ୍ୟ କେଉଁ ଆବହମାନ କାଳରୁ ପ୍ରଚଳିତ। ଏଭଳି ପରମ୍ପରା ଲିଙ୍ଗଗତ ବିଭେଦତାକୁ ଊଣା ଅଧିକେ ପ୍ରୋତ୍ସାହନ କରୁଥିବା ଅଭିଯୋଗ ହୋଇଆସୁଛି। ଏହାକୁ ଦୂର କରିବାକୁ ଫ୍ରାନ୍ସ ସରକାର ନୂତନ ନିୟମ ଆଣିବାକୁ ଯାଉଛନ୍ତି। ଏହି ଆଇନ କାର୍ଯ୍ୟକାରୀ ହେଲେ ସନ୍ତାନଙ୍କ ପାଇଁ ସାଙ୍ଗିଆ ଇଚ୍ଛାଧୀନ ହୋଇଯିବ। ଅର୍ଥାତ୍ ସେ ଉଭୟ ମା' କିମ୍ବା ବାପାଙ୍କ ମଧ୍ୟରୁ ଜଣଙ୍କର ସାଙ୍ଗିଆ ବ୍ୟବହାର କରିପାରିବେ।**

**ପ୍ୟାରିସ୍, ୨୧।୧୨**

ବାପାଙ୍କ ସାଙ୍ଗିଆ ଅନୁଯାୟୀ ପରିଚୟ ପାଇଥାଆନ୍ତି ଜନ୍ମିତ ସନ୍ତାନ। ପୃଥିବୀର ପ୍ରାୟ ସମସ୍ତ ଦେଶରେ ଜଣଙ୍କ ନାମ ଆଗରେ କିମ୍ବା ପଛରେ ତାଙ୍କ ପିତାଙ୍କ ସର୍‌ନେମ୍ ଲାଗିଥାଏ। ସିଧାସଳଖ ଭାବେ କହିଲେ ମହିଳାଙ୍କ କ୍ଷେତ୍ରରେ ଏଭଳି ସୌଭାଗ୍ୟ ଜୁଟି ନ ଥାଏ। ଓଲଟି ଭାରତ ଭଳି ଦେଶରେ ବିବାହିତା ମହିଳାମାନେ ନିଜର ସ୍ୱାମୀଙ୍କ ସାଙ୍ଗିଆଧାରୀ ପାଲଟିଯାଆନ୍ତି। ହେଲେ ସାମାଜିକ ଜୀବନର ସନ୍ତୁଳନ ରକ୍ଷା ଏବଂ ଲିଙ୍ଗଗତ ତାରତମ୍ୟ କମାଇବା ଦିଗରେ ସର୍ବଦା ଅଭିନବ ପଦକ୍ଷେପ ନେଇ ଚର୍ଚ୍ଚାରେ ରହୁଥିବା ୟୁରୋପୀୟ ରାଷ୍ଟ୍ର ଫ୍ରାନ୍ସରେ ଏବେ ଏହି ଚିରାଚରିତ ନିୟମ ବଦଳିଯିବ। ଜଣେ ଚାହିଁଲେ ନିଜ ଇଚ୍ଛା ଅନୁଯାୟୀ ସାଙ୍ଗିଆ ଚୟନ କରିପାରିବେ। ଖୁବ୍‌ଶୀଘ୍ର ଏଭଳି ଏକ ନିୟମ ଆଣିବାକୁ ଯାଉଛନ୍ତି ସେଠାକାର ସରକାର। ଏହା କାର୍ଯ୍ୟକାରୀ ହେଲେ ୧୮ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ନିଜ ନାମରେ ମା'ଙ୍କ ସାଙ୍ଗିଆ ବ୍ୟବହାର କରିପାରିବେ। ତେବେ ଏହା ସମ୍ପୂର୍ଣ୍ଣ ଇଚ୍ଛାଧୀନ ହେବ ବୋଲି ସ୍ପଷ୍ଟ କରିଛନ୍ତି ଫ୍ରାନ୍ସର ଆଇନ ମନ୍ତ୍ରୀ ଏରିକ୍ ଡୁପୋଣ୍ଡ ମୋରେଟି।

ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଫ୍ରାନ୍ସରେ ଇଚ୍ଛାଧୀନ ଭାବେ ସାଙ୍ଗିଆ ବଦଳାଇବା ଲାଗି ଅନୁମତି ଦିଆଯାଇଛି। ହେଲେ ଏହି ପ୍ରକ୍ରିୟା ଅଧିକ ଜଟିଳ। ତେବେ ଆସିଥିବା ପ୍ରସ୍ତାବ ଆଇନରେ ପରିଣତ ହେଲେ ଏହା ସରଳ ହୋଇଯିବ। ଫଳରେ ଯେଉଁ ପରିବାରରେ କେବଳ ମା'ମାନେ ସନ୍ତାନର ଲାଳନପାଳନ ଦାୟିତ୍ୱ ନିର୍ବାହ କରୁଛନ୍ତି, ସେମାନଙ୍କୁ ଉଚିତ ନ୍ୟାୟ ମିଳିପାରିବ। ସେହିପରି ପିତାଙ୍କ ବ୍ୟବହାର ଯନ୍ତ୍ରଣାଦାୟକ ହେଲେ ସନ୍ତାନମାନେ ମା'ଙ୍କ ନାମରେ ବଞ୍ଚିବା ଲାଗି ସ୍ୱାଧୀନତା ପାଇପାରିବେ।

**ଫ୍ରାନ୍ସ ସରକାର ଆଣିବେ ନୂଆ ନିୟମ**




**ଭୋଟିଂ ପରେ ସ୍ପଷ୍ଟ ହେବ ଚିତ୍ର**

ଫ୍ରାନ୍ସର କ୍ଷମତାସୀନ ଏଲ୍ଆର୍‌ଇଏମ୍ ପାର୍ଟିର ସଦସ୍ୟ ପେଟ୍ରିକ୍ ବିଗ୍‌ନଲ ଇଚ୍ଛାଧୀନ ସାଙ୍ଗିଆ ପରିବର୍ତ୍ତନ ଲାଗି ପ୍ରସ୍ତାବ ଆଣିଛନ୍ତି। ଖୁବ୍‌ଶୀଘ୍ର ଏଥିଲାଗି ଭୋଟିଂ ହେବ। ଏହାର ପରିଣାମ ସକାରାତ୍ମକ ହେଲେ ପ୍ରସ୍ତାବ ଆଇନରେ ପରିଣତ ହେବ ଏବଂ ସାଙ୍ଗିଆ ବଦଳାଇବା ଲାଗି ପିଲାମାନଙ୍କୁ ଅନୁମତି ମିଳିବ। ଏଥିଲାଗି ସେମାନଙ୍କୁ କୌଣସି କାରଣ ଦର୍ଶାଇବା ବାଧ୍ୟତାମୂଳକ ନୁହେଁ।

## ରାଶନକାର୍ଡ ହିତାଧିକାରୀଙ୍କୁ ୧୦୦୦

**କୋଭିଡ୍ ସହାୟତା**

- ଖର୍ଚ୍ଚ ହେବ ୩୫୦ କୋଟି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାର ରାଜ୍ୟର ୩ କୋଟି ୫୦ ଲକ୍ଷ ରାଶନକାର୍ଡଧାରୀଙ୍କୁ ୧ ହଜାର ଟଙ୍କାର କୋଭିଡ୍ ସହାୟତା ପ୍ରଦାନ କରିବେ। ଏଥିପାଇଁ ୩୫୦ କୋଟି ଟଙ୍କା ବ୍ୟୟ କରିବେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍ (ଏସ୍ଏଫ୍ଏସ୍ଏସ୍) ଅଧୀନରେ ଥିବା ଯୋଗ୍ୟ ହିତାଧିକାରୀମାନେ ଏହି ସହାୟତା ପାଇବେ। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ଅର୍ଥ ୩୦ ଜିଲାକୁ ପଠାଇବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଏମ୍.କ୍ୟୁ. ହକ୍ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ୩୦ ଜିଲାର ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଖୁବ୍‌ଶୀଘ୍ର ଏହି ଅର୍ଥ ପଠାଯିବ। ଏହି ବିତରଣ ପ୍ରକ୍ରିୟା ଆରମ୍ଭ ହୋଇ ୭ ଦିନ ମଧ୍ୟରେ ଶେଷ ହେବ। ତେବେ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେଓ୍ୱାଇ) କାର୍ଡକୁ ପ୍ରାଥମିକ ପରିଚୟ ପତ୍ର ଭାବେ ଗ୍ରହଣ କରାଯିବ। ବିଏସ୍‌କେଓ୍ୱାଇ କାର୍ଡ ନ ଥିଲେ, ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏସ୍ କାର୍ଡକୁ ପରିଚୟପତ୍ର ଭାବେ ଗ୍ରହଣ କରାଯିବ। ଜିଲାପାଳମାନେ ବ୍ଲକ ଏବଂ ପୌର ପରିଷଦ ବ୍ୟାଙ୍କ ଆକାଉଣ୍ଟକୁ ସହାୟତା ଅର୍ଥ ପଠାଇବେ। ବ୍ଲକ ଓ ପୌରାଞ୍ଚଳର ମାର୍କେଟିଂ ଇନ୍ସପେକ୍ଟରମାନେ ଏନ୍ଏଫ୍ଏସ୍ଏ ଏବଂ ଏସ୍ଏଫ୍ଏସ୍ଏସ୍ ପଞ୍ଚାୟତ ଏବଂ ଓ୍ୱାର୍ଡ ଓ୍ୱାରି ହିତାଧିକାରୀଙ୍କର ସମସ୍ତ ସୂଚନା ଦେବେ। ସେହି ଆଧାରରେ ଅର୍ଥ ପଇଠ କରାଯିବ। ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ କୋଭିଡ୍ ସହାୟତା ପ୍ରଦାନ କରିଥିବା ଅଧିକାରୀଙ୍କଠାରୁ ପ୍ରମାଣପତ୍ର ସଂଗ୍ରହ କରିବେ। ଯଦି ଏ ବାବଦରେ କୌଣସି ଅର୍ଥ ବଳକା ହେବ ତେବେ ତାହାକୁ ଯୋଗାଣ ନିଗମ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେବାକୁ କୁହାଯାଇଛି।

**ଆଜିର ମନ୍ତବ୍ୟ**

"ଝିଅମାନେ ଉଚ୍ଚଶିକ୍ଷା ଲାଭ କରିବାକୁ ଚାହୁଁଥିବାରୁ ସେମାନଙ୍କ ବିବାହ ବୟସ ୨୧କୁ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ସେମାନଙ୍କୁ ଏଥିରୁ ବଞ୍ଚିତ କରିବାକୁ ଚାହୁଁଥିବା ଲୋକଙ୍କୁ ସମସ୍ତେ ଜାଣନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ବୋଲ ଭାଇ ବୋଲ
କାଚର ତଳ
ପିଠା ବୋଲ ପଣା ବୋଲ
ଭାତର ତଳ।**

ପିଠାପଣା ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇ ପାରି ନ ଥାଏ। ଝିଅ ବାହାହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପଭାଇଙ୍କର ଚିନ୍ତା ସରିଯାଇଥାଏ। କିନ୍ତୁ ଯାହାକୁ ସିଏ ବାହା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥି ହୋଇ ରହିଥାଏ। ଝିଅ ପାଇଁ ବାପଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ମଜା
ଠିଆ ଠାକୁରକୁ ନଡ଼ିଆ ଖଜା।**

ଯାହାକୁ ଯେମିତି, ଯେଉଁଠି ଯେମିତି ତାହା ହିଁ କରିବା ଠିକ୍। ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବ୍ୟାଙ୍କରୁ ୧ କୋଟି ୧୬ ଲକ୍ଷ ଠକେଇ

## ଆସିଷ୍ଟାଣ୍ଟ ମ୍ୟାନେଜର ଗିରଫ

- ଜଣେ ଗ୍ରାହକଙ୍କ ଫିକ୍ସ ଡିପୋଜିଟ୍‌ରୁ ୭ଲକ୍ଷ ନେବା ପରେ ଜଣାପଡ଼ିଲା
- ଅଭିଯୁକ୍ତଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଏକ ଘରୋଇ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ବିଭିନ୍ନ ଗ୍ରାହକଙ୍କ ଆକାଉଣ୍ଟରୁ ୧ କୋଟି ୧୬ ଲକ୍ଷ ଟଙ୍କାର ଲୋନ୍ ଉଠାଇନେଇଛନ୍ତି। ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଫିକ୍ସ ଡିପୋଜିଟ୍‌ରୁ ୭ଲକ୍ଷ ଟଙ୍କା ଲୋନ୍ ନେଇଥିବା ଜଣାପଡ଼ିବା ପରେ ଘଟଣା ପଦାକୁ ଆସିଛି। ଠକାମିର ଶିକାର ହୋଇଥିବା ଭୁବନେଶ୍ୱର ଘାଟିକିଆର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହୃଷିକେଶ ଭୁଜବଳଙ୍କ ଅଭିଯୋଗକ୍ରମେ ଭରତପୁର ଥାନା ପୋଲିସ ବ୍ୟାଙ୍କର ପୂର୍ବତନ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଧୀନ ମହାଲକ୍ଷ୍ମୀ ବିହାରରେ ରହୁଥିବା ମୟୂରଭଞ୍ଜ ଜିଲା ବାରିପଦା ଥାନା ଅଞ୍ଚଳର ମୀନା ନାଏକ (୪୦)। ତାଙ୍କଠାରୁ ଠକେଇ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ଠକାମିର ଶିକାର ହୋଇଥିବା ଅନେକ ଗ୍ରାହକ ଆଗକୁ ଅଭିଯୋଗ କରିବେ ବୋଲି ତଦନ୍ତକାରୀ ଅଫିସର ବିଜୟ ଦାଶ କହିଛନ୍ତି।

ସୂଚନା ଅନୁଯାୟୀ, ହୃଷିକେଶ ନିଜର ଅବସରକାଳୀନ ପ୍ରାପ୍ୟ(ପେନ୍‌ସନ୍) ରାଶି ୧୦ଲକ୍ଷ ଟଙ୍କାକୁ ଅକ୍ଟୋବର ୧୬ରେ ଘାଟିକିଆସ୍ଥିତ ଏକ ଘରୋଇ ବ୍ୟାଙ୍କ ଶାଖାରେ ଫିକ୍ସ ଡିପୋଜିଟ୍ କରିଥିଲେ। ଏହି ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ମୀନା ଉକ୍ତ ଟଙ୍କାରୁ ୭ଲକ୍ଷ ଟଙ୍କା ଲୋନ୍ ଉଠାଇ ନିଜ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ହୃଷିକେଶ ବ୍ୟାଙ୍କ ଆସି ବୁଝିବାରୁ ଉକ୍ତ ଟଙ୍କାରୁ ଲୋନ୍ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ସେ କୌଣସି ଲୋନ୍ ନେଇ ନ ଥିବା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପରେ ଯାଞ୍ଚ କରାଯିବାରୁ ଆସିଷ୍ଟାଣ୍ଟ ମ୍ୟାନେଜର ମୀନା ବ୍ୟାଙ୍କ ଚେକ୍‌ରେ ଦସ୍ତଖତ ନେଇ ଟଙ୍କା ହଡପ କରିଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ତେବେ ବ୍ୟାଙ୍କ ପକ୍ଷରୁ ଅଡିଟ୍ କରାଯିବା ପରେ ମୀନା ଏହିପରି ଅନେକ ଗ୍ରାହକଙ୍କ (ଫିକ୍ସ ଡ଼ିପୋଜିଟ୍, ପେନସନ୍ ଆକାଉଣ୍ଟ, ଗୋଲ୍ଡ ଲୋନ୍) ଆକାଉଣ୍ଟରୁ ୧ କୋଟି ୧୬ଲକ୍ଷ ୮୭ହଜାର ଟଙ୍କା ଉଠାଇନେଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ତେବେ ବ୍ୟାଙ୍କ ପକ୍ଷରୁ ଟଙ୍କା ଫେରାଇ ଦିଆଯିବ ବୋଲି ହୃଷିକେଶଙ୍କୁ କୁହାଯାଇଥିଲା। ମାତ୍ର ଟଙ୍କା ନ ମିଳିବାରୁ ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୪୩୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମାର୍ଚ୍ଚ ସୁଦ୍ଧା ସରିବ ସ୍ମାର୍ଟ ଆଲୋକୀକରଣ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟରେ ଥିବା ସମସ୍ତ ୫ ମହାନଗର ନିଗମର କମିଶନର ଏବଂ ସମସ୍ତ ୧୦୯ଟି ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ସିଏମ୍‌ଏମ୍ ମ୍ୟାନେଜର, ଆକାଉଣ୍ଟାଣ୍ଟ ଏବଂ ପ୍ରକଳ୍ପ ନୋଡାଲ ଅଫିସର ତଥା ପୌରାଞ୍ଚଳ ଇଲେକ୍ଟ୍ରିକାଲ ଇଞ୍ଜିନିୟରମାନେ ଯୋଗ ଦେଇଥିଲେ।

ଗ୍ରୀନ୍‌ଫିଲ୍ଡ ଫେଜ୍-୨ ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ପୌରାଞ୍ଚଳଗୁଡ଼ିକରେ ମୋଟ ୨୭୯ କିଲୋମିଟର ନୂତନ ରାସ୍ତାର ଆଲୋକୀକରଣ ପାଇଁ ଆବଶ୍ୟକ ୧୩୫୦୫ ଖୁଣ୍ଟି ଏବଂ ୧୪୮୦୫ ଏଲ୍‌ଇଡି ଲାଇଟ ଲଗାଣ ପାଇଁ ଆବଶ୍ୟକ ଚୁକ୍ତିନାମା ସମସ୍ତ ୧୧୩ ପୌରାଞ୍ଚଳ ଓ କାର୍ଯ୍ୟନିର୍ବାହୀ ସଂସ୍ଥାଙ୍କ ସହିତ ସ୍ୱାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ଅଟକଳ ୬.୪୮ କୋଟି ରଖାଯାଇଛି। ୨୦୨୨ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କର୍ମଶାଳାରେ ଏ ନେଇ ବିଶଦ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଦ୍‌ଘାଟନ କରିଥିଲେ। ଉଭୟ ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ସମସ୍ତ ପୌରାଞ୍ଚଳର ଆଲୋକୀକରଣ ବିଷୟରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ।

ଏହି କର୍ମଶାଳାରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ସଞ୍ଜୟ ପ୍ରମାଣିକ ଏବଂ ଯୁଗ୍ମ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ପ୍ରକଳ୍ପ ସମ୍ବନ୍ଧରେ ବିବରଣୀ ଦେବା ସହ ପୌରାଞ୍ଚଳ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥା ମାଧ୍ୟମରେ କିଭଳି ଭାବେ ସମନ୍ୱୟ ରକ୍ଷା ସହ ଉଭୟ ପ୍ରକଳ୍ପର କାର୍ଯ୍ୟ ସମାପନ ହେବ ସେ ବିଷୟରେ ବିବରଣୀ ଦେଇଥିଲେ। ଏହି ଉଭୟ ପ୍ରକଳ୍ପରେ ଆନୁମାନିକ ୫୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି।

ଏହାପରେ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡାଙ୍କ ଦ୍ୱାରା ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ପୌରାଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। କର୍ମଶାଳାରେ ସମସ୍ତ ଅଧିକାରୀ ନିଜର ମତାମତ ଦେବା ସହ ପ୍ରକଳ୍ପ କାର୍ଯ୍ୟ ଶେଷ ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ, ୨୧।୧୨

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହାର ବିଚାର କରୁଥିବା ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ଓ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ଅଗସ୍ତି କୁମାର ସାହୁ ଅଭିଯୁକ୍ତ ଭୁବନ ନାଏକ(୬୪)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ସ୍ପେଶାଲ କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ବିବରଣୀରୁ ପ୍ରକାଶ, ୨୦୧୮ ଏପ୍ରିଲ ୧୨ରେ ସମ୍ପୃକ୍ତା ନାବାଳିକା ସାଙ୍ଗଙ୍କ ସହ ଖେଳୁଥିବା ସମୟରେ ଅଭିଯୁକ୍ତ ଭୁବନ ନାଏକ ତାଙ୍କୁ ଏକ ଘର ମଧ୍ୟକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ହାତରେ ଶହେ ଟଙ୍କା ଧରାଇ ଏହା ପ୍ରଘଟ ନ କରିବାକୁ ତାଗିଦ୍ କରିଥିଲେ। ତେବେ ନାବାଳିକା ପରିବାର ଲୋକଙ୍କ ଆଗରେ ଘଟଣା ସମ୍ପର୍କରେ କହିବା ପରେ ଗାଁ ମୁରବୀଙ୍କୁ ଅବଗତ କରାଯାଇଥିଲା। ବୈଠକ ଡକାଯାଇଥିଲେ ମଧ୍ୟ ଅଭିଯୁକ୍ତ ଭୁବନ ଯାଇ ନ ଥିଲେ। ଏହାପରେ ଗାଁ ମୁରବୀ ଓ ସ୍ଥାନୀୟ ମହିଳାମାନଙ୍କୁ ସାଙ୍ଗରେ ନେଇ ନାବାଳିକାଙ୍କ ପରିବାର ଲୋକ ପାଲଲହଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଚିକିଏ ଟଣାଓଟରା ଭିତିରେ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେବାରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ବୃଷ** ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ସାମୟିକ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥ ବ୍ୟକ୍ତି ଗୁରୁ ଦାୟିତ୍ୱ ନେବାକୁ ଅନୁରୋଧ କରିପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସୁଫଳ ପାଇବେ। ମତଭେଦ କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଆଜି ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସ୍ଥିତି ଭଲ ଥିଲେ ମଧ୍ୟ ରୋଗ, ଋଣ ଓ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ଆପୋସ ଆଲୋଚନା ଜରିଆରେ ହୃତ୍ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କର୍କଟ** ଆଜି ସକାଳୁ ଅଫିସ୍‌ରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ପ୍ରତିଶ୍ରୁତି ଦେଇ ମଧ୍ୟ ଶେଷ ସମୟରେ ପାରିବାରିକ ବନ୍ଧୁଟି ଅବିଶ୍ୱାସ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗକୁ ବୁଝି ନ ପାରି ନିଜ ଲୋକମାନଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସୀ ହେବେ। ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ପରକଥାରେ ପଡ଼ି ଭୂଲ୍ ମାର୍ଗର ଅନୁସରଣ କରିବା ହେତୁ ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ନିଜର ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ଆବଶ୍ୟକତା ଉପଲବ୍ଧ କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ବନ୍ଧୁ ଗହଣରେ ସତ୍ୟ କହି ଅପ୍ରିୟ ହୋଇପାରନ୍ତି। କିନ୍ତୁ ଅନୁରାଧା ନକ୍ଷତ୍ର ଠିକ୍ ଓଲଟାଫଳସ୍ୱରୂପ କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, କିନ୍ତୁ ସହଯୋଗ ପାଇବେନାହିଁ। ଅନିୟମିତ ଆହାର ଯୋଗୁଁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶାସ୍ତ୍ରାଧ୍ୟୟନ,ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ମକର** ଶନିଙ୍କ ନିଜ ରାଶି ପ୍ରତି ଦୃଷ୍ଟି ସ୍ୱାସ୍ଥ୍ୟପାଇଁ ଅନୁକୂଳ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁଁ ମନରେ ସରସତା ରହିବ ନ ପାରେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ। ମହିଳାମାନେ ଆର୍ଥିକ ଅଭାବ ଅନଟନ ହେତୁ ମନମାରି ରହିପାରନ୍ତି।

**କୁମ୍ଭ** କେତୁଙ୍କ ଦ୍ୱିତୀୟଭାବାରୋହଣ ସମସ୍ୟାର କାରଣ ହୋଇପାରେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମ ଠିକ୍ ଠିକ୍ ହୋଇଯିବ। କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିବ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ହେବେ। ମହିଳାମାନେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମୀନ** କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। ଅର୍ଥ ଲାଭ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।


# classifieds Everyday
0674-2580101, 2549302




**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496. D-22558

**GROOM WANTED**

44 ବୟସ ୫'୪''/ ଉଚ୍ଚତା, ସରକାରୀ College Principal ଦରମା 80 ହଜାର ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି) ଯୋଗାଯୋଗ: 9516705677. D- 22586




**SALE**

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

Plot for sale available Basuaghai Sai Vihar, BBSR. Contact: 9937469703. D-64000

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

**Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759.** D-71758

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

**2BHK flat for sale at Keshari Enclave, Nayapalli, Bhabaneswar. 8114860043.** D-70253

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner-9090963952.** D-71746




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757




Newly open spa New Year Dhamaka @699/-, Smart therapist. 7846814019. D-71456

One hour any therapy by expert therapist @800 only. 9078484455. D-71458

Newly open Spa offer price @599/-, positively health benefits - 8455987557. D-71455

Refreshing your mind, body with tha best therapy at Lotus SPA. 8018891951. D-71832

Full body massage in homely atmosphere all therapy. Contact: 8114881641. D-60893

Newly Open Saikrupa Panchakarma Spa positively health benefits with Expert. 8984068077. D-22620

Monalisa massage Club: All types Body massage with hiprofile smart lady rooms service available. 9708545108. D-22601

@999 refreshing your mind, body with the best therapy - 7873794731. D-71921

Newly open full body massage ladies and gents. 8327740003, 8455985899. D-71831




୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଜାଡ଼ରେ ଥରୁଛି...

(ଏସ୍‌ଆର୍‌ସି) ଚିଠି ଲେଖିଛନ୍ତି। ଏଥିପାଇଁ ଏସ୍‌ଆର୍‌ସି ଆଡଭାଇଜରି ଜାରି କରିଛନ୍ତି। ବାସହୀନ ଲୋକମାନେ ରାତ୍ରିରେ ଆଶ୍ରୟ ନେବା ପାଇଁ ସ୍କୁଲ ବିଲ୍ଡିଂ, କମ୍ୟୁନିଟି ବିଲ୍ଡିଂ ଏବଂ ଅନ୍ୟାନ୍ୟ ଉପଲବ୍ଧ ଥିବା କୋଠାଘରେ ରହିବା ପାଇଁ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ, ରାଜ୍ୟରେ ଶୀତ ଲହରି ଜାରି ରହିଥିବା ପର୍ଯ୍ୟନ୍ତ କେଉଁଠି କେତେ ବାସହୀନ ଲୋକ ରହୁଛନ୍ତି ତା'ର ପ୍ରତିଦିନ ତଥ୍ୟ ଏସ୍‌ଆର୍‌ସିଙ୍କୁ ଦେବା ପାଇଁ କୁହାଯାଇଛି।ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବା ସହ ଥଣ୍ଡା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ମଙ୍ଗଳବାର ରାଜ୍ୟରେ ୧୯ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବା ଜଣାଯାଇଛି। ୩.୫ ଡିଗ୍ରୀ ସହ ଦାରିଙ୍ଗବାଡ଼ି ସବୁଠୁ ଥଣ୍ଡା ସହର ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦାରିଙ୍ଗବାଡ଼ି, କେନ୍ଦୁଝର ଜିଲାର ପାହାଡ଼ିଆ ଅଞ୍ଚଳ, ରାୟଗଡ଼ା କାଶୀପୁର ଏବଂ ସୁନ୍ଦରଗଡ଼ ଜିଲା ଟେନ୍‌ସା, ସମ୍ବଲପୁର କୁଚିଣ୍ଡାରେ ତୁଷାରପାତ ହୋଇଛି। ୧୦ ଡିଗ୍ରୀ ତଳେ ଥିବା ସହରଗୁଡ଼ିକ ହେଲା, ବାଲେଶ୍ୱର ୯.୮, ଚାନ୍ଦବାଲି ୯.୨, ଅନୁଗୋଳ ୮.୬, ବାରିପଦା ୮,୫, ଝାରସୁଗୁଡ଼ା ୬.୪, ଦାରିଙ୍ଗବାଡ଼ି ୩.୫, କୋରାପୁଟ ୮.୫ , ସୁନ୍ଦରଗଡ଼ ୬.୫, ଫୁଲବାଣୀ ୪.୦, ଟିଟିଲାଗଡ଼ ୬.୮, ଭବାନୀପାଟଣା ୬.୦, ସୋନପୁର ୮.୫, ବଲାଙ୍ଗୀର ୭.୮, ନୟାଗଡ଼ ୯.୦, କେନ୍ଦୁଝର ୬.୨, ସମ୍ବଲପୁର ୮.୫, ବୌଦ୍ଧ ୭.୦, ହୀରାକୁଦ ୮,୬ ଓ ତାଳଚେର ୯.୦ ଡିଗ୍ରୀ ସେଲସିଅସ୍। ସେହିଭଳି ଭୁବନେଶ୍ୱରରେ ୧୦.୦ ଡିଗ୍ରୀ ଓ କଟକରେ ୧୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ,ଏ ବର୍ଷ ୧୫ ଦିନ ବିଳମ୍ବରେ ରାଜ୍ୟକୁ ଶୀତ ପ୍ରବେଶ କରିଛି। ଶୀତର ପ୍ରକୋପ ଓ ସମୟ ମଧ୍ୟ କମ୍ ଦିନ ରହିବ। ଆସନ୍ତା ୨ ଦିନ ରାଜ୍ୟର ପ୍ରାୟ ସ୍ଥାନରେ ତାପମାତ୍ରା ୧୨ ଡିଗ୍ରୀ କିମ୍ବା ତା' ତଳେ ରହିବା ପରେ ୨୨ତାରିଖ ଆଡ଼କୁ ପାରଦ ଧୀରେ ଧୀରେ ଊର୍ଦ୍ଧ୍ୱମୁଖୀ ହେବ। ୨୨ ତାରିଖ ପରେ ଶୀତ କମିଯିବ ଓ ଜାନୁୟାରୀ, ଫେବୃୟାରୀରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି।

## ବ୍ରହ୍ମନଗରରେ ୧୪୪ ଧାରା,...

ସେମାନେ ଅସୁସ୍ଥ ଥିବା କହିଛନ୍ତି। ଅଦାଲତରେ ମାମଲା ବିଚାରାଧୀନ ଥିବାବେଳେ ତପସ୍ୱିନୀ କାହିଁକି ଏଭଳି ଆଚରଣ କରୁଛନ୍ତି ଓ ପ୍ରମିଳା ତ୍ରିପାଠୀ କିଏ ଆମ ଘରୋଇ ବିବାଦରେ ସାମିଲ ହୋଇଛନ୍ତି ବୋଲି ସୁମିତ ଏକ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ସୋମବାର ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ପ୍ରମୋଦଙ୍କ ଘରର ମୁଖ୍ୟ ଫାଟକ ଗ୍ରୀଲ୍ ଭାଙ୍ଗି ଧାରଣାରତ ତପସ୍ୱିନୀଙ୍କୁ ନେଇ ଘରର ପ୍ରଥମ କୋଠରି ଭିତରେ ବସାଇଥିଲେ। ଉତ୍ୟକ୍ତ ମହିଳାମାନେ ଦ୍ୱିତୀୟ କବାଟ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ବୁଝାଶୁଝା କରିଥିଲା। ଫଳରେ ତପସ୍ୱିନୀ ଓ ସାମାଜିକ କର୍ମୀ ପ୍ରମିଳା ସୋମବାର ରାତିଠାରୁ ପ୍ରମୋଦଙ୍କ ଘର ପ୍ରଥମ କୋଠରି (ଗ୍ୟାରେଜ)ରେ ଧାରଣା ଜାରି ରଖିଛନ୍ତି।

## ଓଡ଼ିଶାରେ ...

ବିଦେଶ ଫେରନ୍ତାଙ୍କ ଆର୍‌ଟି-ପିସିଆର୍ ଟେଷ୍ଟରୁ ୧୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ଜିନୋମ ସିକ୍ୱେନ୍ସିଂ ହୋଇଥିଲା। ପ୍ରଥମେ ୪ଜଣଙ୍କ ନମୁନା ନେଗେଟିଭ୍ ବାହାରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ସେଥିରୁ ୨ଜଣ ଓମିକ୍ରନ ଭାରିଆଣ୍ଟ ଚିହ୍ନଟ ହୋଇଛନ୍ତି। ସେପଟେ ଏହି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ପରେ କଟକଣାକୁ ଆହୁରି କଡ଼ାକଡ଼ି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ କେବଳ ମାସ୍କ, ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାବାଦ୍ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ କଟକଣା ଜାରି ରହିଛି। ଆଉ କିଛି ସ୍ଥାନରେ କଣ୍ଟେନମେଣ୍ଟ ମଧ୍ୟ କରାଯାଉଛି। ତେବେ ଓମିକ୍ରନ ଚିହ୍ନଟ ହେବା ପରେ ଏବେ ନିୟମକୁ ଆହୁରି କଡ଼ାକଡ଼ି କରାଯିବ ବୋଲି କୁହାଯାଉଛି।

## ରାଜଧାନୀରେ...

ରାଉତରାୟ ସାମଗ୍ରୀ ଯୋଗାଇବା ଦାୟିତ୍ୱରେ ଥିବାବେଳେ ମେଡିକାଲ ସହାୟତା ପାଇଁ ଡାକ୍ତର ସ୍ୱପ୍ନାରାଣୀ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଏସ୍‌ଏସ୍‌ନଗର ୧୧ ନମ୍ବର ୱାର୍ଡର ପ୍ଲଟ୍ ନମ୍ବର ଏଇ-୨୧୦କୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ସେଠାରେ ମଧ୍ୟ ବିଦେଶ ଫେରନ୍ତା ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଉଭୟ ନାଇଜେରିଆରୁ ଫେରିଥିବା ବେଳେ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ୍‌କୁ ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି। ଏହି ଅଞ୍ଚଳକୁ ଲାଗି ରହିଥିବା ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନକୁ ମଧ୍ୟ ବନ୍ଦ କରାଯାଇଛି। ବିଏମ୍‌ସି ୱାର୍ଡ ଅଫିସର ଡି.କେ. ନାୟକ ଆବଶ୍ୟକୀୟ ସାମଗ୍ରୀ ଯୋଗାଇବେ ଏବଂ ଡାକ୍ତରୀ ସହାୟତା ପାଇଁ ଡା. କୁସୁମାଞ୍ଜଳି ଏବଂ ଡା. ପଙ୍କଜିନୀଙ୍କୁ ଦାୟିତ୍ୱ ଦିଆଯାଇଛି। କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା ହୋଇଥିବା ଉଭୟ ଆପାର୍ଟମେଣ୍ଟରେ ରହୁଥିବା ଅନ୍ୟ ସମସ୍ତଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଇହୁଦୀମାନେ ଭଗବାନଙ୍କୁ ଭୟ କରୁଥିବା ଭକ୍ତମାନଙ୍କୁ ଆବିଷ୍କାର କରିଛନ୍ତି। କିନ୍ତୁ ଭାରତବର୍ଷ ଭଗବତ୍ –ଜ୍ଞାନୀ ଓ ଭଗବତ୍–ପ୍ରେମୀମାନଙ୍କୁ ଆବିଷ୍କାର କରିଛି।... ଭଗବାନଙ୍କ ଦାସ ଜୁଡିଆ ଦେଶରେ ଜନ୍ମିଥିଲେ। କିନ୍ତୁ ଭାରତବର୍ଷର ଭଗବତ୍– ଦାସ ଜଣେ ଦାସ୍ୟଭକ୍ତ। –ଶ୍ରୀଅରବିନ୍ଦ

# ଜମ୍ମୁ କଶ୍ମୀର ଆସନ

ଜମ୍ମୁ ଓ କଶ୍ମୀର ପୁନଃ ନିର୍ଦ୍ଧାରଣ କମିଶନ ଜମ୍ମୁ ସକାଶେ ଅଧିକ ୬ ଓ କଶ୍ମୀର ପାଇଁ ଗୋଟିଏ ନିର୍ବାଚନମଣ୍ଡଳୀ ଗଠନ ପ୍ରସ୍ତାବ ଦେବା ପରେ ସେଠାରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଞ୍ଚଳିକ ଦଳଗୁଡ଼ିକ ଏହାକୁ ବିରୋଧ କରିବା ସହ ଭାଜପା ତା'ର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବାକୁ ଚାହୁଁଛି ବୋଲି କହିଛନ୍ତି। ଇତିହାସ ଦେଖିଲେ ୧୯୯୫ରେ ଜମ୍ମୁ ଓ କଶ୍ମୀର ବିଧାନସଭା ଆସନ ସଂଖ୍ୟା ୭୫ରୁ ୮୭କୁ ବୃଦ୍ଧି କରାଯାଇଥିଲା। ୫ ଅଗଷ୍ଟ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ ଓ କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଲଦାଖ ପାଇଁ ଥିବା ୪ଟି ଆସନକୁ ବାଦ୍ ଦେଲେ ଜମ୍ମୁ ଓ କଶ୍ମୀରରେ ଏବେ ୮୩ ଆସନ ରହିଛି। ସେଥିମଧ୍ୟରୁ କଶ୍ମୀର ଡିଭିଜନ୍‌ରେ ୪୬ ଓ ଜମ୍ମୁରେ ୩୭ ସିଟ୍।

ତେବେ କେଉଁ ଆଧାରରେ ଜମ୍ମୁରେ ୬ ସିଟ୍ ଓ କଶ୍ମୀରରେ ମାତ୍ର ଗୋଟିଏ ଆସନ ବଢ଼ାଇବା ଲାଗି ପ୍ରସ୍ତାବ ଦିଆଯାଇଛି, ତାହା ସ୍ପଷ୍ଟ ଭାବେ ଦର୍ଶାଯାଉନାହିଁ। ଜମ୍ମୁ ଓ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଅନୁଯାୟୀ ସବୁ ନିର୍ବାଚନମଣ୍ଡଳୀକୁ ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କରାଯିବା ଦରକାର ବୋଲି କୁହାଯାଉଛି। ସେହିପରି ପ୍ରତ୍ୟେକର ସ୍ଥାୟୀ ସୀମାସରହଦ ରହିବା ସହିତ ପ୍ରଶାସନିକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚିବା ଦିଗରେ ସୀମା ପୁନଃ ନିର୍ଦ୍ଧାରଣର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କହୁଛି। ଏହିସବୁ କଥା କାନକୁ ଭଲ ଶୁଭାଯାଏ। ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ଦୁଇଟି ସ୍ପଷ୍ଟ ବିଭାଜନ ବିଷୟରେ ସମସ୍ତେ ଜାଣନ୍ତି। ଜମ୍ମୁର ଅନେକ ଅଞ୍ଚଳ ସମତଳ ହୋଇଥିବା ବେଳେ କଶ୍ମୀରର ଅଧିକ ଅଞ୍ଚଳ ପାହାଡ଼ିଆ। ଏହାବ୍ୟତୀତ ସେଠାରେ ଅନେକ ସାନବଡ଼ ନଦୀ ଓ ଝରଣା ସେହି ଅଞ୍ଚଳକୁ ଭୌଗୋଳିକ ଦୃଷ୍ଟିକୋଣରୁ ବିଭାଜିତ କରିରଖିଛି। କିନ୍ତୁ ଯେଉଁମାନେ ସେହି ଅଞ୍ଚଳ ଭ୍ରମଣ କରିଥିବେ, ସେମାନେ ଜାଣିଥିବେ ଯେ ପାହାଡ଼ ପର୍ବତ ଥିବା ସତ୍ତ୍ୱେ ସାମାଜିକ ସମ୍ପର୍କରେ କୌଣସି ବାଧା ସୃଷ୍ଟିହୁଏ ନାହିଁ। ଏପଟ ପାହାଡ଼ର ଝିଅ ସେପଟ ପର୍ବତର ପୁଅ ସହ ବିବାହ କରିବା ଅତି ସାଧାରଣ ଘଟଣା। ଛାତ୍ରୀଛାତ୍ରମାନେ ମଧ୍ୟ ଅନେକ ବାଟ ଅତିକ୍ରମ କରି ଶିକ୍ଷାନୁଷ୍ଠାନରେ ପହଞ୍ଚିଥାଆନ୍ତି। ସେଥିପାଇଁ ସମତଳ ମାନସିକତା ପୋଷଣ କରୁଥିବା ବ୍ୟକ୍ତି ପାଇଁ ପର୍ବତ ଅଞ୍ଚଳର ସୁବିଧା ସୁଯୋଗ ବିଷୟରେ ଆକଳନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ।

ଏହା ଜଣାଶୁଣା ଯେ, ପ୍ରାୟ ୪ ଦଶନ୍ଧି ଧରି ଜମ୍ମୁ ଓ କଶ୍ମୀରରେ ସମସ୍ୟା ଲାଗିରହିଛି। ଗୋଟିଏ ପଟେ ଭାରତ ସରକାର ସେହି ଅଞ୍ଚଳରେ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଉଛି ବୋଲି ବାରମ୍ବାର ପ୍ରଚାର କରିଆସିଛି। ଅନ୍ୟପଟେ ମିଲିଟାରୀ ଓ ଅର୍ଦ୍ଧସାମରିକ ବାହିନୀ ମାଧ୍ୟମରେ ନାଗରିକଙ୍କ ମୌଳିକ ଅଧିକାରକୁ ଦମନ କରିଆସୁଛି। ଏହା କେବଳ ଭାଜପା ସମୟରେ ହେଉଛି ବୋଲି କହିବା ଭୁଲ୍ ହେବ। କଂଗ୍ରେସ ସରକାରରେ ମଧ୍ୟ ଦମନଲୀଳା ଲାଗି ରହିଥିଲା। କେନ୍ଦ୍ରରେ ଶାସନ କରି ଆସୁଥିବା କୌଣସି ପ୍ରଧାନମନ୍ତ୍ରୀ ଏହାର ସମାଧାନ ପାଇଁ ଦୀର୍ଘମିଆଦୀ ଦୃଷ୍ଟି ଦେଇନାହାନ୍ତି। କେବଳ ବିଶ୍ୱନାଥ ପ୍ରତାପ ସିଂ ଗତ ଶତାବ୍ଦୀର ୯୦ ଦଶକ ଆରମ୍ଭରେ ପ୍ରଧାନମନ୍ତ୍ରୀ ପଦବୀରେ ଥିବା ବେଳେ କଶ୍ମୀର ଯାଇ ବିନା ସୁରକ୍ଷାରେ ଲୋକଙ୍କ ସହ ଭେଟିବାର ପ୍ରୟାସ ଆରମ୍ଭ କରିଥିଲେ। କିନ୍ତୁ ସେହି ଚେଷ୍ଟାକୁ ଆଗେଇନେବା ସକାଶେ ପରବର୍ତ୍ତୀ ସମୟରେ ଅନ୍ୟ କେହି ଚେଷ୍ଟା କଲେ ନାହିଁ। ଦୋଷ ଦେଇଦେବା ଅତ୍ୟନ୍ତ ସହଜ। ସାଧାରଣ ଭାରତୀୟଙ୍କୁ ଦୀର୍ଘ ସମୟ ଧରି ଗଦ ଶୁଙ୍ଘାଇ ଦିଆଯାଇଛି ଯେ, କଶ୍ମୀରବାସୀଙ୍କୁ ଯେଉଁସବୁ ସୁବିଧା ମିଳେ, ତାହା ଅନ୍ୟ କୌଣସି ରାଜ୍ୟବାସୀ ଉପଭୋଗ କରିପାରନ୍ତି ନାହିଁ। ଦେଶର ନାଗରିକ ଚିନ୍ତା କରିବାକୁ ଅନିଚ୍ଛୁକ ଯେ, ଯେତେ ସୁବିଧା ମିଳୁଥିବା ସହିତ ବନ୍ଧୁକର ଗୁଳି ମଧ୍ୟ ସମସ୍ତଙ୍କୁ ଭୟଭୀତ କରିରଖିଛି। କଂଗ୍ରେସ ଶାସନ ସମୟରେ କଶ୍ମୀର ମୁସଲମାନଙ୍କ ଦୌରାତ୍ମ୍ୟ ଯେତିକି ବୃଦ୍ଧି ପାଇଥିଲା, ତାହା ଏବେ ଭାଜପା ସମୟରେ ଯଥେଷ୍ଟ କମିଛି। ନିରାପତ୍ତା ବାହିନୀର ମୁଖିଆମାନେ ମଧ୍ୟ ବାର୍ତ୍ତା ପାଉଛନ୍ତି ଯେ, ଉଗ୍ରବାଦକୁ ମୂଳରୁ ନିପାତ କରିବାକୁ ହେବ। କଂଗ୍ରେସ ସମୟରେ ଏହି ବାର୍ତ୍ତା ଅସ୍ପଷ୍ଟ ଥିଲା ବୋଲି ମୁମ୍ବାଇରେ କସବ ଓ ଦଳ ପ୍ରବେଶ କରିପାରିଥିଲେ। ଆଜି ଭାରତ ନିଶ୍ଚିତ ଭାବରେ ସେହି ଉଗ୍ରବାଦୀ ଦୃଷ୍ଟିକୋଣରୁ ସୁରକ୍ଷିତ ହେଉଛି ବୋଲି କେହି ଅସ୍ୱୀକାର କରିବେ ନାହିଁ। କିନ୍ତୁ ଏବେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଧିକ ଭୋଟରଙ୍କୁ ସ୍ୱଳ୍ପ ପ୍ରତିନିଧିତ୍ୱ ଓ କମ୍ ଭୋଟରଙ୍କୁ ଅଧିକ ପ୍ରତିନିଧିତ୍ୱ ମିଳିଲେ, ସମସ୍ୟା ସମାଧାନ ପରିବର୍ତ୍ତେ ଦୀର୍ଘମିଆଦୀ ହେବାର ଆଶଙ୍କା ରହିଛି।

## ଡାହାଣୀ ସମ୍ପତ୍ତି

ଏକବିଂଶ ଶତାବ୍ଦୀରେ ଡାହାଣୀ ଭଳି ଅନ୍ଧବିଶ୍ୱାସ ଏକ ସାମାଜିକ କଳଙ୍କ। ଆଧୁନିକତା ମଧ୍ୟରେ ଏହା ବିଶ୍ୱର ଅତିକମ୍‌ରେ ୩୬ଟି ଦେଶକୁ ପ୍ରଭାବିତ କରିଛି। ସାମାଜିକ ଅସମାନତା, ଲିଙ୍ଗଗତ ପ୍ରଭେଦ ଓ ଅନ୍ଧବିଶ୍ୱାସରେ ଜଡ଼ିତ ଭାରତୀୟ ସମାଜ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ପିଢ଼ି ପରେ ପିଢ଼ି ଏହା ଆମ ସମାଜରେ ରହିଆସିଛି। ଡାହାଣୀ ସନ୍ଦେହରେ ମହିଳାଙ୍କୁ ଘର ଛାଡ଼ି ଚାଲିଯିବାକୁ ଧମକ ଦିଆଯାଉଛି, ଏପରି କି ଡାହାଣୀ ଶକ୍ତି କମ୍ କରିବା ପାଇଁ ସେମାନଙ୍କ ଦାନ୍ତ ଭାଙ୍ଗି ଦିଆଯାଉଛି। ଓଡ଼ିଶାରେ ଡାହାଣୀ ଉପରେ ରାଜ୍ୟ ମହିଳା ଆୟୋଗ ଓ 'ଆକ୍ସନ୍‌ଏଡ୍' ନାମକ ଏକ ଅନ୍ତର୍ଜାତୀୟ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଅଧ୍ୟୟନର ରିପୋର୍ଟ ଡିସେମ୍ବର ୨୦ରେ ପ୍ରକାଶ ପାଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, ନୟାଗଡ଼, କନ୍ଧମାଳ, ବାଲେଶ୍ୱର ଆଦି ୧୨ଟି ଜିଲାରେ ଡାହାଣୀ ହିଂସା ଓ ହତ୍ୟା ଅଧିକ ହେଉଛି ବୋଲି ଏଥିରେ ଦର୍ଶାଯାଇଛି । ଓଡ଼ିଶାରେ ମୁଖ୍ୟତଃ କେନ୍ଦୁଝରରେ ଡାହାଣୀ ହତ୍ୟା ସର୍ବାଧିକ ବୋଲି ରିପୋର୍ଟରେ କୁହାଯାଇଛି। ଏହି ଅନୁଯାୟୀ, ଡାହାଣୀକୁ ନେଇ ସଂଘଟିତ ହିଂସାରେ ଅଧିକ ଶିଶୁ ଓ ମହିଳା କ୍ଷତିଗ୍ରସ୍ତ ହେଉଛନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ, କୃଷିଭିତ୍ତିକ ତଥା ମାନସିକ ସମସ୍ୟାକୁ ଡାହାଣୀର କାର୍ଯ୍ୟ ବୋଲି ଦୋଷ ଦିଆଯାଉଛି। ବିଶେଷକରି ନିମ୍ନ ବର୍ଗର ମହିଳାଙ୍କୁ ଏଥିପାଇଁ ଆକ୍ରମଣ କରାଯାଉଛି। ୩୦ ଭାଗ ଘଟଣାରେ ଡାହାଣୀ ଆରୋପିତଙ୍କ ମୃତ୍ୟୁ ହେଉଛି। ୭୦ଭାଗ ଘଟଣାରେ ମହିଳା ଓ ତାଙ୍କ ପରିବାର ଘର ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ମୁଖ୍ୟତଃ ଏକୁଟିଆ ରହୁଥିବା ମହିଳା ଏହି ହିଂସାର ବେଶି ଶିକାର ହେଉଛନ୍ତି। ଉକ୍ତ ଅଧ୍ୟୟନରେ ସମ୍ପୃକ୍ତ ଉଭୟ ସଂସ୍ଥା ସମ୍ଭବତଃ କାରଣର ଗଭୀରତାକୁ ଯାଇନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡାହାଣୀ ଆଖ୍ୟା ଦେବା ପଛରେ ଅନେକ ଲୋକଙ୍କର ସ୍ୱାର୍ଥ ଜଡ଼ିତ ରହିଛି। ସାଧାରଣରେ ଏହି ଦୋଷ କେବଳ ଅସହାୟ ମହିଳାଙ୍କ ଉପରେ ଲଦି ଦିଆଯାଇଥାଏ। ଗୁଣିଗାରେଡ଼ିରେ ପୁରୁଷଙ୍କ ନାମ ଶୁଣିବାକୁ ମିଳିଥାଏ, କିନ୍ତୁ ସେମାନଙ୍କ ବିରୋଧରେ ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କ୍ୱଚିତ ଶୁଣିବାକୁ ମିଳେ। ଏଥିରୁ ବୁଝିବାକୁ ହେବ ଯେ, ମହିଳାଙ୍କୁ ଲକ୍ଷ୍ୟକରି ପୁରୁଷକୈନ୍ଦ୍ରିକ ସମାଜରେ ଯେକୌଣସି କାର୍ଯ୍ୟ କରାଇନେବା ଅତ୍ୟନ୍ତ ସହଜ। ଏଭଳି ମାନସିକତାକୁ କୌଣସି ଆଇନ ମାଧ୍ୟମରେ ସମାଧାନ କରାଯାଇପାରିବ ନାହିଁ। ସରକାର ଯଦି ବାସ୍ତବରେ ଏହି କୁସଂସ୍କାରକୁ ଦମନ କରିବାକୁ ଚାହିଁବେ, ତେବେ ଡାହାଣୀ ଭାବେ ବଦ୍‌ନାମ କରାଯାଉଥିବା ନିର୍ଯାତିତ ମହିଳାଙ୍କୁ ସୁରକ୍ଷା ଦେବା ସହ ତାଙ୍କ ସମ୍ପତ୍ତିକୁ ସୁରକ୍ଷିତ ରହିବାର ଉପାୟ ବାହାର କରିପାରନ୍ତି। ଗ୍ରାମାଞ୍ଚଳର ପୁରୁଷମାନେ ଯଦି ବୁଝିଯିବେ ଯେ, ଅସହାୟାଙ୍କୁ ବିଦା କରିଦେଲେ ତାଙ୍କ ସମ୍ପତ୍ତି ହାତେଇବା ଅସମ୍ଭବ ହୋଇପଡ଼ିବ, ତେବେ ଅଧିକାଂଶ ସ୍ଥାନରେ ଏଭଳି ଅପରାଧ ହ୍ରାସ ପାଇପାରନ୍ତା।

# ଦେବାରେ ଆନନ୍ଦ



ପ୍ରକାଶ ତ୍ରିପାଠୀ

ସନ୍ଥ କବିରଙ୍କ ଭାଷାରେ ଯଦି ଘରକୁ ଅଧିକ ଟଙ୍କା ଓ ଡଙ୍ଗାଭିତରକୁ ଅଧିକ ପାଣି ଆସେ ତେବେ ତାହାକୁ ଦୁଇ ହାତରେ ତୁରନ୍ତ ବାହାରକୁ କାଢ଼ନ୍ତୁ। ସନ୍ଥ କବିରଙ୍କ ଏପରି କହିବାର ତାତ୍ପର୍ଯ୍ୟ ହେଲା ନିଜ ରୋଜଗାରରୁ କିଛି କିଛି ଅନ୍ୟକୁ ଦାନ କରନ୍ତୁ ଓ ଚାରିକଡ଼ରେ ଥିବା ଅଭାବୀ ମଣିଷଙ୍କୁ ସାହା ହୁଅନ୍ତୁ। ଏହାଦ୍ୱାରା ଆପଣ ଖୁସିରେ, ଶାନ୍ତିରେ ଓ ନିରାପଦରେ ବଞ୍ଚିପାରିବେ ଯେମିତି ଡଙ୍ଗା ଭିତରକୁ ପଶୁଥିବା ପାଣି କାଢ଼ିଲେ ଆପଣଙ୍କ ଯାତ୍ରା ସୁରକ୍ଷିତ ଓ ସଫଳ ରୁହେ। ଆମ ଭାରତୀୟ ପରମ୍ପରାରେ ଦାନକୁ ଏକ ଶ୍ରେଷ୍ଠ କର୍ମ ଭାବେ ଗ୍ରହଣ କରାଯାଏ। ସେଥିପାଇଁ ବିଭିନ୍ନ ସମୟରେ ଦୁଃଖୀ ଦରିଦ୍ରଙ୍କୁ ଅର୍ଥଦାନ, ଆହାର ଦାନ, ବସ୍ତ୍ରଦାନ, ସ୍ୱର୍ଣ୍ଣ ଦାନ, ଭୂମି ଦାନ ଆଦି ପ୍ରଦାନର ବ୍ୟବସ୍ଥା ପ୍ରାଚୀନ ସମୟରୁ ରହିଆସିଛି। ସର୍ବେ ଭବନ୍ତୁ ସୁଖୀନଃ ମହାମନ୍ତ୍ର ମଧ୍ୟ ଏହା ଉପରେ ଆଧାରିତ। ଘର ସମ୍ମୁଖରୁ ଜଣେ ଭିକାରୀ ଖାଲି ହାତରେ ଫେରିଗଲେ ତାହାକୁ ଅମଙ୍ଗଳ ଭାବେ ଧରାଯାଏ । ସେଥିପାଇଁ ରୋଷେଇ ପୂର୍ବରୁ ମୁଠିଏ ଚାଉଳ କଢ଼ାଯାଇ ରଖାଯାଏ ଭିକାରୀଙ୍କ ଉଦ୍ଦେଶ୍ୟରେ; ଯାହାକୁ ମୁଠି ଚାଉଳ କୁହାଯାଏ। କେବଳ ମଣିଷ ନୁହେଁ, ଜୀବଜନ୍ତୁ ଓ ବୃକ୍ଷ ଆଦିଙ୍କୁ ମଧ୍ୟ ଆହାର, ଜଳ ଦାନର ବ୍ୟବସ୍ଥା ରହିଛି। ଜନ୍ମ ବେଳେ କେହି କିଛି ଆଣିକି ଆସି ନ ଥାନ୍ତି କିମ୍ବା ଏ ସଂସାରରୁ ବିଦାୟ ନେବା ବେଳେ କେହି କିଛି ସାଥିରେ ନେଇ ଯାଇ ନ ଥାନ୍ତି। ଈଶ୍ୱର ସବୁ କିଛି ସମସ୍ତଙ୍କ ପାଇଁ ଏ ସଂସାରରେ ସାଇତି ରଖିଛନ୍ତି। ତେଣୁ ଈଶ୍ୱରଙ୍କଠାରୁ ଦାନରେ ପାଇଥିବା ଧନ ସମ୍ପତ୍ତି ଅନ୍ୟକୁ ଦେବାରେ କାର୍ପଣ୍ୟ କାହିଁକି। ଏହାକୁ ଯେଉଁ ମାନବମାନେ ବୁଝିପାରିଛନ୍ତି, କାର୍ଯ୍ୟରେ ଲଗାଇଛନ୍ତି ସେମାନେ ମାନବରୁ ମହାମାନବକୁ ପରିବର୍ତ୍ତିତ ହୋଇଛନ୍ତି।

ପ୍ରାଚୀନ ଗ୍ରନ୍ଥ ଅନୁସାରେ ରାଜା ହରିଶଚନ୍ଦ୍ରଙ୍କୁ ଶ୍ରେଷ୍ଠ ଦାନବୀରମାନଙ୍କ ମଧ୍ୟରେ ଗଣାଯାଏ। ଉଲ୍ଲେଖ ରହିଛି ଯେ ସେ ଯେତେବେଳେ ଦୁଇ ହାତରେ ଅନ୍ୟକୁ ଦାନ କରନ୍ତି ସେତେବେଳେ ତାଙ୍କ ନଜର ତଳକୁ ଥାଏ। ଦାନ ଗ୍ରହଣ କରୁଥିବା ମଣିଷକୁ ସେ ଦେଖନ୍ତି ନାହିଁ। ରାଜା ଦାନ ଦେଉଥିବା ବେଳର ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗେ। ଲୋକେ ଭାବନ୍ତି, ଏ କେମିତିକା ରାଜା ଯେ ଦାନ ଅର୍ପଣ କରୁଥିବା ବେଳେ ଲଜ୍ଜାରେ ତଳକୁ ମୁହଁ କରିଦେଉଛନ୍ତି। କିନ୍ତୁ ଏହାର କାରଣ ସେମାନେ ରାଜା ହରିଶଚନ୍ଦ୍ରଙ୍କୁ ପଚାରି ପାରୁ ନ ଥାନ୍ତି। ଶେଷରେ କଥା ଗୋସ୍ୱାମୀ ତୁଳସୀ ଦାସଙ୍କ ନିକଟରେ ପହଞ୍ଚିଲା। ତୁଳସୀ ଦାସ ଏହାର ରହସ୍ୟ ଜାଣିବା ପାଇଁ ରାଜା ହରିଶଚନ୍ଦ୍ରଙ୍କ ନିକଟକୁ ଏକ ପତ୍ର ଲେଖିଲେ। ସେଥିରେ ମାତ୍ର ଚାରିଧାଡ଼ି ସେ ଲେଖିଲେ। ଏସି ଦେନି ଦେନ ଜୁ , କିତ ଶିଖେ ହୋ ସେନ, ଜୋ ଜୋ କର ଊଁଚୋ କରେଂ, ତ୍ୟୋଂ ତ୍ୟୋଂ ନୀଚେ ନୈନ। ଅର୍ଥାତ୍ ତୁଳସୀ ଦାସ ପଚାରିଥିଲେ ଯେ ହେ ରାଜନ, ତୁମେ ଏପରି ଦାନ କାହାଠାରୁ ଶିଖିଛ ଯେ, ତୁମର ହାତ ଦାନ ଦେବା ପାଇଁ ଉପରକୁ ଯେତେ ଯେତେ ଉଠୁଛି, ତୁମର ନଜର, ତୁମର ଆଖି ସେତେ ସେତେ ତଳକୁ ଆସୁଛି। ତୁଳସୀ ଦାସଙ୍କ ପତ୍ର ପଢ଼ି ତାଙ୍କ ନିକଟକୁ ରାଜା ଉତ୍ତର ଦେଲେ। ସେ ଉତ୍ତର ଥିଲା ଭାବର, ବୋଧର ଓ ସମର୍ପଣର। ରାଜା ଲେଖିଲେ ଦେନ ହାର କୋଇ ଔର ହୈ ଭେଜତ ଜୋ ଦିନ ରୈନ, ଲୋଗ ଭରମ ହମ ପର କରେଂ ତାସୋ ନୀଚେ ନୈନ । ଅର୍ଥାତ୍ ଦେବାବାଲା ଆଉ ଜଣେ, ସେ ହେଉଛନ୍ତି ପରମାତ୍ମା, ସଭିଙ୍କ ମାଲିକ। ସେ ଦିନରାତି ଆମକୁ ଦେଉଛନ୍ତି। କିନ୍ତୁ ଲୋକେ ଭାବୁଛନ୍ତି ଯେ ମୁଁ (ରାଜା ) ସେମାନଙ୍କୁ ଦେଉଛି। ଏ କଥା ଭାବି ମୋତେ ସରମ ଲାଗୁଛି, ଲାଜ ଲାଗୁଛି ଓ ମୋ ନଜର ତଳକୁ ହୋଇଯାଉଛି।

ପ୍ରଥମେ ଉପରବାଲା ଆମକୁ ଦେଉଛନ୍ତି। ତାହାକୁ ଆମେ ପରେ ଅନ୍ୟକୁ ଦେଉଛୁ। ଯାହା ଆମେ ପାଉ ସେଥିରେ ଆମେ ଜୀବିକା ନିର୍ବାହ କରୁ। କିନ୍ତୁ ଆମେ ଯାହା ଅନ୍ୟକୁ ଦେଉ ସେଥିରେ ଜୀବନ ଗଢୁ । ସାରା ଜୀବନ ଆମେ ଆମର ଆୟ ଓ ବ୍ୟୟର ହିସାବ ନିକାସରେ ଅତିବାହିତ କରୁ। ଆଳସ୍ୟ ଓ ଭୋଗ ବିଳାସରେ ସମୟ କାଟୁ, ହେଲେ ସୁଖ ମିଳିପାରେ ନାହିଁ ଆମକୁ। କେବେ କେମିତି ଅନ୍ୟକୁ ସାହାଯ୍ୟ, ବେସାହାରାକୁ ସାହାରା, ଅଭାବୀଙ୍କୁ ସହାୟତା ଆମ ମନରେ ଅଫୁରନ୍ତ ଖୁସି ଭରିଦିଏ, ଯାହା କି ଅନ୍ୟ ପାର୍ଥିବ ଉପାଦାନରୁ ଆମକୁ ମିଳିପାରି ନ ଥାଏ। ଚାଇନାରେ ଦାନକୁ ନେଇ ଏକ ଲୋକକଥା ରହିଛି। ଯଦି ଆପଣ ଏକ ଘଣ୍ଟା ପାଇଁ ଖୁସି ଚାହୁଁଛନ୍ତି ତେବେ ନିଦରେ ଶୋଇପଡ଼। ଯଦି ଦିନଟିଏ ପାଇଁ ଖୁସି ଚାହୁଁଛ ତେବେ ମାଛ ଧରିବାକୁ ଯାଅ। ଯଦି ସାରା ଜୀବନ ଖୁସିରେ ବଞ୍ଚିବାକୁ ଚାହୁଁଛ ତେବେ ଅନ୍ୟକୁ ସାହାଯ୍ୟ କର। ଆମ ସଂସ୍କୃତିରେ ଧନର ସଦୁପଯୋଗ ପାଇଁ ବାର୍ତ୍ତା ରହିଛି। ଧନର ପ୍ରୟୋଗ ତିନିପ୍ରକାର କରାଯାଏ; ଯେଉଁଥିରେ କି ଦାନକୁ ସର୍ବୋତ୍ତମ ସ୍ଥାନ ମିଳିଛି। ଧନର ଦାନ ବା ତ୍ୟାଗକୁ ମହାନତାର ଆଖ୍ୟା ଦିଆଯାଇଛି। ସେଥିପାଇଁ ଧନଦାନକୁ ପ୍ରାଚୀନ କାଳରେ ଗୁରୁତ୍ୱ ଦିଆଯାଉଥିଲା। ଧନର ଭୋଗକୁ ଦ୍ୱିତୀୟ ସ୍ଥାନ ମିଳିଛି। ଅର୍ଥାତ୍ ଆବଶ୍ୟକତା ଅନୁଯାୟୀ ଖାଦ୍ୟ, ବସ୍ତ୍ର ଓ ବାସଗୃହ ତଥା ଅନ୍ୟାନ୍ୟ ସୁଖ ସୁବିଧା ପାଇଁ ଖର୍ଚ୍ଚ ମଧ୍ୟ କରାଯାଇପାରିବ। ତୃତୀୟ ସ୍ଥାନରେ ରହିଛି ଧନ ନାଶ। ଅର୍ଥାତ୍ ଆପଣ ଧନକୁ ଦାନ କରିବେ ନାହିଁ, ନିଜ ପାଇଁ ଖର୍ଚ୍ଚ କରିବେ ନାହିଁ, ତେବେ ତାହା ଧନ ନାଶରେ ଗଣା ହେବ। ସେଥିପାଇଁ ଦାନ, ଖର୍ଚ୍ଚ ଓ ସଞ୍ଚୟ ଭିତରେ ଧନର ସନ୍ତୁଳନ ପାଇଁ ପରାମର୍ଶ ଦିଆଯାଇଛି। ଯଦି କିଛି ପ୍ରାପ୍ତିର ଆଶା ରଖୁଛ, ତେବେ ତା' ପୂର୍ବରୁ ଅନ୍ୟକୁ ଅର୍ପଣ କରିବା ଶିଖ। ଗୋସ୍ୱାମୀ ତୁଳସୀ ଦାସଙ୍କ ଭାଷାରେ ଯେପରି ପକ୍ଷୀଙ୍କ ଶୋଷରେ ନଦୀର ଜଳ ହ୍ରାସ ହୁଏନାହିଁ, ସେହିପରି ଅନ୍ୟକୁ ଦାନ ଦେବାରେ ଧନ ହ୍ରାସ ହୁଏନାହିଁ। ଦାନ ଦେଇ କେହି କେବେ ଗରିବ ହୁଏନାହିଁ। ଦାନ ଦେଇ ତାହାର ପ୍ରଚାର କରନାହିଁ। ଏହାଦ୍ୱାରା ନିଜ ମଧ୍ୟରେ ଅହଂ ଭାବ ଉଦ୍ରେକ ହୁଏ। ସେଥିପାଇଁ କୁହାଯାଏ ଡାହାଣ ହାତରେ ଦେଉଥିବା ଦାନ ଯେପରି ବାମ ହାତକୁ ଜଣା ନ ପଡ଼େ। ଗୀତାରେ କୁହାଯାଇଛି, ବିନା ପ୍ରତ୍ୟାଶାରେ ଦେଶ, କାଳ ଓ ପାତ୍ରକୁ ନ ଦେଖି ଯେଉଁ ଦାନ ଅର୍ପଣ କରାଯାଏ ତାହା ଶ୍ରେଷ୍ଠ ଦାନ। କୋରାନରେ କୁହାଯାଇଛି– ପ୍ରାର୍ଥନା ମନୁଷ୍ୟକୁ ଈଶ୍ୱରଙ୍କ ନିକଟକୁ ଅଧା ରାସ୍ତା ପର୍ଯ୍ୟନ୍ତ ନେଇଯାଏ, ଉପବାସ ଈଶ୍ୱରଙ୍କ ମହଲ ପର୍ଯ୍ୟନ୍ତ ନେଇଯାଏ ଓ ଦାନ ମନୁଷ୍ୟକୁ ଈଶ୍ୱରଙ୍କ ମହଲ ଭିତରକୁ ନେଇଯାଇଥାଏ। ଋକବେଦରେ କୁହାଯାଇଛି, ଯେଉଁ ମନୁଷ୍ୟ ଦାନ–ଦକ୍ଷିଣା ଅର୍ପଣ କରନ୍ତି, ସେମାନେ ସ୍ୱର୍ଗ ଲୋକରେ ଉଚ୍ଚ ସ୍ଥାନ ପ୍ରାପ୍ତ ହୁଅନ୍ତି। ଦାନୀ କେବେ ଦୁଃଖୀ ହୁଏ ନାହିଁ କି ତାକୁ ପାପ କେବେ ସ୍ପର୍ଶ କରିପାରେ ନହିଁ। ପ୍ରତ୍ୟେକ ମନୁଷ୍ୟ ନିଜ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ଦାନ କରିବା ଉଚିତ। ଯଦିବା ଆପଣ ଦାନ ପାଇଁ ସାମର୍ଥ୍ୟ ନୁହନ୍ତି, କିନ୍ତୁ ଦାନ କରିବାର ଅଭିଳାଷ ଅଛି, ତାହା ମଧ୍ୟ ପୁଣ୍ୟ । ଯେପରି ବାଷ୍ପୀକରଣ ଦ୍ୱାରା ପୃଥିବୀରୁ ଜଳ ଆକାଶକୁ ଯାଇ ପୁନଃ ବର୍ଷା ରୂପେ ପୃଥିବୀକୁ ଫେରିଆସେ, ଠିକ୍ ସେହିପରି ସଜ୍ଜନ ମନୁଷ୍ୟ ଯାହା ଗ୍ରହଣ କରନ୍ତି, ତାହା ଦାନ କରିଦିଅନ୍ତି।

ଆମ ଚାରିକଡରେ ଥିବା ଅଭାବୀ ମଣିଷଙ୍କୁ ଦେବା ପାଇଁ ଆମପାଖରେ ଅନେକ ଜିନିଷ ଅଛି। କେବଳ ଦେବାର ମାନସିକତାଟିଏ ଲୋଡ଼ା। ଯଦି କାହା ପାଖରେ ଦେବାପାଇଁ କିଛିପାର୍ଥିବ ବସ୍ତୁ ନାହିଁ ତେବେ ସେମାନେ ସେମାନଙ୍କର ସମୟ, ଜ୍ଞାନ, ପ୍ରେମ, ସ୍ନେହ, ସହଯୋଗ ମଧ୍ୟ ଦେଇପାରିବେ। ଜଣେ ବ୍ୟକ୍ତି ବସ୍‌ରେ ଯିବାବେଳେ ପ୍ରତିଦିନ ନିଜର ବସିବା ଜାଗାଟିକୁ ପାଖରେ ଠିଆ ହୋଇଥିବା ଲୋକକୁ ବସିବାକୁ ଦେଇ ନିଜେ ଠିଆ ହୋଇ ଯାତ୍ରା କରନ୍ତି । ଯଦିବା ଯାତ୍ରା ସମୟରେ କେଉଁଠି ସିଟ୍‌ଟିଏ ଖାଲି ହୁଏ, ସେ ବସି ତ ପଡ଼ନ୍ତି, ମାତ୍ର ପରମୁହୂର୍ତ୍ତରେ କେହି ଯଦି ଠିଆ ହୋଇ ଯାତ୍ରା କରନ୍ତି, ତେବେ ତୁରନ୍ତ ନିଜ ସିଟ୍‌କୁ ସେହି ବ୍ୟକ୍ତିଙ୍କୁ ଦେଇ ନିଜେ ପୁନର୍ବାର ଠିଆ ହୋଇପଡ଼ନ୍ତି । ଏ ସବୁକୁ ଲକ୍ଷ୍ୟ କରୁଥିଲେ ବସ୍‌ରେ ଯାତ୍ରା କରୁଥିବା ଅନ୍ୟ ଜଣେ ସହୃଦୟ ବ୍ୟକ୍ତି। ଉତ୍ସୁକତାର ସହ ଏହାର କାରଣ ପଚାରିଲେ ସେହି ବ୍ୟକ୍ତିଙ୍କୁ, ଆଉ ଯେଉଁ ଉତ୍ତର ଶୁଣିଲେ ସେଥିରେ ତାଙ୍କ ମୁଣ୍ଡ ସେହି ବ୍ୟକ୍ତିଙ୍କ ଆଗରେ ନଇଁଗଲା। ବ୍ୟକ୍ତିଙ୍କ ଉତ୍ତର ଥିଲା ଏହିପରି। ମୁଁ ଜଣେ ଅଭାବୀ ମଣିଷ। ମୋ ପାଖରେ ଅନ୍ୟକୁ ଦେବାଭଳି ଅର୍ଥ ବା ସେଭଳି କିଛି ସାମଗ୍ରୀ ନାହିଁ। ଦେବାରେ ଯେଉଁ ଆନନ୍ଦ ମିଳେ ତାହା ଦେବାବାଲା ହିଁ ଜାଣେ। ତେଣୁ ବସ୍‌ରେ ଯିବାବେଳେ ବସିବାର ଆବଶ୍ୟକତା କରୁଥିବା ମଣିଷଙ୍କୁ ନିଜ ସିଟ୍‌ରେ ବସିବାକୁ ଦେଇ ମୁଁ ସେହି ଆନନ୍ଦ ଟିକେ ପାଉଛି। ବାଃ, କି ମହତ୍ ଭାବନା। ବାସ୍ତବରେ ଯେଉଁ ଆନନ୍ଦ ଦେବାରେ ଥାଏ, ତାହା ଅନ୍ୟ କେଉଁଠାରେ ନ ଥାଏ। ଯେଉଁମାନେ ଏହା ଉପଲବ୍ଧି କରିଛନ୍ତି ସେମାନେ ସାରା ଜୀବନ ଖୁସି ଓ ଆନନ୍ଦରେ ରହିପାରିଛନ୍ତି।

ମୋ–୯୪୩୭୨୩୨୪୬୩

# ଅଛଡ଼ା–ଦୂରୁଛଡ଼ା



ଶ୍ରୀମାନ୍ ସର୍ବଗିଳା

ପ୍ରାୟ ଅଠର–କୋଡ଼ିଏ ବର୍ଷ ତଳେ ମୁଁ ଜଣେ ବନ୍ଧୁଙ୍କ ଘରେ ପଶିଲାବେଳକୁ ବନ୍ଧୁ ବନ୍ଧୁପତ୍ନୀ ମଧ୍ୟରେ ଚାଲିଥିଲା ଘମାଘୋଟିଆ ମଧୁର ଝଗଡ଼ା। ଆପଣ କହିବେ, ଝଗଡ଼ା ତ ଝଗଡ଼ା, ପୁଣି ମଧୁର ଝଗଡ଼ା କ'ଣ ? ଆଜ୍ଞା! କଥାଟା ପୂରା ନ ଶୁଣି ଆଗରୁ ରୋକିଲେ ମୁଁ କହିବି କ'ଣ ଆଉ ଆପଣ ବୁଝିବେ କେମିତି? ସେ କଥା କ'ଣ କି– ପତି ରାଗିକି କହୁଛନ୍ତି, ''ହେଇଟି ଶୁଣୁଛ ? ତମେ ଯେମିତି ମୋ ଭଳିଆ ପତିକି ନିନ୍ଦୁଛ, ଟାଣୁଆ କଥା କହି ମୋ ଅନ୍ତରକୁ ବିନ୍ଧୁଛ, କେବେ ମୋ ମନର ଅବସ୍ଥା କ'ଣ ବୁଝିଛ ? ମୁଁ ଆଉ ତମ ଭଳିଆ ପତ୍ନୀର ବାଣ ମାର୍କା ଟାଣ କଥା ସହିପାରିବିନି। ଭାବୁଛି ଆତ୍ମହତ୍ୟା କରି ପୂରାପୂରି ମରିଯିବି।''

ପତ୍ନୀ କହିଲେ, ''ମଲା କିଏ କହୁଛି ତମକୁ ଅଧା ମରିବାକୁ ବା ? ତମ ମନ ଭିତରେ ଯେବେ ଏମିତିଆ ଶୁଦ୍ଧିଭାବନା ଜାଗିଲାଣି, ତେବେ ମର। ମୁଁ କାହିଁ ତମ ଇଚ୍ଛାକୁ ବାଧା ଦେବି – ପାପ ଅର୍ଜିବି କହିଲ ?''ପତି ଏତକ ଶୁଣି କହିଲେ, ମୁଁ ମରିଯିବି, ଏକଥା ତମେ କେମିତି ଭାବିପାରୁଛ ? ଛ'ବରଷ ହେଲାଣି ମତେ ବାହାହବା ପରଠୁ ଏମିତି ନିଷ୍ଠାରେ ଖାଲି ଫଳମୂଳ ପେଟେ ଖାଇ ସାବିତ୍ରୀ ବ୍ରତ ପାଳିଛ, ମୋ ଦୀର୍ଘାୟୁ କାମନା କରୁଛ ଯେ, ଯମ କ'ଣ – ତା' ବୋପା ଆସିଲେ ବି ମତେ ନେଇପାରିବ ନା ? ପତ୍ନୀ ଛଳେଇ କହିଲେ ଏଁ...ସତେ? ହେଲେ ତେମେ ଯେବେ ମରିପାରୁନ, ମତେ ଛାଡ଼ିଦିଅ। ମୁଁ ମରିଯିବି ନଲେ ଏ ଘର ଛାଡ଼ି କୁଆଡ଼େ ପଳେଇବି। ତମ ପାଖେ ଏତେ କଷ୍ଟ ସହି ପାରିବିନି କି ଏ ଘରେ ରହିପାରିବିନି । ତେମେ ତ ବାହାହବା ଆଗରୁ କହୁଥିଲ ଯାହା ମାଗିବି ତା' ଖଞ୍ଜିଦେବ। ହେଲେ ବାହାଘର ଛ'ବରଷ ପରେ ନା ଭଲ ମନ୍ଦ ମୋ ମନ ବୁଝି କେବେ କିଣିଦେଇଛ ? ଆଜି, ଏଇକ୍ଷଣି ମରିବି, ନଲେ ଘରଛାଡ଼ି ଯିବି। ପତି କହିଲେ, ଯଦି ମନ କହୁଛି ମର, ନ'ଲେ ଯୁଆଡ଼େ ଯିବ ତୁରନ୍ତ ଯାଅ। ପତ୍ନୀ କହିଲେ କି କଥା କହୁଛ ? ଆହେ ମୁଁ ପରା ଅଗ୍ନି କି ସାକ୍ଷୀରଖି ବେଦିରେ ତମ ହାତ ଧରି ସାତ ଜନମର ସାଥୀ ହବା ପାଇଁ ସଂକଳ୍ପ କରିଛି, ଏବେ ତ ମାତ୍ର ଗୋଟାଏ ଜନମରୁ ଜମା ଛ'ବରଷ ଯାଇଛି। ମୁଁ କେମିତି ତମକୁ ଛାଡ଼ି ମରିପାରିବି ନା କୁଆଡ଼େ ଯାଇପାରିବି? ତା'ଛଡ଼ା ତମକୁ ଛାଡ଼ିଲେ ଆଉ କାହା ସହ ନିଇତି ଝଗଡ଼ା କରିବି?

ଆଃ! କି ଚମତ୍କାର ମଧୁର କଳି! କିଏ କଳନା କରିପାରିବ ଏ ଭାରତୀୟ ନରନାରୀ, ଯାଙ୍କ ପତି–ପତ୍ନୀ ସମ୍ପର୍କ କିପରି? ଏତେ ବର୍ଷ ପରେ ବି ତାଙ୍କ ପିଲାପିଲିର ସଂସାର ଦୌଡ଼ି ଦୌଡ଼ି ଚାଲିଛି। ଏମିତି ଆଉ ଗୋଟିଏ ଘଟଣା ୧୯୮୨ ମସିହା ମୋ କଲେଜ ଜୀବନରେ ଛାତ୍ରାବସ୍ଥାରେ ଦେଖି ଚକିତ ହୋଇଯାଇଥିଲି। ଭୁବନେଶ୍ୱର ସେତେବେଳ ରେଲଷ୍ଟେସନ ଶେଷଆଡ଼କୁ ଗୋଟେ ଝଙ୍କାଳିଆ ବରଗଛ ଉପରେ ଥାଏ ଅସଂଖ୍ୟ ପକ୍ଷୀଙ୍କର ବସା। ତଳେ ଥାଏ ଭିକାରିମାନଙ୍କର ସଂସାର, ବିଶ୍ରାମସ୍ଥଳ। ସେତେବେଳେ କୋଇଲା ଇଞ୍ଜିନ୍ ରେଲଗାଡ଼ି ଛୁକ୍ ଛୁକ୍ ଶବ୍ଦ ସାଙ୍ଗକୁ କଳାଧୂଆଁ ଫୁତ୍‌କାର ଉପରକୁ ଛାଡ଼ି ଗଲା ଆଇଲାବେଳେ ଗଛ ଉପରେ ଥିବା ଚଢ଼େଇ ଉଡ଼ିଉଡ଼ି କେଁ କଟର ରଡ଼ିଛାଡ଼ି ରେଳର ପ୍ରତିବାଦ କରନ୍ତି। ହେଲେ ରେଳଗାଡ଼ି ସେମିତି ଚାଲିଥାଏ। ଚଢ଼େଇମାନେ ବି ସବୁ ସହି ତାଙ୍କ ସଂସାର ବଂଶବୃଦ୍ଧି କରୁଥାନ୍ତି ଗଛ ଉପରେ। ଆଉ ଭିକାରିମାନେ ଗଛତଳେ।

ସେଦିନ ମୁଁ ସବୁଦିନ ଭଳି କଲେଜରୁ ଫେରିବା ବାଟରେ ଷ୍ଟେସନ ତଳମୁଣ୍ଡ ବରଗଛ ତଳେ ସିମେଣ୍ଟ ଚଉକିରେ ବସୁବସୁ ବିକଳ କାନ୍ଦ ବୋବାଳି ସହିତ ଗାଳିଗୁଲଜ ଶୁଣି ଦେଖେ ତ ଭିକାରିଟେ ତା' ଭିକାରୁଣୀକି ତଡ଼ା ଧରି ପିଟୁଛି। ଭିକାରୁଣୀ ବିକଳ ଚିତ୍କାରରେ ରକ୍ଷା କରିବାକୁ ଅନ୍ୟଙ୍କୁ ଡାକୁଛି। ମୋର ସେତେବେଳେ ଗଜା ବୟସ। ଅମାପ ବଳ, ଅସୀମ ସାହସ। ଦୌଡ଼ିଯାଇ ଭିକାରି ହାତରୁ ବାଡ଼ି ଛଡ଼େଇ ଧକ୍କାଏ ପକେଇ ତଡ଼ାଟାକୁ ଗୋଡ଼ରେ ଭାଙ୍ଗିଦେଲି। ଭାବିଥିଲି ଭିକାରୁଣୀ ଖୁସିହୋଇ ମତେ କଲ୍ୟାଣ କରିବ। କିନ୍ତୁ ମୋ ସହିତ ଜବର କଳି କଲା। ମୁଁ କାହିଁ ତା' ଗେରସ୍ତ ଦିହରେ ହାତ ଦେଲି ବୋଲି ମୋତେ ଗାଳିଦେଲା। ହାୟ! ମାଡ଼ ମାରୁଥିବା ପତି ପ୍ରତି ମାଡ଼ ଖାଉଥିବା ପତ୍ନୀ ପ୍ରେମ ଦେଖି ସେଦିନ ମୁଁ ତାଜୁବ୍ ହେଇଗଲି। ଆମ ଦେଶୀୟ ପ୍ରେମ କେତେ 'ଅଛଡ଼ା' ବୋଲି ଭାବୁଥିଲି। ସେତେବେଳେ ଆଜିପରି ଏତେ ଉଚ୍ଚଶିକ୍ଷା ନ ଥାଇ ବି ଧନର ଅଭାବ ଥାଇ ବି ପତି–ପତ୍ନୀଙ୍କର ଗାଢ଼ା ନିବିଡ଼ ପ୍ରେମ ସହିତ ଆଜିର ପ୍ରେମକୁ ଏବେ ବସି ତୁଳନା କରୁଛି। ଏମିତି କଥା ଭାବୁଛି।

ଏବେ ଆଚ୍ଛା ଆଚ୍ଛା ଭଦ୍ର ଶିକ୍ଷିତ–ଶିକ୍ଷିତା ପୁଅ ଝିଅଙ୍କର ପ୍ରେମର ସୁରୁଆତ ହୁଏ 'ଆଇ ଲଭ୍ ୟୁ' ମଧୁର ସ୍ୱରରୁ। ମାତ୍ର ଅଳ୍ପ କେଇଦିନ/ବର୍ଷ ପରେ 'ଆଇ ହେଟ୍ ୟୁ' ଶୁଣେଇ 'ବ୍ରେକ୍ ଅପ୍' ଇଂଲିଶ ଭାଷାରେ ପରସ୍ପରଠୁ ଦୂରେଇ ଯାଉଛନ୍ତି। କାଲିର ଖାସ୍ ପ୍ରେମ– ଆଜି କେସ୍‌କାସ୍‌ରେ ରୂପାନ୍ତରିତ ହୁଏ। ଲେଖାପଢ଼ା କୋର୍ଟ କଚେରିରେ ଛାଡ଼ପତ୍ର ଦିଆଯାଏ। କାଲି ଯିଏ କହୁଥିଲା, 'ତମେ ମୋ ସୁନା, ମୋ ଧନ, ମୋ ଗେଲୁ, ତମ ବିନା ମୁଁ ବଞ୍ଚିପାରିବିନି; ଆଜି କହେ ମୋ ଠୁ ଦୂରେଇ ନ ଦେଲେ ମୁଁ ଶାନ୍ତିରେ ନିଃଶ୍ୱାସ ନେଇପାରିବିନି। କାଲି ଯିଏ କହୁଥିଲା, 'ତମେ ମୋର ପ୍ରାଣପ୍ରିୟ, ଆଜି କହେ କିଏ ଅଛରେ ଆସିକି ତା' ପ୍ରାଣନିଅ ।' ହାୟ। ମୋ ବାପା କି ବୋଉ, କେହି କାହାକୁ ଦିନେ ବି କହି ନ ଥିଲେ 'ଆଇ ଲଭ୍ ୟୁ', ଧନ, ଗେଲୁ ନ ଡାକିଲେ ବି ପାଚିଲା ବୟସ ଯାଏ କେହି କାହାଠୁ ଦୂରେଇ ରହିପାରୁ ନ ଥିଲେ। କାହାର ଦେହ ଖରାପ ହେଲେ ଆଉ ଜଣେ ଆଖିରୁ ଲୁହ ଢାଳି ଦିଅଁଦେବତାଙ୍କୁ ମାନସିକ କରି ରାତିରାତି ବସି ସେବା କରି ଆରୋଗ୍ୟ କାମନା କରୁଥିଲେ। ଆର୍ଥିକ ଅଭାବ ଅସୁବିଧାରେ ମତାନ୍ତର କି ମନାନ୍ତର ଟିକେ ହୋଇ କିଏ ଉପାସରେ ଶୋଇଲେ, ଆଉଜଣେ ରାଣପକେଇ ଭୁଲ୍ ମାଗି ଭିଡ଼ିଧରି ଖୁଆଇଲା ପରେ ଆଉ ଜଣେ ଖାଉଥିଲେ। ଆଜିକାଲି ପରି ଘରକଳିକି ଦାଣ୍ଡରେ ହାଟରେ ଗଡ଼ଉ ନ ଥିଲେ କି ଆପଣା ହାତରୁ ଧନ ସାରି ଓକିଲ ପରାମର୍ଶ କରି କୋର୍ଟ କଚେରି ଧାଉଁ ନ ଥିଲେ। ସେତେବେଳେ ଅନେକ ସନ୍ତାନ ଜନ୍ମଦେଇ ପାଳିପୋଷି ମାତାପିତାର ମହତ୍ତ୍ୱ ତୁଲେଇଲାବେଳେ, ଆଜିକାଲି ଗୋଟିଏ ସନ୍ତାନର ମାତା ପିତା ହବାପାଇଁ ଅନ୍ୟର ଗର୍ଭ ଜରାୟୁ ଖୋଜୁ ନ ଥିଲେ କି ଯୌବନ ଖସିଯିବ ବୋଲି ଆଦୌ ଜନ୍ମଦେବାକୁ ଚାହୁଁ ନ ଥିଲେ। ବାହା ନ ହେଇ ସ୍ୱାମୀ–ସ୍ତ୍ରୀ ଭଳି ଏକାଠି ରହିବା ସବୁକାମ କରୁଥିଲେ ବି ପତି–ପତ୍ନୀର ପରିଚୟକୁ ଫୁ କରି ଲିଭିଂ ଟୁଗେଦର' ଇଂଗ୍ରିଜିଆ ସଂସ୍କାର ସେମାନେ ଶିଖି ନ ଥିଲେ। ତେବେ ସେଦିନର ଅଛଡ଼ା ପ୍ରେମ, ଆଉ ଆଜିକାଲିଆ ଅଳ୍ପଦିନିଆ ନିବିଡ଼ ଦୂରୁଛଡ଼ା ପ୍ରେମ ଭିତରେ କୋଉଟା ଭଲ, ଟିକେ ଭଲରେ ଭାବିଚିନ୍ତି କହିବେ।

ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ,
ମୋ:୭୦୦୮୧୮୮୪୭

## ଏଇ ଭାରତରେ

ବାଉଁଶ ତିଆରି ଜିନିଷ ପ୍ରସ୍ତୁତ କରି ପ୍ଲାଷ୍ଟିକ ବର୍ଜ୍ୟ ଦୂର କରିବାକୁ ଯୋଗେଶ ସିନ୍ଦେଙ୍କ ନିଆରା ପଦକ୍ଷେପ ସ୍ୱାଗତଯୋଗ୍ୟ। ବାଉଁଶ ଜିନିଷ ବ୍ୟବହାର ବୃଦ୍ଧି କରି ଏବେ ସୁଦ୍ଧା ସେ ପାଖାପାଖି ୧୬.୫ ଲକ୍ଷ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ କମ୍ କରିବାକୁ ସକ୍ଷମ ହୋଇଛନ୍ତି। ମହାରାଷ୍ଟ୍ରର ପୁଣେ ନିବାସୀ ସିନ୍ଦେ ୨୦୧୬ରେ 'ବାମ୍ବୋ ଇଣ୍ଡିଆ' ଷ୍ଟାର୍ଟଅପ୍ ଗଠନ କରି ଫେସ୍‌ବୁକ ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଲକ୍‌ଡାଉନ୍ ସମୟରେ କାରିଗର ଯୋଗାଡ଼ କରି କାମରେ ଲଗାଇବା, ଅନ୍ୟ ବାଉଁଶ ଉତ୍ପାଦ ସମ୍ପର୍କରେ ଆଲୋଚନା କରିବା ଓ ବିଭିନ୍ନ ବ୍ୟବସାୟିକ ସଂସ୍ଥା ସହ ଚୁକ୍ତି କରିବା ଆଦି କାର୍ଯ୍ୟ ସହଜରେ କରିପାରିଛନ୍ତି। ସିନ୍ଦେ ପୁଣେ ନିକଟସ୍ଥ ଭେଲି ବ୍ଲକ୍‌ର ବିଭିନ୍ନ ଗାଁର ୪୦୦୦ କୃଷକଙ୍କୁ ବାଉଁଶ ଜିନିଷ ନିର୍ମାଣ କରିବାରେ ନିଯୁକ୍ତ କରିଛନ୍ତି। ସେମାନେ ବାଉଁଶରୁ ଟୁଥ୍‌ବ୍ରଶ, ସ୍ପିକର, ୟୁଟିଲିଟି ଷ୍ଟାଣ୍ଡ, ସ୍କାଏ ଲାଣ୍ଟିନ, ଡେସ୍କ ଅର୍ଗାନାଇଜର, କ୍ଲଥ୍ ପେଗ୍ସ ଆଦି ତିଆରି କରୁଛନ୍ତି। ଏହାବ୍ୟତୀତ ଟ୍ରାଭେଲ କିଟ୍ସ, ପାନିଆ, କି ଚେନ୍‌ଡେସ୍କଟପ୍ ଆସେସରିଜ୍ ଆଦି ମଧ୍ୟ ପ୍ରସ୍ତୁତ କରାଯାଉଛି। ପ୍ରଥମେ ସେମାନେ ଦିନକୁ ୧୦୦ ଟୁଥ୍‌ବ୍ରଶ ତିଆରି କରୁଥିଲେ, ଏବେ ସମ୍ମିଳିତ ଉଦ୍ୟମରେ କାରିଗରମାନେ ୫୦,୦୦୦ ବ୍ରଶ୍ ପ୍ରସ୍ତୁତ କରୁଛନ୍ତି। ୨୦୨୨ରେ ସେ ବାଉଁଶ ନିର୍ମିତ ଖେଳନା ଓ ଗହଣା ବଜାରକୁ ଛାଡ଼ିବା ଲାଗି ଯୋଜନା କରିଛନ୍ତି। ବାଉଁଶ ଉତ୍ପାଦର ଆବୃତ୍ତି ବୃଦ୍ଧି କରି ପ୍ରତିବର୍ଷ ୧ ମିଲିୟନ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ କମ୍ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି ୪୨ ବର୍ଷୀୟ ସିନ୍ଦେ । ବ୍ୟବସାୟିକ କାର୍ଯ୍ୟ ଲାଗି ସେ ୪୨ ଜଣ ଲୋକଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୯୬

- ଚୀନର ଦକ୍ଷିଣାଞ୍ଚଳ ଚୁଆଙ୍ଗଡଙ୍ଗ ପ୍ରଦେଶର ସୁଦୁର ପାହାଡ଼ିଆ ପିଙ୍ଗାଶି ସହର ନିକଟରେ ଏକ ବନ୍ଧ ଭୁଶୁଡ଼ି ପଡ଼ିବା ଫଳରେ ୧୦୦ ଜଣଙ୍କ ମୃତ୍ୟୁ।
- କେନ୍ଦ୍ରରେ ପ୍ରତିଷ୍ଠିତ ମିଳିତ ସାମ୍ମୁଖ୍ୟ ସରକାରଙ୍କ କ୍ୟାବିନେଟ୍ ନିଷ୍ପତ୍ତି କ୍ରମେ କେନ୍ଦ୍ରୀୟ ପଛୁଆବର୍ଗ ତାଲିକାରେ ଚଷା, ପାଟରା, ଯାଦବ ଓ ଗୋଲା ଆଦି ୨୮ଟି ଜାତି ସାମିଲ।

## ସୁଡୋକୁ

sudoku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 2 | 3 | | | | |
| | | | | | | | 9 | |
| | 5 | 6 | | | | | | 4 |
| | | 4 | 3 | | | 6 | | |
| | 3 | 7 | | | | | 2 | 1 |
| | | | 8 | | | | 3 | |
| | | | | 9 | | 5 | | |
| | 4 | 1 | | | | 2 | | |
| | 7 | | 6 | | 5 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 6 | 8 | 7 | 9 | 1 | 2 |
| 6 | 1 | 7 | 9 | 2 | 5 | 8 | 3 | 4 |
| 9 | 2 | 8 | 4 | 1 | 3 | 6 | 5 | 7 |
| 2 | 4 | 9 | 7 | 3 | 8 | 5 | 6 | 1 |
| 1 | 3 | 5 | 2 | 6 | 9 | 7 | 4 | 8 |
| 8 | 7 | 6 | 1 | 5 | 4 | 2 | 9 | 3 |
| 7 | 6 | 3 | 8 | 9 | 1 | 4 | 2 | 5 |
| 5 | 8 | 2 | 3 | 4 | 6 | 1 | 7 | 9 |
| 4 | 9 | 1 | 5 | 7 | 2 | 3 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ ବଞ୍ଚାନ୍ତୁ

ମହାଶୟ, ଓଡ଼ିଶାରେ ବହୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହୁଛି। ଏଥିରେ ଚାଷୀମାନଙ୍କର ବ୍ୟାପକ କ୍ଷତି ହେଉଛି। ଚାଷୀ ବଞ୍ଚିବା ପାଇଁ ସରକାର କିଛି ପଦକ୍ଷେପ ନେବା ଆବଶ୍ୟକ। ସରକାର ଧାନ କୁଇଣ୍ଟାଲ ୫ ହଜାର କରନ୍ତୁ, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର କରନ୍ତୁ। ଗାଈ ବଳଦଙ୍କୁ ଦାନା ମାଗଣା ଦିଅନ୍ତୁ । ଚାଷୀମାନଙ୍କୁ ଇଲେକ୍ଟ୍ରିକ ବିଲ୍ ଛାଡ଼ କରନ୍ତୁ। ଚାଷୀଙ୍କୁ ବଞ୍ଚାଇବା ସହ ସରକାର ଲାଞ୍ଚ ପ୍ରତି ସାବଧାନ ରହିବା ଉଚିତ। ଲାଞ୍ଚ କାରବାର ଏତେ ହେଉଛି ଯେ ଯିଏ ଦେଉଛି ସେମାନେ ସୁବିଧା ପାଉଛନ୍ତି। ବହୁ ଲୋକ ଏଥିରୁ ବଞ୍ଚିତ ହେଉଛନ୍ତି। ପାତରଅନ୍ତର ଯୋଗୁ ୭୦ବର୍ଷ ବୟସ୍କ ଲୋକ ମଧ୍ୟ ଭତ୍ତା ପାଇପାରୁନାହିଁ। ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି। କୃଷି କ୍ଷେତ୍ରରେ ଯୋଜନା ବଢ଼ାଇ ଚାଲିଲେ କ'ଣ ହେବ ତାହାର ସୁଫଳ ମିଳି ପାରୁନାହିଁ। ଚାଷୀ ବଞ୍ଚିଲେ ଦେଶ ବଞ୍ଚିବ। ଚାଷୀମାନେ ତୃଣମୂଳ ସ୍ତରରେ କିଭଳି ଯୋଜନାରୁ ସୁଫଳ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

–ପୂର୍ଣ୍ଣଚନ୍ଦ୍ର ମହାନ୍ତି, କରଡ଼ଗାଡ଼ିଆ, ଖୋର୍ଦ୍ଧା

## ଚିରନ୍ତନୀ

କପାଳେ ତବ ଶିଶିର ତୁମେ
ନୟନେ ଲାଗେ ସ୍ୱପନ ରାଶି,
ନିଜନ ଏହି ମଉନ ଦେଶେ
କହ ଗୋ କାହୁଁ ଅଇଲ ଭାସି।
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଗୋଦ୍‌ରେଜ୍ ଆପ୍ଲାଏନ୍ସର ନୂତନ ଉତ୍ପାଦ

ଭୁବନେଶ୍ୱର,୨୧।୧୨: ଗୋଦରେଜ୍ ଗ୍ରୁପ୍‌ର ପ୍ରମୁଖ କଂପାନି ଗୋଦରେଜ୍ ଆଣ୍ଡ୍ ବଏସ୍‌ର ଅଂଶ ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର ବର୍ଗମାଳା ପାଇଁ ଉନ୍ନତ ''ନାନୋ ଡିସ୍‌ଇନଫେକ୍ସନ ଟେକ୍ନୋଲୋଜି'କୁ ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ତଥା ବ୍ୟବସାୟ ମୁଖ୍ୟ କମଲ ନନ୍ଦୀ, କହିଛନ୍ତି, ଆମେ ଆମର ସାରା ଆପ୍ଲାଏନ୍ସ ବର୍ଗମାଳାରେ ଆମର ଗ୍ରାହକଙ୍କୁ ଉତମ ସ୍ୱାସ୍ଥ୍ୟ ଓ ପରିମଳ ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ଗତବର୍ଷ ଠାରୁ ଜୀବାଣୁରୁ ସୁରକ୍ଷା ଲାଗି ଆମେ ଉନ୍ନତ ପ୍ରଯୁକ୍ତି ବିଶିଷ୍ଟ ବିବିଧ ଉତ୍ପାଦ ଉପସ୍ଥାପନ କରୁଛୁ।

# ଶେୟାର ବଜାରରେ ଉତ୍ସାହ ବୃଦ୍ଧି

**ମୁମ୍ବାଇ,୨୧।୧୨**

କୋଭିଡ୍ ସଂକ୍ରମଣର ନୂଆ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ସାରା ବିଶ୍ୱ ଏପରିକି ଭାରତ ମଧ୍ୟ ଆଶା ଓ ଆଶଙ୍କା ମଧ୍ୟରେ ରହିଛି। ଗତ ୨ ଦିନ ତଳର ବଜାର କାରବାର ଦଲାଲ ଷ୍ଟ୍ରିଟ୍‌ରେ ନିରାଶର ଛାୟା ଦେଖିବାକୁ ମିଳିଥିଲା। ସଂକ୍ରମଣର ଭୟ ସାଙ୍ଗକୁ ଅନ୍ତଃରାଷ୍ଟ୍ରୀୟ ସ୍ତରର କଟକଣା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡୁଛି ବୋଲି ଶେୟାର ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ୨୧ ଡିସେମ୍ବରର କାରବାର ଆରମ୍ଭରୁ ନୀଳରଙ୍ଗରୁ ଆରମ୍ଭ ହୋଇ ବଜାର ବନ୍ଦ ପ୍ରାୟ ନୀଳରଙ୍ଗରେ ରହିଥିଲା। ଶେୟାର



ବଜାରର ସୂଚନା ଅନୁସାରେ ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ଇଣ୍ଡେକ୍ସ ମୂଲ୍ୟ ୪୯୭ ଅଙ୍କ ବୃଦ୍ଧି ଘଟି ୫୬,୩୨୦ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ମଧ୍ୟ ୧୫୭ ଅଙ୍କ

### ସେନ୍‌ସେକ୍ସ ୪୯୭, ନିଫ୍ଟି ୧୫୭

ବଢ଼ି ୧୬,୭୭୧ ପଏଣ୍ଟରେ ରହିଛି।

ମଙ୍ଗଳବାର ଷ୍ଟକ୍ ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୪୯୭ ଅଙ୍କ ଅର୍ଥାତ୍ ୦.୮୯% ବୃଦ୍ଧି ପାଇ ୫୬୩୧୯.୦୧ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟିରେ ୧୫୬.୬୫ ଅଙ୍କ ବଢ଼ିଛି, ଅର୍ଥାତ୍ ୦.୯୪% ବୃଦ୍ଧି ଘଟି ୧୬,୭୭୦.୮୫ ପଏଣ୍ଟରେ ବନ୍ଦ ହୋଇଛି। ଦଲାଲ ଷ୍ଟ୍ରିଟ୍‌ର ସେନ୍‌ସେକ୍ସ ସୂଚୀର ଶ୍ରେଷ୍ଠ ବଜାର ୩୦ ଶେୟାର ମଧ୍ୟରୁ ସମସ୍ତ ଷ୍ଟକ୍ କାରବାରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି।

# ରେନୋ ପକ୍ଷରୁ 'ୱାର୍କଶପ ଅନ୍ ହୁଇଲ୍ସ -ଲାଇଟ'ସେବା

**ଭୁବନେଶ୍ୱର,୨୧।୧୨**

ରେନୋ ଇଣ୍ଡିଆର ସ୍ୱତନ୍ତ୍ର ସେବା 'ୱାର୍କଶପ୍ ଅନ୍ ହୁଇଲ୍ସ'ର ବ୍ୟାପକ ସଫଳତା ପରେ କମ୍ପାନୀ ତା'ର ଗ୍ରାମାଞ୍ଚଳର ଗ୍ରାହକମାନଙ୍କୁ ସମସ୍ୟାମୁକ୍ତ ସେବା ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତି କରିଛି। ଫଳରେ ରେନୋ ପକ୍ଷରୁ 'ୱାର୍କଶପ୍ ଅନ୍ ହୁଇଲ୍ସ-ଲାଇଟ୍' ଗ୍ରାହକ ସେବା ସମ୍ପର୍କରେ ଘୋଷଣା କରାଯାଇଛି। ଏକ ଟୁ ହୁଇଲର ଜରିଆରେ 'ୱାର୍କଶପ୍ ଅନ୍ ହୁଇଲ୍ସ-ଲାଇଟ୍'ର ସେବା ଗ୍ରାହକଙ୍କୁ ଯୋଗାଇଦେବ। ଏହା ଏକ ପ୍ରକାର ମୋବାଇଲ ୱାର୍କଶପ୍, ଯେଉଁଥିରେ ସାଧାରଣ ସର୍ଭିସ୍, ମରାମତି ଓ ରେନୋ ଗାଡ଼ିର ଅନ୍ୟ ସଂପୃକ୍ତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଟୁଲ୍ ବକ୍ସ ଉପଲବ୍ଧ ରହିଛି। ଗତ କିଛି ବର୍ଷ ମଧ୍ୟରେ ରେନୋର ବିକ୍ରି ଓ ନେଟ୍‌ୱର୍କ ସମ୍ପ୍ରସାରଣ କ୍ଷେତ୍ରରେ ଦ୍ରୁତ




ବୃଦ୍ଧି ଘଟିଛି। ଭାରତରେ ବୃଦ୍ଧି ପରିଲକ୍ଷିତ ସହ ଏହାର ଭଲ୍ୟୁମରେ ବୃଦ୍ଧି କାରଣରୁ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଛି, ଯଦ୍ୱାରା ରେନୋ ବ୍ରାଣ୍ଡ ଗ୍ରାମୀଣ ଅଞ୍ଚଳରେ ମଧ୍ୟ ନିଜର ଏକ ଦୃଢ଼ ଉପସ୍ଥିତିକୁ ପ୍ରମାଣିତ କରିପାରିଛି। ଗ୍ରାମୀଣ ଗ୍ରାହକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୦୧୬ରେ ରେନୋ 'ୱାର୍କଶପ୍ ଅନ୍ ହୁଇଲ୍ସ'ର ଶୁଭାରମ୍ଭ କରିଥିଲା।

## ଆଇପିଓରେ ୧୨୫୦ କୋଟି ହାସଲ ଲକ୍ଷ୍ୟ

ଭୁବନେଶ୍ୱର,୨୧।୧୨: ଦେଶର ଅଗ୍ରଣୀ ଇ-କମର୍ସ କଂପାନି ସ୍ନାପ୍‌ଡିଲ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜାରି କରିବା ଲାଗି ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ ଦାଖଲ କରାଯାଇଛି। ଏହା ଜରିଆରେ କଂପାନି ୧୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ହାସଲ କରିବ। କଂପାନି ୩୦,୭୬୯,୭୦୦ ଇକ୍ୱିଟି ସେୟାର ଜାରି କରିବ। ଆଇପିଓ ଜରିଆରେ ଯେଉଁ ୧୨୫୦ କୋଟି ଟଙ୍କା ପର୍ଯ୍ୟନ୍ତର ପାଣ୍ଠି ମିଳିବ କଂପାନି ତାହାକୁ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବାକୁ ଯୋଜନା ରଖିଛି। କଂପାନିର ବ୍ୟବସାୟରେ ବୃଦ୍ଧି ଆଣିବା ଲାଗି ୯୦୦ କୋଟି ଟଙ୍କା ନିବେଶ କରାଯିବ। ବଳକା ଅର୍ଥକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ।

# ସିପିପି ଶିଳ୍ପସଂସ୍ଥାରେ କୋଇଲା ସଙ୍କଟ

**ନୂଆଦିଲ୍ଲୀ,୨୧।୧୨**

ଭାରତୀୟ କ୍ୟାପ୍‌ଟିଭ ପାୱାର ଉତ୍ପାଦକ ସଂଘ ହେଉଛି 'କ୍ୟାପ୍‌ଟିଭ ପାୱାର ପ୍ରଡ୍ୟୁସର୍ସ'ର ସର୍ବୋଚ୍ଚ ସଂସ୍ଥା। ଏହାର ସଦସ୍ୟ ଶିଳ୍ପଗୁଡ଼ିକ ଜାତୀୟ ଅଭିବୃଦ୍ଧି ଓ ଭିତ୍ତିଭୂମି ନିର୍ମାଣ ପାଇଁ ବୃହତ୍ ଅବଦାନ ରଖିଥାନ୍ତି। ବିଶେଷକରି ଆଲୁମିନିୟମ, ଜିଙ୍କ୍, ସ୍ପଞ୍ଜ ଆଇରନ, ସିମେଣ୍ଟ, କେମିକାଲ, ପେପର, ଟେକ୍ସଟାଇଲ ଭଳି ଶିଳ୍ପଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ରହିଛନ୍ତି। ଦେଶରେ ସମୁଦାୟ ୭୮,୦୦୦ ମେଗାୱାଟ ସ୍ଥାପିତ ସିପିପି କ୍ଷମତା ମଧ୍ୟରୁ ପ୍ରାୟ ୪୦,୦୦୦ ମେଗାୱାଟ ସିପିପି ତାପଜ କୋଇଲା ଆଧାରିତ, ଯାହା ବାର୍ଷିକ ୨୩୦ ନିୟୁତ ଏମ୍‌ଟି କୋଇଲା ଆବଶ୍ୟକ କରେ। ଏହି ସିପିପି ଓ ଆନୁଷଙ୍ଗିକ ଭିତ୍ତିଭୂମି ସ୍ଥାପନ ପାଇଁ ୩୦ ବିଲିୟନ ଡଲାର ବିନିଯୋଗ କରାଯାଇଥିବାରୁ ୧୫ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସିପିପିଗୁଡ଼ିକ ଗ୍ରୀଡ୍‌କୁ ସ୍ଥିରତା ପ୍ରଦାନ କରିଥାଏ। ଏହା ସହ ଟିଆଣ୍ଡ ଡି କ୍ଷତି କମ୍ ହୋଇଥାଏ। ଏହାଦ୍ୱାରା ନ୍ୟାଶନାଲ ଗ୍ରୀଡ୍ ନେଟ୍‌ୱର୍କରେ ଉପରୁ ଚାହିଦାଜନିତ ଚାପ ହ୍ରାସ ହୁଏ। କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟକୁ ନେଇ ଗଠିତ ଭାରତର ଅଣ ନିୟନ୍ତ୍ରିତ ସେକ୍ଟର, ତଥାପି ପାୱାର ସେକ୍ଟର ସହ ତୁଳନାତ୍ମକ ଭାବରେ ସମାନ ନ ଥିବାରୁ ମୂଲ୍ୟ ପ୍ରତିଯୋଗିତା ଓ ସ୍ଥାୟୀ ଶିଳ୍ପ କାର୍ଯ୍ୟକୁ ବଜାୟ ରଖିବା ପାଇଁ ସଂଗ୍ରାମ କରୁଛି। ଏହା ଆବଣ୍ଟନ, କୋଇଲା ସଂଯୋଗ, ରେଳ ରେକ୍, ମ୍ୟାଟେରିଆଲାଇଜେଶନ ଇତ୍ୟାଦି। ସେହିଭଳି କୋଲ ଇଣ୍ଡିଆ ନିକଟରେ ପାୱାର ସେକ୍ଟର ରେକ୍ ଯୋଗାଣକୁ ବୃଦ୍ଧି କରିବା ସହ ଦୈନିକ ୨୯୬ ରେକ୍ କରିବାକୁ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା କୋଇଲା ଷ୍ଟକ୍ ସ୍ତର ପ୍ରାୟ ୧୦ଦିନରୁ ୧୪ଦିନକୁ ବୃଦ୍ଧି ପାଇବ। ନଭେମ୍ବର ମାସରେ ଦୈନିକ ଯୋଗାଯାଉଥିବା ମୋଟ ୨୭୨ ରେକ୍ ବିପକ୍ଷରେ ଏହା ହୋଇଛି। ପାୱାର ସେକ୍ଟର ପାଇଁ କୋଇଲା ରେକ୍‌ର ପ୍ରସ୍ତାବିତ ବୃଦ୍ଧି ଏନ୍‌ଆର୍‌ଏସ୍ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଉତ୍ତୋଳନରୁ ବଞ୍ଚିତ କରିବ ଏବଂ ଅଟକ ରହିବା ଓ ହ୍ରାସ କରିବା ଆତଙ୍କ ନିଷ୍ପତ୍ତି ଯୋଗୁ ସମାନ ସ୍ତରୀୟ କୋଇଲା ସଙ୍କଟ ସୃଷ୍ଟି ହେବ।

## ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ହୋଇନାହିଁ

**ନୂଆଦିଲ୍ଲୀ,୨୧।୧୨**

ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ଖବରକୁ ନେଇ ଯେଉଁ ପ୍ରଚାର ଚାଲିଛି ସେ ସମ୍ପର୍କରେ ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମତ ରଖିଛନ୍ତି। ସେ କହିଛନ୍ତି , ବ୍ୟାଙ୍କ ଘରୋଇକରଣ ସମ୍ପର୍କରେ ସରକାର ଚିନ୍ତା କରୁଛନ୍ତି। ହେଲେ ଏ ନେଇ କୌଣସି ପ୍ରକାର କ୍ୟାବିନେଟ ନିଷ୍ପତ୍ତି ହୋଇନାହିଁ। ମଙ୍ଗଳବାର ଅର୍ଥମନ୍ତ୍ରୀ ରାଜ୍ୟ ସଭାରେ ସ୍ପଷ୍ଟ କରିଛନ୍ତି ଯେ ୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ (ପିଏସ୍‌ବି)ର ଘରୋଇକରଣ ହେବାର କୌଣସି ଯୋଜନା ହୋଇନାହିଁ। ୨୦୨୧-୨୨ ଶୀତ ଅଧିବେଶନ ସମୟରେ ସଂସଦରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ପାର୍ଲାମେଣ୍ଟରେ ସୀତାରାମନ ଦେଇଛନ୍ତି।

## ସ୍କଲାରଶିପ ପାଇଁ ଆବେଦନପତ୍ର ଆହ୍ୱାନ କରୁଛି ରିଫ

**ମୁମ୍ବାଇ,୨୧।୧୨**

ରିଲାଏନ୍ସ ଫାଉଣ୍ଡେଶନ(ରିଫ) ପକ୍ଷରୁ ବୃତ୍ତି (ସ୍କଲାରଶିପ) ପ୍ରଦାନ ପାଇଁ ଆଗ୍ରହୀ ଛାତ୍ରଙ୍କଠାରୁ ଆବେଦନପତ୍ର ଆହ୍ୱାନ କରୁଛି। ରିଫ ଏହା ଜରିଆରେ ୧୦୦ଜଣ ମେଧାବୀ ଅନୁସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଚିହ୍ନଟକରି ଆବଶ୍ୟକ ସହଯୋଗ ଓ ଆର୍ଥିକ ଅନୁଦାନ ଯୋଗାଇବା ସହ ଏକ ମଜଭୁତ ବିକାଶମୂଳକ କାର୍ଯ୍ୟକ୍ରମ ଜରିଆରେ ସହାୟତା ଯୋଗାଇଦେବ, ଯାହା ସେମାନଙ୍କୁ ସାମାଜିକ କଲ୍ୟାଣ ନିମନ୍ତେ ସେମାନଙ୍କର କୁଶଳତାରେ ଅଭିବୃଦ୍ଧି ଘଟାଇବାରେ ସହାୟକ ହେବ। ଦେଶର ବୈଷୟିକ ବିକାଶରେ ଫାଉଣ୍ଡେଶନର ବୃତ୍ତିଧାରୀମାନେ ଆଗରେ ରହିବା ଏବଂ ନେତୃତ୍ୱ ନେବାର ସୁଯୋଗ ଉଠାଇପାରିବେ। ଏହି ବୃତ୍ତି ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, କମ୍ପ୍ୟୁଟର ବିଜ୍ଞାନ, ଗଣିତ ଓ କମ୍ପ୍ୟୁଟିଂ, ଇଲେକ୍ଟ୍ରିକାଲ ବା ଇଲେକ୍‌ଟ୍ରୋନିକ୍ସ ଇଞ୍ଜିନିୟରିଂରେ ୫ବର୍ଷୀୟ ଡିଗ୍ରୀ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ଆବଶ୍ୟକ। ବୃତ୍ତିଧାରୀ ଅନୁସ୍ନାତକ (ଅଣ୍ଡର ଗ୍ରାଜୁଏଟ୍) ଏବଂ ସ୍ନାତକୋତ୍ତରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏହା ଜରିଆରେ ୬୦ଜଣଙ୍କ ପର୍ଯ୍ୟନ୍ତ ଅନୁସ୍ନାତକ ଛାତ୍ରୀଛାତ୍ରଙ୍କୁ ୪ଲକ୍ଷ ଟଙ୍କା ଏବଂ ୪୦ଜଣଙ୍କ ପର୍ଯ୍ୟନ୍ତ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ସେମାନଙ୍କ ଅଧ୍ୟୟନ କାଳରେ ପ୍ରଦାନ କରାଯିବ।

**ଫୁରସତ୍**

# ଗଣିତକୁ ସହଜ କରିଥିଲେ ରାମାନୁଜନ୍

**ଭା**ରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ୨୨ ଡିସେମ୍ବରକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଇଥାଏ। ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ଆୟାଙ୍ଗରଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ୨୬ ଫେବୃୟାରୀ ୨୦୧୨ରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏହି ଦିବସ ପାଳନ କରିବା ନେଇ ଘୋଷଣା କରିଥିଲେ । ଏହି ଅବସରରେ ମନମୋହନ ସିଂ ମଧ୍ୟ ଘୋଷଣା କରିଥିଲେ ଯେ, ୨୦୧୨କୁ ଜାତୀୟ ଗଣିତ ବର୍ଷ ଭାବରେ ପାଳନ କରାଯିବ। ସେବେଠାରୁ ଭାରତର ଜାତୀୟ ଗଣିତ ଦିବସ ପ୍ରତିବର୍ଷ ୨୨ ଡିସେମ୍ବରରେ ଦେଶର ବିଭିନ୍ନ ବିଦ୍ୟାଳୟ,




ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଆସୁଛି। ଏହି ଅବସରରେ ବହୁ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପରେ ୨୦୧୭ରେ, ଆନ୍ଧ୍ରପ୍ରଦେଶର ଚିତ୍ତୋର କୁପାମରେ ରାମାନୁଜନ ଗଣିତ ପାର୍କ ଖୋଲିବା ଦ୍ୱାରା ଏହି ଦିନର ମହତ୍ତ୍ୱ ଅଧିକ ବୃଦ୍ଧି ପାଇଥିଲା। ହାଇପର ଜୋମେଟ୍ରିକ୍ ସିରିଜ୍, ରିମେନ୍ ସିରିଜ୍, ଇଲପ୍ଟିକ୍ ଇଣ୍ଟିଗ୍ରାଲ, ଥିଓରି ଅଫ୍ ଡାଇଭରଜେଣ୍ଟ ସିରିଜ୍, ଫଙ୍କଶନାଲ ଇକ୍ୟୁଶନ ଅଫ୍ ଜେଟା ଫଙ୍କଶନ, ନମ୍ବର ଥିଓରି ଏବଂ ଇନ୍‌ଫାନାଇଟ୍ ସିରିଜ୍ ପାଇଁ ମୂଲ୍ୟ ଦଶମିକର ହିସାବ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସଫଳତା ରାମାନୁଜନ ହାସଲ କରିପାରିଥିଲେ। ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ ୧୮୮୭ ଡିସେମ୍ବର ୨୨ରେ ମାଡ୍ରାସ୍ ପ୍ରେସିଡେନ୍ସୀର ଇରୋଡଠାରେ ଜନ୍ମଗ୍ରହଣ କରିଥିଲେ। ୧୯୦୯ରେ ୨୪ ବର୍ଷ ବୟସରେ ସେ ଜାନକୀ ଅମ୍ମାଲଙ୍କୁ ବିବାହ କରିଥିଲେ। ଜାନକୀଙ୍କର ମୃତ୍ୟୁ ୧୯୨୦ରେ ଘଟିଥିଲା। ଏହାପରେ ମାତ୍ର ୩୨ ବର୍ଷ ବୟସରେ ୧୯୨୦ ଏପ୍ରିଲ୍ ୨୬ରେ ରାମାନୁଜନ ମାଡ୍ରାସ୍ ପ୍ରେସିଡେନ୍ସୀର କୁମ୍ଭକୋଣମ୍ ଠାରେ ଦେହତ୍ୟାଗ କରିଥିଲେ।

## 'ଜବ୍ ଖୁଲି କିତାବ' ପ୍ରଥମ ଲୁକ୍‌ର ଶୁଟିଂ ଶେଷ



**ମୁମ୍ବାଇ:** ସୌରଭ ଶୁକ୍ଲାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଜବ୍ ଖୁଲି କିତାବ' ପ୍ରଥମ ଲୁକ୍‌ର ସୁଟିଂ ଶେଷ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ପଙ୍କଜ କପୁର ଓ ଡିମ୍ପଲ କାପାଡିଆ ଏକ ରୋମାଣ୍ଟିକ୍ ଦମ୍ପତି ରୂପରେ ପରଦାରେ ନଜର ଆସିବେ। ୫୦ ବର୍ଷ ଧରି ଏକାଠି ରହି ଦମ୍ପତି ଛାଡପତ୍ର ଦାବି କରୁଥିବା ଦେଖାଦେଇଛି। ଚଳଚ୍ଚିତ୍ରଟି ପାରିବାରିକ ବିବାଦ ଉପରେ ଆଧାରିତ। ଏହାର କାହାଣୀ ଲୋକଙ୍କୁ ପସନ୍ଦ ଆସିବ ବୋଲି ଶୁକ୍ଲା କହିଛନ୍ତି। ଏମାନଙ୍କ ଛଡା ସିନେମାରେ ଅପାରଶକ୍ତି ଖୁରାନା, ସମୀର ସେନି, ନୌହିଦ୍ ସାଇରେସ୍ ନଜର ଆସିବେ।

## ୨୦ ମିନିଟ୍‌ରେ ୨୩୬ ମୁଥ

**ମୁମ୍ବାଇ:** ବକ୍ସର ଅମାଣ୍ଡା ସେରୋନା ଏବଂ ମିରିୟମ୍ ଗୁଟିଏର୍ଜଙ୍କ ଏକ ଫଟୋ ସୋସଆଲ୍ ମିଡିଆରେ ଭାଇରାଲ ହେଉଛି। ଅମାଣ୍ଡା ତାଙ୍କ ପ୍ରତିନିଧି ମିରିୟମ୍‌ଙ୍କ ମୁହଁକୁ ୨୩୬ଟି ମୁଥ ମାରିଛନ୍ତି। ଫଳରେ ମିରିୟମ୍‌ଙ୍କ ମୁହଁ ଚିହ୍ନିବା କଷ୍ଟକର ହୋଇପଡିଥିଲା। ଦୁହିଁଙ୍କ ପାଇଁ ଏହା ଏକ ଖେଳ ହୋଇଥିବାବେଳେ ଅମାଣ୍ଡା ତାଙ୍କୁ ପ୍ରଥମ ରାଉଣ୍ଡରେ ୩୭ଟି ମୁଥା ମାରିଥିଲେ ହେଲେ ପରେ ଆଉ ୨୦ ମିନିଟ୍‌ରେ ୨୩୬ଟି ମୁଥ ମାରି ତାଙ୍କ ମୁହଁକୁ ଫୁଲାଇ ଦେଇଥିଲେ।






## ୧୫ ବର୍ଷରୁ ଅଭିନୟ ଦୁନିଆରେ

**ମୁମ୍ବାଇ:** ୟଙ୍ଗଷ୍ଟରଙ୍କ ପ୍ରଥମ ପସନ୍ଦ ନାୟିକା ତମନ୍ନା ଭାଟିଆ ଚଳିତ ବର୍ଷ ତାଙ୍କର ୩୧ ତମ ଜନ୍ମଦିନ ପାଳନ କରୁଛନ୍ତି । ତମନ୍ନା ମାତ୍ର ୧୫ ବର୍ଷ ବୟସରେ ଅଭିନୟ ଦୁନିଆରେ ପାଦ ରଖିଥିଲେ। ପ୍ରଥମେ ସେ ଫିଲ୍ମ 'ଚାନ୍ଦ ସା ରୋଶନ ଚେହେରା'ରେ ଅଭିନୟ କରିଥିବା ବେଳେ ଏହା କିନ୍ତୁ ଫ୍ଲପ୍ ହୋଇଥିଲା । ଏହାପରେ ସେ କିଛି ଭିଡିଓ ଆଲବମ୍‌ରେ କାମ କରି ପରେ ତେଲଗୁ ଓ ତାମିଲ ଫିଲ୍ମ ଆଡେ ମୁହାଁଇଲେ । ଆଉ କିଛିଦିନ ମଧ୍ୟରେ ସେଠାରେ ସେ ପାଲଟି ଯାଇଥିଲେ ଆଗ ଧାଡିର ନାୟିକା । ସେ ପୁଣି ଫେରିଲେ ବଲିଉଡ। ଫିଲ୍ମ ସ୍ତ୍ରୀ, ହିମତୱାଲା, ହମସକଲ ଆଦିରେ ଅଭିନୟ କରିଥିଲେ। ତାଙ୍କ କ୍ୟାରିୟରର ବଡ ସଫଳତା ହେଲା ମୁଭି 'ବାହୁବଳୀ' ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR,
BARAGARH


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମନେ ପଡ଼ନ୍ତି**

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପ୍ରଫୁଲ୍ଲ କୁମାର ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୨୩.୦୪.୧୯୨୩ ~ ତିରୋଧାନ : ୧୭.୧୨.୨୦୧୬
ଏହା ଭିତରେ ପାଞ୍ଚ ବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ । ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ ।
-: ଶୋକସନ୍ତପ୍ତ :-
ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୧୮୩୩

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ବିଦ୍ୟୁଲତା ଛୋଟରାୟ
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ : ୧୯.୦୪.୧୯୩୪ ~ ତିରୋଧାନ : ୧୪.୧୨.୨୦୧୫
ଏହା ଭିତରେ ୬ବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ । ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲ ପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ :-
ପୁତ୍ର-ମନ୍ମଥ ଛୋଟରାୟ (ମନ), ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୭୧୮୩୪

ଏକାଦଶାହ ଉପଲକ୍ଷେ



✓କୃଷ୍ଣଚନ୍ଦ୍ର ପ୍ରଧାନ
ଲିଙ୍ଗରାଯୋଡ଼ି
ତିରୋଧାନ: ୧୨।୧୨।୨୦୨୧
ଆଜିକୁ ଏଗାର ଦିନ ହେଲା। ଆମକୁ ଶୋକ ସାଗରରେ ଭସାଇ ଇହଧାମ ତ୍ୟାଗ କଲ। ଯୋଉଠି ବି ଥାଅ ଭଲରେ ଥାଅ। ଭଗବାନ ତୁମ ଅମର ଆତ୍ମାକୁ ସଦ୍‌ଗତି ପ୍ରଧାନ କରନ୍ତୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ:– ପତ୍ନୀ: ଶାନ୍ତିଲତା ପ୍ରଧାନ, ସୁଶିଲ୍ ପ୍ରଧାନ, ସୁମନ୍ତ ପ୍ରଧାନ, ସୁଚିତ୍ରା ପ୍ରଧାନ, ସନ୍ତୋଷ ପ୍ରଧାନ, ପୁତୁରା: ରାଜ୍, ନାତୁଣୀ: ସିଦ୍ଧି ଓ ପ୍ରଧାନ ପରିବାର ଓ ବନ୍ଧୁବର୍ଗ ।
ଧ-୨୨୬୨୧

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି



✓ଆଶାଲତା ମିଶ୍ର
୯୧, ବାପୁଜୀ ନଗର, ଭୁବନେଶ୍ୱର
ତିରୋଧାନ:୦୭।୧୨।୨୦୦୬
ପୁଷ ମାସ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ବିନମ୍ର ଶ୍ରଦ୍ଧାଞ୍ଜଳି ସହ:-
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୨୨୬୨୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ତ୍ରିଲୋଚନ ବରାଳ
ହରିହର ବିହାର, ସାରଦା ମଠ ନିକଟ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ହେ ପୂଣ୍ୟାତ୍ମା ! ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମେ ଆପଣଙ୍କର ପ୍ରିୟ ପରିବାର ଓ ବନ୍ଧୁ ବାନ୍ଧବ ସଶ୍ରଦ୍ଧ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଆପଣଙ୍କ ପଦାରବିନ୍ଦରେ ଅର୍ପଣ କରୁଛୁ। ଆପଣଙ୍କ ସ୍ନେହାପ୍ଲୁତ ନୀତି, ଆଦର୍ଶ, ତ୍ୟାଗ ଓ ଭଲ ପାଇବାକୁ ପାଥେୟ କରି ଆମ୍ଭେମାନେ ବଞ୍ଚିବାର ସ୍ୱପ୍ନ ସାକାର କରିପାରିବୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଚରଣ କମଳରେ ଆପଣଙ୍କୁ ଆଶ୍ରୟ ଦେଇ ଆପଣଙ୍କ ଆତ୍ମାର ସଦ୍‌ଗତି କରାନ୍ତୁ। ଏତିକି ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ
ଧ-୭୧୪୫୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ଡିସେମ୍ବର ୨୨/୨୦୨୧ Dhenkanal, Wednesday, December 22/ 2021



ଫ୍ରାନ୍ସର କୋର୍ଚେଭେଲଠାରେ ଓମେନ୍ସ ୱାର୍ଲ୍ଡ କପ୍ ଜିଆଣ୍ଟ ସ୍ଲାଲମ ଆଲ୍‌ପାଇନ ସ୍କି ବିଜୟିନୀ ଆମେରିକାର ମିକେଲା ଶିଫ୍ରିନ୍ (ମଝି) ଏବଂ ୨ୟ ଓ ୩ୟ ହୋଇଥିବା ସୁଇଡେନର ସାରା ହେକ୍ଟର (ବାମ), ସୁଇଜରଲାଣ୍ଡର ମିଚେଲି ଜିସିନ୍।

# ଓଡ଼ିଶାକୁ ଆସିବ କୁଇନ୍ସ ବାଟନ ରିଲେ

**ନୂଆଦିଲ୍ଲୀ, ୨୧।୧୨(ପି.ଟି.)**

ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ପାଇଁ କୁଇନ୍ସ ବାଟନ ରିଲେ ଦିଲ୍ଲୀ, ଅହମଦାବାଦ, ବେଙ୍ଗାଲୁରୁ ଓ ଓଡ଼ିଶାରେ ଜାନୁୟାରୀ ୧୨ରୁ ୧୫ ପର୍ଯ୍ୟନ୍ତ ହେବ। କୁଇନ୍ସ ବାଟନ ରିଲେ ପ୍ରୋଗ୍ରାମ୍‌ର ପ୍ରସ୍ତୁତି କାର୍ଯ୍ୟ ଦେଖାଚାହାଁ କରିବା ଲାଗି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ୩ଜଣ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିବା ଲାଗି ନିଷ୍ପତ୍ତି ନେଇଛି। କୁଇନ୍ସ ବାଟନ ରିଲେର ଏହାର ଅନ୍ତର୍ଜାତୀୟ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨**

ଭ୍ରମଣ ୭୨ଟି ଦେଶକୁ ଛୁଇଁବ। ଆଇଓଏ ସଭାପତି ନରିନ୍ଦର ବାତ୍ରା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କମିଟିର ସଦସ୍ୟମାନେ ହେଲେ ଆଇଓଏ କାର୍ଯ୍ୟନିର୍ବାହୀ ସଦସ୍ୟ ରାକେଶ ଗୁପ୍ତା, ମୁକେଶ କୁମାର ଓ ନେଟ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ହରିଓମ୍ କୌଶି। ଆଇଓଏ ନିର୍ଦ୍ଦେଶକ ଜର୍ଜ ମାଥ୍ୟୁ ଓ ଆଇଓଏ ଯୁଗ୍ମ ନିର୍ଦ୍ଦେଶକ ନାଜିମା ଖାଁ କମିଟିକୁ ସହାୟତା କରିବେ। କାର୍ଯ୍ୟସୂଚୀ ଅନୁସାରେ ରିଲେ ଜାନୁୟାରୀ ୧୨ରେ ଦିଲ୍ଲୀରୁ ଆରମ୍ଭ ହେବ। ପରେ ଏହା ଅହମଦାବାଦ (ଜାନୁୟାରୀ ୧୩), ବେଙ୍ଗାଲୁରୁ (ଜାନୁୟାରୀ ୧୪) ଓ ଓଡ଼ିଶା (ଜାନୁୟାରୀ୧୫)ରେ ହେବ। ରିଲେଗୁଡ଼ିକ କିପରି ସୁଚାରୁରୂପେ ଆୟୋଜନ ହୋଇପାରିବ ସେ ଦିଗରେ ପ୍ରସ୍ତୁତି କାର୍ଯ୍ୟକୁ ସମ୍ପୃକ୍ତ ରାଜ୍ୟର ଅଲିମ୍ପିକ ଆସୋସିଏଶନର ସଭାପତି ଓ ସମ୍ପାଦକ ବୁଝାଶୁଝା କରିବେ। ଗତ ଅକ୍ଟୋବର ୭ରେ କୁଇନ୍ ଏଲିଜାବେଥ୍-୨ଙ୍କ ବାର୍ତ୍ତା ସହ ବକିଂହାମ ପ୍ୟାଲେସରୁ ବାଟନ ରିଲେ ଆରମ୍ଭ ହୋଇଛି। ଏହା ୨୬୯ଦିନ ଯାତ୍ରା କରିବ। ପ୍ରଦେଶ, ଦେଶରେ ୨ରୁ ୪ ଦିନ ବିତାଇବ। ଏହା ପ୍ରାୟ ୧,୪୦,୦୦୦ କିଲୋମିଟର ଗସ୍ତ କରିବ। ଏଥିରେ ୭,୫୦୦ ବାଟନଧାରୀ ଅଂଶଗ୍ରହଣ କରିବେ। ଖ୍ରୀଷ୍ଟମାସ ବେଳେ ବାଟନ ସିସିଲ୍ସରେ, ନୂଆବର୍ଷ ମାଳଦ୍ୱୀପରେ ଏବଂ ଜାମାଇକାରେ ଇଷ୍ଟର ସପ୍ତାହନ୍ତ ବିତାଇବ। ବର୍ମିଂହାମ ବିମାନବନ୍ଦରରୁ ଯାତ୍ରା ଆରମ୍ଭ କରିବା ପରେ କୁଇନ୍ସ ବାଟନ ରିଲେ ଏହାର ପ୍ରଥମ ରହଣି ଅକ୍ଟୋବର ୯ରେ ସାଇପ୍ରସ୍‌ରେ ଏବଂ ପରେ କିଛି ସମୟ ମାଲ୍ଟାରେ ରହିଥିଲା। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ୧୧ଦିନ ଧରି ହେବ। ଏଥିରେ ୭୨ଟି ଦେଶରୁ ୪,୫୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ।



# ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳିବେନି ନୋର୍ଜେ

**କୋହାନ୍ସବର୍ଗ, ୨୧।୧୨(ପି.ଟି.):** ଆଘାତଜନିତ ସମସ୍ୟା ଯୋଗୁ ଦକ୍ଷିଣ ଆଫ୍ରିକା ପେସ୍ ବୋଲର ଅନରିଚ୍ ନୋର୍ଜେ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବେ ନାହିଁ। ନୋର୍ଜେ ୧୨ଟି ଟେଷ୍ଟ ମ୍ୟାଚ ଖେଳି ୩ ଥର ୫ ଉଇକେଟ ସଫଳତା ସହ ୪୭ ଉଇକେଟ ଅକ୍ତିଆର କରିସାରିଛନ୍ତି। ପ୍ରଥମ ଟେଷ୍ଟ ଡିସେମ୍ବର ୨୬ରେ ସେଞ୍ଚୁରିଅନଠାରେ ଆରମ୍ଭ ହେବ।



ନୋର୍ଜେ କେଉଁ ପ୍ରକାର ଆଘାତପ୍ରାପ୍ତ ହୋଇଛନ୍ତି ସେ ସମ୍ପର୍କରେ ଦକ୍ଷିଣ ଆଫ୍ରିକା କ୍ରିକେଟ (ସିଏସଏ) ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ବର୍ତ୍ତମାନ ଭାରତ ବିପକ୍ଷ ବକ୍ସିଂ ଡେ' ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପେସ୍ ଆକ୍ରମଣର ନେତୃତ୍ୱ ନେବେ କାଗିସୋ ରାବାଡା। ନୋର୍ଜେ ଆହୁରି ମଧ୍ୟ ଦକ୍ଷିଣ ଆଫ୍ରିକା ତରଫରୁ ୧୨ଅନ୍ତର୍ଜାତୀୟ ଦିନିକିଆ ଓ ୧୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# ଆଜିଠାରୁ ପ୍ରୋ କବାଡ଼ି ଲିଗ୍


ଟ୍ରଫି ସହ ୧୨ ଦଳର ଅଧିନାୟକ।

**ବେଙ୍ଗାଲୁରୁ, ୨୧।୧୨ (ପି.ଟି.):** ପ୍ରୋ-କବାଡ଼ି ଲିଗ୍‌ର ୮ମ ସିଜନ ବୁଧବାରଠାରୁ ଆରମ୍ଭ ହେବ। କୋଭିଡ୍ ବିପଦ ଯୋଗୁ ଏହା ଗୋଟିଏ ଭେନ୍ୟୁରେ ଖେଳାଯିବ। ଏଥିରେ ସମସ୍ତ ୧୨ଟି ଦଳ ଭାଗ ନେବେ। ମ୍ୟାଚଗୁଡ଼ିକ ବିନା ଦର୍ଶକରେ ବାୟୋ-ବବଲରେ ଖେଳାଯିବ। ପୂର୍ବତନ ଚାମ୍ପିୟନ ୟୁ ମୁମ୍ବା ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। ଏହାପରେ ତେଲୁଗୁ ଟାଇଟାନ୍ସ ସର୍ଦ୍ଦନ ଡର୍ବି ବନାମ ତାମିଲ ଥଲାଇଭାସ ମୁକାବିଲା ହେବ। ଏଥର ପିକେଏଲ୍ ସିଜନର ପ୍ରଥମ ୪ ଦିନ ଟ୍ରିପଲ ହେଡର ଫର୍ମାଟ ଦେଖିବାକୁ ମିଳିବ। ପରେ କେବଳ ଶନିବାରଗୁଡ଼ିକରେ ତିନୋଟି ଲେଖାଏ ମ୍ୟାଚ ଖେଳାଯିବ। ପ୍ରଥମ ଦିବସର ତୃତୀୟ ମ୍ୟାଚ ବେଙ୍ଗଲ ୱାରିୟର୍ସ ଓ ୟୁପି ଯୋଦ୍ଧା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଯୁବ ୟୁ ମୁମ୍ବା ସହ ମୁକାବିଲା ବେଳେ ବେଙ୍ଗାଲୁରୁ ବୁଲ୍ସ ଦଳ ପକ୍ଷରୁ ଖେଳୁଥିବା ଗତ ସିଜନର ଟପ୍ ସ୍କୋରର ପବନ କୁମାର ଶେରାୱତଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ବୁଲ୍ସ ଏଥର ଦଳରେ ଅଭିଜ୍ଞ ଚନ୍ଦ୍ରନ ରଣଜିତଙ୍କୁ ନେଇଛି। ସିଜନ-୭ରେ ସେ ଦବଙ୍ଗ ଦିଲ୍ଲୀର ରେଡିଂ ୟୁନିଟ୍‌ର ପ୍ରମୁଖ ସଦସ୍ୟ ରହିଥିଲେ। ୟୁ ମୁମ୍ବା ବିଶେଷ କରି ଏହାର ଡିଫେନ୍ସ ଫଜଲ ଆଟ୍ରାଚାଲିଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଅମିତ ଶେର, ସୌରଭ ନାଣ୍ଡାଲ ଓ ମହେନ୍ଦ୍ର ସିଂଙ୍କୁ ନେଇ ବୁଲ୍ସର ଅଭିଜ୍ଞ ଡିଫେନ୍ସ ବିପକ୍ଷରେ ସେମାନଙ୍କ ଯୁବ ରେଡର ଯୋଡ଼ି ଅଭିଷେକ ଓ ଅଜିତଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡ଼ିବ। ଦ୍ୱିତୀୟ ଗେମ୍‌ରେ ତେଲୁଗୁ ଟାଇଟାନ୍ସ ସେମାନଙ୍କ ଅଭିଜ୍ଞ ରେଡିଂ ଯୋଡ଼ି ସିଦ୍ଧାର୍ଥ ଦେଶାଇ ଓ ରୋହିତ କୁମାରଙ୍କ ପ୍ରଦର୍ଶନ ଉପରେ ଭରସା କରିବ। କିନ୍ତୁ ସେମାନଙ୍କୁ ତାମିଲ ଥଲାଇଭାସର ବ୍ଲକ ମାଷ୍ଟର ସୁରଜିତ୍‌ଙ୍କୁ ସାମ୍ନା କରିବାକୁ ପଡ଼ିବ। ପିକେଏଲ ଇତିହାସରେ ସୁରଜିତ ସବୁଠାରୁ ଅଧିକ ୧୧୬ ବ୍ଲକ କରି ଏକ ରେକର୍ଡ କରିଛନ୍ତି। ଥଲାଇଭାସ ଦଳରେ ଅଭିଜ୍ଞ ପ୍ରପଞ୍ଜନଙ୍କ ସମେତ ଯୁବ ରେଡର ମନଜିତ୍ ଓ ଏମ୍. ଅତୁଲ ଅଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ଶକ୍ତିଶାଳୀ ୟୁପି ଯୋଦ୍ଧା ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ସିଜନ ୫ ଲିଗ୍‌ରେ ଯୋଗ ଦେବା ପରଠାରୁ ୟୁପି ଦଳ ଏ ପର୍ଯ୍ୟନ୍ତ ସବୁଥର ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇପାରିଛି। ନିଲାମ ବେଳେ ଏହି ଦଳ ପିକେଏଲର ଅନ୍ୟତମ ସଫଳ ରେଡର ପ୍ରଦୀପ ନରୱାଲଙ୍କୁ ଆଣିବାରେ ସଫଳ ହୋଇଛି। ଏହି ମ୍ୟାଚରେ ଶ୍ରୀକାନ୍ତ ଯାଦବଙ୍କ ନେତୃତ୍ୱାଧୀନ ୱାରିୟର୍ସ ଡିଫେନ୍ସର ଏକ ପରୀକ୍ଷା ହେବ। ସେମାନଙ୍କୁ ୟୁପି ଯୋଦ୍ଧା ୟୁନିଟ୍ ସୁରେନ୍ଦ୍ର ଗିଲ୍ ଓ ପ୍ରଦୀପ ନରୱାଲଙ୍କୁ ନେଇ ୟୁପି ଯୋଦ୍ଧା ୟୁନିଟ୍‌କୁ ସାମ୍ନା କରିବାକୁ ପଡ଼ିବ। ବେଙ୍ଗଲର ଡିଫେନ୍ସ ବିଶେଷ କରି ଇରାନର ମହମ୍ମଦ ଇସ୍‌ମାଇଲ ନବିବକ୍ସ ଓ ଆବୋଜର ମୋହଜର ମିଘାନୀଙ୍କ ଉପରେ ଆଶା ରଖିଛି।

**ମା' କନକଦୁର୍ଗା ବ୍ୟାଡ୍‌ମିଣ୍ଟନ**

# ସୁମିତ-ମିଲୁ ଯୋଡ଼ି ଚାମ୍ପିୟନ

**ଖୁଣ୍ଟୁଣୀ, ୨୧।୧୨ (ଡ଼ି.ଏନ.ଏ):** ଖୁଣ୍ଟୁଣୀର ମା' କନକଦୁର୍ଗା ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ୨ୟ ବାର୍ଷିକୀ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଖୁଣ୍ଟୁଣି ହାଟପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡମ୍ବାର ସୁମିତ-ମିଲୁ ଯୋଡି ଢେଙ୍କାନାଳର ସମୀର ଓ ରିତ୍ତିକଙ୍କ ଯୋଡିକୁ ୨-୧ ସେଟରେ ପରାସ୍ତ କରି ଚଳିତ ବର୍ଷର ଚମ୍ପିୟନ ହୋଇଛନ୍ତି। ଫ୍ଲଡ୍ ଲାଇଟ୍‌ରେ ଖେଳାଯାଇଥିବା ଏହି ଏକ ଦିବସୀୟ ଟୁର୍ନାମେଣ୍ଟରେ କଟକ, ଆଠଗଡ଼, ଖୁଣ୍ଟୁଣୀ, ବଡମ୍ବା, ସାଲେପୁର ଓ ଢେଙ୍କାନାଳ ପ୍ରଭୃତି ଅଞ୍ଚଳରୁ ୧୬ଟି ଯୋଡ଼ି ଭାଗ ନେଇଥିଲେ। କୀର୍ତ୍ତିରଞ୍ଜନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ ଓ ରାଜା ପରିଡ଼ା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ସେମାନଙ୍କୁ ଲାଇନ୍ସରେ ସିପୁ, କାଳିଆ, ଡୁଡୁଲ ଓ ଅନୀଲ ସହାୟତା କରିଥିଲେ। ପୂର୍ବତନ ସରପଞ୍ଚ କୈଳାସ ଦାସ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳି ଓ କ୍ରୀଡ଼ାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଖୁଣ୍ଟୁଣୀ କଲେଜ ଅଧ୍ୟାପକ ଜିତେନ୍ଦ୍ର ପ୍ରଧାନ ଟୁର୍ନାମେଣ୍ଟର ବିଜେତା ବଡମ୍ବାର ମିଲୁ-ସୁମିତ ଯୋଡିକୁ ଚାମ୍ପିୟନ ଟ୍ରଫି ଏବଂ ଢେଙ୍କାନାଳର ସମୀର-ରିତ୍ତିକ ଯୋଡିକୁ ରନର୍ସ ଅପ୍ ଟ୍ରଫି ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

# ପେରେରା ହେଲେ ଏଫ୍‌ସି ଗୋଆର ମୁଖ୍ୟ କୋଚ୍

**ମାରଗାଓ, ୨୧।୧୨ (ପି.ଟି.)**

ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଡେରିକ୍ ପେରେରା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଦଳର ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜୁଆନ ଫର୍ନାଣ୍ଡୋ କ୍ଲବ ଛାଡ଼ି ଏଟିକେ ମୋହନବାଗାନ ଦାୟିତ୍ୱ ଗ୍ରହଣ କରିବାର ଦୁଇଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ସିଜନ ମଝିରେ ଫର୍ନାଣ୍ଡୋ କ୍ଲବ ଛାଡ଼ି ଚାଲିଯିବାକୁ ନେଇ ଏଫ୍‌ସି ଗୋଆ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲା। ଏଟିକେ ମୋହନବାଗାନ ସ୍ପାନିଶ କୋଚ୍‌ଙ୍କୁ ଅର୍ଥ ଲୋଭ ଦେଖାଇ କ୍ରୟ କରିନେଇଥିବା ଅଭିଯୋଗ କରିଛି। ପେରିରା ଏଫ୍‌ସି ଗୋଆର ଟେକ୍‌ନିକାଲ ଡାଇରେକ୍ଟର ଥିଲେ। ୫୯ ବର୍ଷୀୟ ପେରେରାର ଏଫ୍‌ସି ଗୋଆର ଅଧିକାଂଶ ଖେଳାଳିଙ୍କ ସହ କାର୍ଯ୍ୟ କରିଛନ୍ତି। ଯେଉଁ କ୍ଲବ ସହ ସେ ବହୁବର୍ଷ ହେଲା ସଂଶ୍ଳିଷ୍ଟ ଅଛନ୍ତି ତାହାର ମୁଖ୍ୟ କୋଚ୍ ହେବା ଗର୍ବର ବିଷୟ ବୋଲି ସେ କହିଛନ୍ତି। ପେରେରା ୨୦୧୭ରୁ କ୍ଲବ ସହିତ ରହିଛନ୍ତି। ୨୦୧୭-୧୮ରେ ସହକାରୀ କୋଚ୍ ଏବଂ ୨୦୧୮-୧୯ରୁ ସେ ଟେକ୍‌ନିକାଲ ଡାଇରେକ୍ଟର ଭାବେ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ ସେ ଏଫ୍‌ସି ଗୋଆ ୟୁଥ୍ ଡେଭଲପମେଣ୍ଟର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ଟିମ୍‌ଗୁଡ଼ିକ ମଧ୍ୟରୁ ତିନୋଟି ଚାମ୍ପିୟନ ହୋଇ ପାରିଛନ୍ତି। ୨୦୧୯ରେ ସେ ଭାରତର ୨୩ବର୍ଷରୁ କମ୍ ଫୁଟ୍‌ବଲ ଦଳର ଦାୟିତ୍ୱରେ ରହିଥିଲେ। ସେ ମହିନ୍ଦ୍ରା ୟୁନାଇଟେଡ୍ ଟିମ୍‌ର ମ୍ୟାନେଜର ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ପ୍ରଥମ ସିଜନରେ ଦଳ ଜାତୀୟ ଫୁଟ୍‌ବଲ ଲିଗ୍ ଜିତିଥିଲା। ଏହି ସଫଳତା ପରେ ସେ ଦେଶର ଜଣେ ପ୍ରମୁଖ କୋଚ୍‌ର ମାନ୍ୟତା ପାଇଥିଲେ। ସେ ପୁଣେ ଏଫ୍‌ସି, ସାଲଗାଓକାର, ଡିଏସ୍‌କେ ଶିବାଜିଆନ୍ସ ଓ ଚର୍ଚ୍ଚିଲ ବ୍ରଦର୍ସ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ।

# ମୋହନବାଗାନଠାରୁ ହାରିଲା ନର୍ଥଇଷ୍ଟ

**ଫତୋର୍ଦ୍ଦା, ୨୧।୧୨:** ହ୍ୟୁଗୋ ବୌମସଙ୍କ ଡବଲ ଗୋଲ ବଳରେ ଏଟିକେ ମୋହନବାଗାନ ଇଣ୍ଡିଆନ ସୁପରଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡକୁ ୩-୨ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବୌମସ୫୨ ଓ ୭୬ ମିନିଟରେ ୨ଟି ଏବଂ ଲିଷ୍ଟନ କୋଲାକୋ ୪୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ନର୍ଥ ଇଷ୍ଟର ଭି.ପି. ସୁହେର ୨ୟ ଏବଂ ମଶ୍ଚୁର ଶରିଫ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଫଳରେ ମୋହନବାଗାନ ୭ ମ୍ୟାଚରୁ ୧୧ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୮ ମ୍ୟାଚରୁ ୫ମ ପରାଜୟ ସହ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

# ଏମ୍‌ସିସିକୁ ହରାଇଲା ଧବଳଗିରି


ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୧।୧୨:** ଢେଙ୍କାନାଳ ଜିଲା ଯୋରନ୍ଦା ମହାବୀର କ୍ଲବ ପକ୍ଷରୁ ଆୟୋଜିତ ପ୍ରକାଶହରି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଏମ୍‌ସିସି ଯୋରନ୍ଦାକୁ ଯାଜପୁର ଧବଳଗିରି ୭୨ରନରେ ପରାସ୍ତ କରିଛି। ଧବଳଗିରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଜବାବରେ ଏମ୍‌ସିସି ୧୭.୨ ଓଭରରେ ୧୪୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୨୫ ବଲ୍‌ରୁ ସର୍ବାଧିକ ୫୧ ରନ୍ କରିଥିବା ବିଜୟୀ ଦଳର ଦିଲୀପ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦୟନାଥ ରାଉତ, ସବ୍ୟସାଚୀ ସାହା ଖେଳ ପରିଚାଳନା କରିଥିବାବେଳେ ଅଗ୍ନିଦୀପ ନାୟକ, ମହିମା ପ୍ରସାଦ ସାହୁ ସ୍କୋରର ରହିଥିଲେ।

# ଢେଙ୍କାନାଳକୁ ହରାଇ ସେମିରେ ଖୋର୍ଦ୍ଧା


ବିଜୟୀ ଖୋର୍ଦ୍ଧା ଦଳ।

**ଢେଙ୍କାନାଳ ଅଫିସ, ୨୧।୧୨**

ଗଁଦିଆ ବ୍ଲକ ଆମ୍ବପଡ଼ାରେ ରୟାଲ ଟାଇଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟର ମଙ୍ଗଳବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଢେଙ୍କାନାଳକୁ ହରାଇ ଖୋର୍ଦ୍ଧା ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଖୋର୍ଦ୍ଧା ନିର୍ଦ୍ଧାରିତ ୨୦ ଓଭରରେ ୨୪୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ପାଳି ୨୧୫ ରନରେ ସୀମିତ ରହିଯାଇଥିଲା। ପ୍ରଭାତ ଦେହୁରୀ, ପିଣ୍ଟୁ ନାଥ ଅମ୍ପାୟାରିଂ କରିଥିବାବେଳେ ସୁବ୍ରତ ନାୟକ, ଗଗନ ନାୟକ, ପଞ୍ଚାନନ ମହାନ୍ତି, ବିଶ୍ୱରଞ୍ଜନ ପଣ୍ଡା, ରିଙ୍କୁ ଲେଙ୍କା, ଅଭୟ ସ୍ୱାଇଁ, ରଜନୀକାନ୍ତ ପାଣିଗ୍ରାହୀ, ରାଜୀବ ମଲ୍ଲିକ, ଜୟନ୍ତ ଦାସ, ନରେଶ ମହାନ୍ତି, ଭକ୍ତିଚରଣ ଦାସ, ସନ୍ତୋଷ ଦାଶ, ଦୀପକ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର କେନ୍ଦ୍ରାପଡ଼ା ଓ ବ୍ଲୁ ମୁନ୍ ଯାଜପୁର ମଧ୍ୟରେ ମ୍ୟାଚ୍ ଖେଳାଯିବ।

# ହସ୍ପିଟାଲରେ ପାକିସ୍ତାନ କ୍ରିକେଟର

**କରାଚୀ, ୨୧।୧୨ (ପି.ଟି.)**

କ୍ୱେଦ୍-ଇ-ଟ୍ରଫି ଘରୋଇ କ୍ରିକେଟ ଟୁର୍ନାମେଣ୍ଟରେ ବ୍ୟାଟିଂ କରୁଥିବା ବେଳେ ପାକିସ୍ତାନ ଟେଷ୍ଟ ଓପନର ଆବିଦ ଅଲି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଟୁର୍ନାମେଣ୍ଟରେ ଆବିଦ ସେଣ୍ଟ୍ରାଲ ପଞ୍ଜାବ ଦଳ ତରଫରୁ ଖେଳୁଛନ୍ତି। ମଙ୍ଗଳବାର ସକାଳେ ୬୧ରନ କରି ବ୍ୟାଟିଂ କରୁଥିବା ବେଳେ ସେ ଦୁଇଥର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ହସ୍ପିଟାଲରେ ଡାକ୍ତରମାନେ ତାଙ୍କ ଉପରେ ନଜର ରଖିଛନ୍ତି। ଆବିଦ ପ୍ରଥମଶ୍ରେଣୀ କ୍ରିକେଟରେ ୯୦୦୦ ରନ ପୂରଣ କରିଛନ୍ତି। ନିକଟରେ ବାଂଲାଦେଶ ଟେଷ୍ଟ ଟୁର୍‌ରେ ପ୍ରଭାବୀ ପ୍ରଦର୍ଶନ କରିବା ପରେ ସେ ସେଣ୍ଟ୍ରାଲ ପଞ୍ଜାବରେ ଯୋଗ ଦେଇଥିଲେ। ୟୁବିଏଲ୍ କମ୍ପ୍ଲେକ୍ସରେ ସେ ଖାଇବର ପାଖତୁନଖ୍ୱା ବିପକ୍ଷ ମ୍ୟାଚ ଖେଳୁଥିଲେ।


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ତାଳଚେର ବିଜୟୀ

**ଅନୁଗୋଳ ଅଫିସ, ୨୧।୧୨**

ଅନୁଗୋଳ ମର୍ନିଂଷ୍ଟାର୍ କ୍ରିକେଟ କ୍ଲବ ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ କଦମ

**ରାଜ୍ୟସ୍ତରୀୟ ମର୍ନିଂଷ୍ଟାର କ୍ରିକେଟ**

ପଡ଼ିଆଠାରେ ଆରମ୍ଭ ହୋଇଛି। ଜିଲା କ୍ରିକେଟ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ସମ୍ପାଦକ ସାଗରନାଥ ମିଶ୍ର ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ଚାର୍ଜର୍ ଏକାଦଶ ଏବଂ ତାଳଚେର ଦେଉଳବେଡ଼ା କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଚାର୍ଜର ଏକାଦଶ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭର୍‌ରେ ୬ ଉଇକେଟ୍ ହରାଇ ୧୪୮ରନ୍ କରିଥିଲା। ଜବାବରେ ତାଳଚେର ଦଳ ୧୩ ଓଭର୍‌ରେ ୪ ଉଇକେଟ୍ ହରାଇ ୧୫୧ ରନ୍ କରି ବିଜୟୀ ହୋଇଥିଲା। ଅଞ୍ଜନ କର ଏବଂ ସଞ୍ଜୀବ କୁମାର ପାତ୍ର ଖେଳ ପରିଚାଳନା କରିଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI



**ଆଡଭାନୀଙ୍କୁ ଜାତୀୟ ବିଲିୟାର୍ଡ୍ସ ଟାଇଟଲ**
ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏକାଦଶ ଥର ଜାତୀୟ ବିଲିୟାର୍ଡ୍ସ ଟାଇଟଲ ହାସଲ କରିଛନ୍ତି।

୦୮

୦୨

**ରାଜ୍ୟ ସଭାରୁ ଓ' ବ୍ରାଏନ୍ ନିଲମ୍ବିତ**
ରାଜ୍ୟ ସଭାରେ ରାଜନୈତିକ ସଂସ୍କାର ବିଲ୍ ଆଗତ ବେଳେ ଟିଏମ୍‌ସି ସଦସ୍ୟ ଡେରେକ ଓ' ବ୍ରାଏନ୍ ଅଧ୍ୟକ୍ଷଙ୍କ ଆସନ ଆଡ଼କୁ ରୁଲ୍ ବୁକ୍ ଫିଙ୍ଗିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି।



# ଇଣ୍ଡିଆନ୍ ଅଏଲ୍ ରିଫାଇନେରିରେ ନିଆଁ




ହଳଦିଆ,୨୧।୧୨

ପଶ୍ଚିମବଙ୍ଗର ହଳଦିଆରେ ଥିବା ଇଣ୍ଡିଆନ୍ ଅଏଲ୍ ରିଫାଇନାରିରେ ମଙ୍ଗଳବାର ଅପରାହ୍ନ ୩ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୪ ଆହତ ହୋଇଛନ୍ତି। ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବିଶୋଧନାଗାର ବନ୍ଦ କରାଯାଉଥିବାବେଳେ ଫ୍ଲାଶ୍ ଫାୟାର ଯୋଗୁ ନିଆଁ ଲାଗିଥିଲା। ପରେ ନିଆଁକୁ ଆୟତ୍ତ କରାଯାଇଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏଥିରେ ୩ ଜଣଙ୍କ ଜୀବନ ଯାଇଛି। ୪୪ ଆହତଙ୍କ ମଧ୍ୟରୁ ୩୭ ଜଣଙ୍କୁ ଗ୍ରୀନ୍ କରିଡରରେ କୋଲକାତାସ୍ଥିତ ଏକ ହସ୍ପିଟାଲକୁ ନିଆଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୂର୍ବ ମେଦିନାପୁର ଜିଲା ର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଆହତମାନଙ୍କ ତ୍ୱରିତ ଆରୋଗ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ☞ ପୃଷ୍ଠା-୬

# ଘର ମରାମତି ପାଇଁ ମିଳିବ ସହାୟତା

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଘର ମରାମତି ପାଇଁ ରାଜ୍ୟ ସରକାର ସହାୟତା ଦେବେ। ଏ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ପକ୍କାଘର ଓ ଖଣି ଅଞ୍ଚଳ ପକ୍କାଘର ଯୋଜନାରେ ଘର ପାଇଥିବା ଲୋକଙ୍କୁ ଗୃହ ମରାମତି ପାଇଁ ୩ ହଜାର ଟଙ୍କା ସହାୟତା ମିଳିବ। କେନ୍ଦ୍ରୀୟ ଯୋଜନାରେ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ହୋଇ ଅସୁବିଧାରେ ଥିବା ପରିବାରକୁ ଘର ମରାମତି ପାଇଁ ୫ ହଜାର ଟଙ୍କା ଦିଆଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସହାୟତା ଅର୍ଥ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ। ୩୦ ଲକ୍ଷ ପରିବାର ଉପକୃତ ହେବେ। ଏଥିପାଇଁ ୧,୪୪୪ କୋଟି ଟଙ୍କା ଖର୍ଚ୍ଚ ହେବ। ବିଜୁ ପକ୍କାଘର ଯୋଜନାରୁ ଏହି ଟଙ୍କା ଖର୍ଚ୍ଚ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଘର ହେଉଛି ଗୋଟିଏ ପରିବାରର ପରିଚୟ। ଭଲ ଘରଟିଏ ସମସ୍ତଙ୍କ ସ୍ୱପ୍ନ। ଓଡ଼ିଶା ଉପରେ ସବୁବେଳେ ବାତ୍ୟା, ବନ୍ୟାର ଭୟ ରହୁଛି। ପ୍ରତିବର୍ଷ ଆମେ ବାତ୍ୟାର ସାମ୍ନା କରୁଛୁ। ତେଣୁ ଆଶ୍ରୟ ସୁରକ୍ଷା ସବୁ ସୁରକ୍ଷାର ଆଧାର। ସବୁ ପରିବାରର ମୁଣ୍ଡ ଉପରେ ଛାତ ରହିବା ବିଜୁବାବୁଙ୍କ ସ୍ୱପ୍ନ ଥିଲା। ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ବିଜୁ ପକ୍କାଘର ଯୋଜନା ଆରମ୍ଭ କରିଛୁ। ସବୁ କଚ୍ଚା ଘରକୁ ପକ୍କାଘର କରିବା ପାଇଁ ୨୦୧୪ର ଶେଷ କ୍ୟାବିନେଟରେ ନିଷ୍ପତ୍ତି ନେଇଥିଲୁ। ଏହି ଦିଗରେ ଭଲ କାମ ହୋଇଛି।

ଗ୍ରାମାଞ୍ଚଳରେ ଘର ତିଆରିରେ ଓଡ଼ିଶା ସାରା ଦେଶରେ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ଗୃହ ନିର୍ମାଣ ପାଇଁ ୨୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଗାଁର ଗରିବ ଲୋକଙ୍କୁ ପକ୍କାଘର ଖଣ୍ଡିଏ ଦେବା ପାଇଁ ନିଜ ପାଣ୍ଠିରୁ ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ସହ ଖଣି ଅଞ୍ଚଳ ପକ୍କାଘର ଯୋଜନା କରିଛନ୍ତି। ଏଥିସହ କେନ୍ଦ୍ରର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରହିଛି। ଏଥିପାଇଁ ରାଜ୍ୟ ସରକାର ଅଧା ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ଯୋଜନାରେ ଘରଖଣ୍ଡିଏ ପାଇବାକୁ ବହୁ ପରିବାର ଅନେକ ଦିନ ହେଲା ଅପେକ୍ଷା କରିଛନ୍ତି। ଦୁଃଖର କଥା ଆଦିବାସୀ ଓ ପଶ୍ଚିମ ଓଡ଼ିଶାର ଲୋକ ପ୍ରଭାବିତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କୋଭିଡ୍ ଯୋଗୁ ଗରିବ ଲୋକମାନେ ବହୁତ କଷ୍ଟରେ ଅଛନ୍ତି। ଘରର ଛୋଟ ଛୋଟ ମରାମତି, ଏପରି କି ଘରେ ଚୂନ ଦେବାରେ ଅସୁବିଧା ହେଉଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ ଐତିହାସିକ ନିଷ୍ପତ୍ତି ନେଇଛି। ଏଭଳି ନିଷ୍ପତ୍ତି ନେବାରେ ସାରା ଦେଶରେ ଓଡ଼ିଶା ପ୍ରଥମ। ମୋ ସରକାର ଥିବା ଯାଏ ରାଜ୍ୟର ଭାଇଭଉଣୀଙ୍କୁ ହଇରାଣ ହେବାକୁ ଦେବି ନାହିଁ। ମୁଁ ଚାହେଁ ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ। କେନ୍ଦ୍ର ସରକାର ଆପଣମାନଙ୍କର ନ୍ୟାୟପୂର୍ଣ୍ଣ ଦାବି ଗ୍ରହଣ ନ କଲେ ମଧ୍ୟ ଚିନ୍ତା କରନ୍ତୁ ନାହିଁ। ରାଜ୍ୟ ସରକାର ଆପଣଙ୍କ ସାଥିରେ ଅଛନ୍ତି, ଘର ଦେବାକୁ ଆମେ ପଦକ୍ଷେପ ନେବୁ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ କହିଛନ୍ତି।



**କ୍ୟାବିନେଟ ନିଷ୍ପତ୍ତି**

- କେନ୍ଦ୍ର ଯୋଜନାରେ ଘର ପାଇ ନ ଥିବା ପରିବାରଙ୍କୁ ୫ ହଜାର ସହାୟତା
- ବିଜୁ ପକ୍କାଘର ପାଇଁ ମିଳିବ ୩ ହଜାର
- ଖର୍ଚ୍ଚ ହେବ ୧୪୪୪ କୋଟି, ୩୦ ଲକ୍ଷ ଲୋକ ଉପକୃତ ହେବେ

# ସ୍ମାର୍ଟକାର୍ଡ ଉଚ୍ଛେଦ, ପିଡିଏଫ୍‌ରେ ଡ୍ରାଇଭିଂ ଲାଇସେନ୍ସ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେଶନ ସାର୍ଟିଫିକେଟ ଏବଂ ଗାଡ଼ିର ଅନ୍ୟାନ୍ୟ କାଗଜପତ୍ର ଇଲେକ୍ଟ୍ରୋନିକ ସେଲ୍‌ଫ ପ୍ରିଣ୍ଟେବଲ୍ ପିଡିଏଫ୍ ଫର୍ମାଟରେ ମିଳିବ। ଡ୍ରାଇଭିଂ ଲାଇସେନ୍ସ, ଲର୍ନର ଲାଇସେନ୍ସ ଏବଂ ଯାନବାହନର ଅନ୍ୟାନ୍ୟ ପ୍ରମାଣପତ୍ର ଇତ୍ୟାଦିକୁ ପିଡିଏଫ୍ ଫର୍ମାଟରେ ନିଜେ ବାହାର କରିପାରିବେ। ୨୦୨୨ ଜାନୁୟାରୀ ପହିଲାରୁ ଡ୍ରାଇଭିଂ ଲାଇସେନ୍ସ ଏବଂ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ସ୍ମାର୍ଟକାର୍ଡ ବ୍ୟବସ୍ଥା ଉଚ୍ଛେଦ ହେବ। ସ୍ମାର୍ଟକାର୍ଡ ପ୍ରଦାନ ଦାୟିତ୍ୱରେ ଥିବା ନୂଆଦିଲ୍ଲୀସ୍ଥିତ ସ୍ମାର୍ଟ ଚିପ୍ ସଂସ୍ଥାର ଚୁକ୍ତିକୁ ରାଜ୍ୟ ସରକାର ବାତିଲ କରି ଦେଇଛନ୍ତି। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ,ଉକ୍ତ ସଂସ୍ଥା ୨୦୦୬ ଜୁଲାଇ ୨୯ରୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ମାର୍ଟକାର୍ଡ ଡ୍ରାଇଭିଂ ଲାଇସେନ୍ସ ଓ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପ୍ରଦାନ କରି ଆସୁଥିଲା। ବୈଷୟିକ ଜ୍ଞାନକୌଶଳ ପ୍ରସାର ଯୋଗୁ ଆଉ ସ୍ମାର୍ଟକାର୍ଡର ଆବଶ୍ୟକତା ନାହିଁ। ଲୋକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡ୍ରାଇଭିଂ ଲାଇସେନ୍ସ ଓ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପାଇଁ ଇଲେକ୍ଟ୍ରୋନିକ ସେଲ୍‌ଫ ପ୍ରିଣ୍ଟେବଲ୍ ପିଡିଏଫ୍ ଫର୍ମାଟରେ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ମାର୍ଟକାର୍ଡପାଇଁ ଜନସାଧାରଣଙ୍କୁ ୧୪୦ ଟଙ୍କା ଆଉ ଦେବାକୁ ପଡ଼ିବ ନାହିଁ।

## ଓଏସ୍ଏସ୍‌ଟିଇଟି ପାଇଁ ପୁନର୍ବାର ଆବେଦନ ତାରିଖ ଘୋଷଣା

**କଟକ ଅଫିସ,୨୧।୧୨:** ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ(ଓଏସ୍ଏସ୍‌ଟିଇଟି) ଦ୍ୱିତୀୟ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ତାରିଖ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି। ଆସନ୍ତା ୨୩ରୁ ଜାନୁୟାରୀ ୪ ତାରିଖ ପର୍ଯ୍ୟନ୍ତ ବୋର୍ଡ ୱେବ୍‌ସାଇଟରେ ଏହା ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି କରାଯାଇଛି। ସେହିପରି ଏହି ପରୀକ୍ଷା ପାଇଁ ସର୍ବନିମ୍ନ ଯୋଗ୍ୟତା ଶତକଡା ହ୍ରାସ କରାଯାଇଛି। ସାଧାରଣ ବର୍ଗଙ୍କ ପାଇଁ ୬୦ରୁ ୪୫ ଏବଂ ଅନ୍ୟ ବର୍ଗର ପ୍ରାର୍ଥୀଙ୍କ ପାଇଁ ୫୦ରୁ ୩୫ କରାଯାଇଛି। ଯେଉଁମାନେ ଫର୍ମ ପୂରଣ କରିସାରିଛନ୍ତି ସେମାନେ ପୁନର୍ବାର ଆବେଦନ କରିବା ଆବଶ୍ୟକତା ନାହିଁ। ଯେଉଁ ପ୍ରାର୍ଥୀମାନେ ଫି' ପ୍ରଦାନ କରିଥିଲେ ମାତ୍ର ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରି ନ ଥିଲେ, ସେମାନଙ୍କୁ ଆଉ ଦେୟ ଦେବାକୁ ପଡିବ ନାହିଁ। କିନ୍ତୁ ସେମାନଙ୍କୁ ଅନଲାଇନ୍‌ରେ ସବୁ ସୂଚନା ଦାଖଲ କରିବାକୁ ପଡିବ ବୋଲି ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି ଓଏସ୍ଏସ୍‌ଟିଇଟି ପାଇଁ ପୂର୍ବରୁ ଗତମାସ ୧୨ରୁ ଆବେଦନ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପୂର୍ବରୁ ସର୍ବନିମ୍ନ ଯୋଗ୍ୟତା ଶତକଡା ହ୍ରାସ କରିବା ପାଇଁ ପ୍ରାର୍ଥୀମାନେ ଗଣଶିକ୍ଷା ବିଭାଗ ନିକଟରେଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଲୋଚନା ହେବା ପରେ ଉକ୍ତ ନିଷ୍ପତ୍ତି ନିଆଯାଇଛି।

## ଟିଏମ୍‌ସିର ଏକତରଫା ବିଜୟ

**କେଏମ୍‌ସି ନିର୍ବାଚନ**

- ୧୪୪ ୱାର୍ଡରୁ ୧୩୪ ଅକ୍ତିଆର କଲା

କୋଲକାତା,୨୧।୧୨

କୋଲକାତା ମ୍ୟୁନିସିପାଲ କର୍ପୋରେଶନ (କେଏମ୍‌ସି) ନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ମଙ୍ଗଳବାର ଏକତରଫା ବିଜୟ ହାସଲ କରିଛି। ମୋଟ ୧୪୪ ୱାର୍ଡ ମଧ୍ୟରୁ ଟିଏମ୍‌ସି ୧୩୪ଟିରେ ବିଜୟୀ ହୋଇଥିବାବେଳେ ଗତ ବିଧାନସଭା ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଥିବା ଭାଜପାକୁ ଜୋରଦାର ଝଟକା ଲାଗିଛି। ଦଳ ମାତ୍ର ୩ଟି ୱାର୍ଡରେ ଜିତିପାରିଥିବାବେଳେ ବାମ ସାମ୍ମୁଖ୍ୟ ଏବଂ କଂଗ୍ରେସ ୨ଟି ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ଆଉ ୩ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଭୋଟହାର ଦେଖିଲେ ଭାଜପାଠାରୁ ବାମ ସାମ୍ମୁଖ୍ୟ ଆଗରେ ରହିଛି। ☞ ପୃଷ୍ଠା-୬



କୋଲକାତା ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ମଙ୍ଗଳବାର ଟିଏମ୍‌ସିର ବିପୁଳ ବିଜୟ ପରେ ଉଲ୍ଲସିତ କର୍ମୀ।

# ପାକ୍ ପ୍ରାୟୋଜିତ ୨୦ ୟୁଟ୍ୟୁବ୍ ଚ୍ୟାନେଲ ବ୍ୟାନ୍

ନୂଆଦିଲ୍ଲୀ, ୨୧।୧୨

ଭାରତ ବିରୋଧୀ ଅଭିଯାନ ଏବଂ ସମ୍ବେଦନଶୀଳ ପ୍ରସଙ୍ଗରେ ଇଣ୍ଟରନେଟ୍‌ରେ ମିଥ୍ୟା ପ୍ରଚାର କରୁଥିବା ୨୦ଟି ୟୁଟ୍ୟୁବ ଚ୍ୟାନେଲ ଓ ୨ଟି ୱେବସାଇଟ୍‌କୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ସୋମବାର ବ୍ୟାନ୍ କରିଛି। ସେଗୁଡ଼ିକ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଥିଲା। ଗୋଇନ୍ଦା ସଂସ୍ଥାର ସୂଚନା ଆଧାରରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି। ଏହି ୟୁଟ୍ୟୁବ୍ ଚ୍ୟାନେଲ ଏବଂ ୱେବସାଇଟଗୁଡ଼ିକ କଶ୍ମୀର, ଭାରତୀୟ ସେନା, ଭାରତରେ ସଂଖ୍ୟାଲଘୁଙ୍କ ଅବସ୍ଥା, ରାମ ମନ୍ଦିର ଏବଂ ଜେନେରାଲ ବିପିନ ରାୱତଙ୍କ ହେଲିକପ୍ଟର ଦୁର୍ଘଟଣା ଭଳି ପ୍ରସଙ୍ଗରେ ଇଣ୍ଟରନେଟରେ ମିଥ୍ୟା ଖବର ପୋଷ୍ଟ କରୁଥିଲେ। ସୂଚନା ଅନୁଯାୟୀ, ପାକିସ୍ତାନରୁ କାର୍ଯ୍ୟ କରୁଥିବା ନୟା ପାକିସ୍ତାନ ଗ୍ରୁପ୍ (ଏନପିଜି)ର ୟୁଟ୍ୟୁବ ଚ୍ୟାନେଲର ଏକ ନେଟ୍‌ୱାର୍କ ରହିଛି। ଏହି ଚ୍ୟାନେଲଗୁଡିକରେ ପ୍ରାୟ ୩୫ ଲକ୍ଷ ସବ୍‌ସ୍କ୍ରାଇବର ଏବଂ ୫୫ କୋଟିରୁ ଅଧିକ ଭ୍ୟୁ ରହିଛି। ସେଥିମଧ୍ୟରୁ କେତେକ ଚ୍ୟାନେଲ ପାକିସ୍ତାନ ନ୍ୟୁଜ୍-ଉପସ୍ଥାପକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। କୃଷି ଆନ୍ଦୋଳନଠାରୁ ଆରମ୍ଭ କରି ନାଗରିକତ୍ୱ ଆଇନକୁ ନେଇ ଲୋକଙ୍କ ମନରେ ସରକାର ବିରୋଧୀ ଚିନ୍ତାଧାରାକୁ ଉସୁକାଯାଉଥିଲା ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କହାଯାଇଛି।

# କଟ୍‌ନୀଛଟ୍‌ନୀ ପରେ ଉଠିଲା ଧାନ

## ସରବାହାଲ ମାର୍କେଟ୍ ୟାର୍ଡରେ ଅଚଳାବସ୍ଥା

ଝାରସୁଗୁଡ଼ା ଅଫିସ,୨୧।୧୨

ଝାରସୁଗୁଡ଼ା ସରବାହାଲ ମାର୍କେଟ ୟାର୍ଡ (ଧାନମଣ୍ଡି) ସୋମବାର ଉଦ୍‌ଘାଟନ ହେବା ପରେ ୩ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ୩୬୦ବସ୍ତା ଧାନ କିଣାଯାଇଥିଲା। ଦ୍ୱିତୀୟ ଦିନ ମଙ୍ଗଳବାର ମାର୍କେଟ୍ ୟାର୍ଡରେ କଟ୍‌ନୀଛଟ୍‌ନୀକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଚାଷୀମାନେ ମଣ୍ଡିରେ ଗାଡିରେ ଧାନ ବୋଝେଇକରି ସକାଳ ୯ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ଭୋକ ଉପାସରେ ପଡିରହିଥିଲେ। ସେମାନେ ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ରମେଶ ଚନ୍ଦ୍ର ଟପ୍ପୋ ଓ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିବା ପରେ ଧାନ ଫେରାଇନେଇ ଏଫ୍‌ଏକ୍ୟୁ ମାନର ଧାନ ଆଣିବାପାଇଁ ଯୋଗାଣ ବିଭାଗ ତରଫରୁ ଚାଷୀଙ୍କୁ କୁହାଯାଇଥିଲା। ହେଲେ ବାରମ୍ବାର ଗାଡିରେ ଧାନ ନେବାଆଣିବା କରିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା। ଖବରପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ମାର୍କେଟ୍ ୟାର୍ଡରେ ପହଞ୍ଚି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା ଓ କ୍ୱାଲିଟି ଆସେସ୍‌ମେଣ୍ଟ ଅଧିକାରିଣୀ ଦୀପିକା ମହାନ୍ତି ପ୍ରମୁଖ ପହଞ୍ଚି ଚାଷୀ ଓ ମିଲର୍ସଙ୍କ ସହିତ ଆଲୋଚନା କରିଥିଲେ। ଧାନର ମାନ ନିର୍ଦ୍ଧାରଣ ଓ କଟ୍‌ନୀଛଟ୍‌ନୀକୁ ନେଇ ସେମାନଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଶେଷରେ କେତେଜଣ ଚାଷୀ କୁଇଣ୍ଟାଲ ପିଛା ୩ କିଲୋ ଓ ଆଉ କେତେଜଣ ୪କିଲୋ କଟ୍‌ନୀଛଟ୍‌ନୀ କରି ମିଲର୍ସଙ୍କୁ ଧାନ ବିକ୍ରି କରିବାପାଇଁ ବାଧ୍ୟ ହୋଇଥିଲେ। ଦ୍ୱିତୀୟ ଦିନରେ ଶ୍ରୀପୁରା ଓ ବଡମାଲ ପ୍ୟାକ୍ସର ୪ଜଣ ପଞ୍ଜୀକୃତ ଚାଷୀ ୩୯୩ କୁଇଣ୍ଟାଲ ଧାନଧରି ମାର୍କେଟ୍ ୟାର୍ଡରେ ପହଞ୍ଚିଥିଲେ। ମା' କାଳୀ, ସାରଦା, ଦୁର୍ଗା ଆଗ୍ରୋ, ପବନସୂତ ଆଦି ମିଲର୍ସ ଚାଷୀଙ୍କ ନିକଟରୁ ଧାନ କିଣିଥିଲେ। ଚାଷୀଙ୍କ କହିବା କଥା ପ୍ଲାଷ୍ଟିକ୍ ବସ୍ତାରେ ଧାନଧରି ମାର୍କେଟ୍ ୟାର୍ଡକୁ ଆଣିଲେ ଏହାକୁ ମିଲର୍ସମାନେ ଗ୍ରହଣ କରୁନାହାନ୍ତି। ସୁତୁଲି ବସ୍ତାରେ ଆଣିବାପାଇଁ ବାଧ୍ୟ କରୁଛନ୍ତି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଯୋଗାଣ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦାବି ହେଉଛି।



ମାର୍କେଟ ୟାର୍ଡରେ ଧାନ ବୋଝେଇ ଗାଡି ଜଗିରହିଥିବା ଚାଷୀମାନେ।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ୍

**କଟକ ଅଫିସ,୨୧।୧୨:** ନାବାଳିକା ବଳାତ୍କାର ମାମଲାର ମଙ୍ଗଳବାର ଶୁଣାଣି କରି କଟକ ପୋକ୍‌ସୋ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଯାଇଛି। ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ମୈତାପୁରର ରମାକାନ୍ତ ସିଂ। ମାମଲାର ବିବରଣୀରୁ ପ୍ରକାଶ, ୨୦୧୯ ନଭେମ୍ବର ୨୧ ତାରିଖ ରାତିରେ ନେମାଳ ଥାନା ଅଞ୍ଚଳରେ ଯାତ୍ରା ଚାଲିଥିଲା। ଏହି ସମୟରେ ସେଠାରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ଏନେଇ ୨୨ ତାରିଖ ସକାଳେ ନେମାଳ ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ପଚରାଉଚରାବେଳେ ରମାକାନ୍ତ ତାଙ୍କୁ ଏକ ବାଉଁଶବୁଦା ନିକଟକୁ ନେଇ ବଳାତ୍କାର କରିଥିବା ନାବାଳିକା ଜଣଙ୍କ ପୋଲିସ ନିକଟରେ କହିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୨୧/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ହାୟାଙ୍କୁ ୫,୫୦୦ କୋଟି ଦେବେ ଶେଖ୍

## ରାଜକୁମାରୀ-ଦୁବାଇ ଶାସକଙ୍କ ମହଙ୍ଗା ଛାଡ଼ପତ୍ର

ଲଣ୍ଡନ, ୨୧।୧୨

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ପ୍ରଧାନମନ୍ତ୍ରୀ ତଥା ଦୁବାଇ ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍-ଅଲ୍-ମୁକ୍ତମ୍ (୭୨) ଏବଂ ତାଙ୍କ ପୂର୍ବତନ ସ୍ତ୍ରୀ ହାୟା ବିଣ୍ଟ ଅଲ୍ ହୁସେନ୍(୪୭)ଙ୍କ ଛାଡ଼ପତ୍ର ମାମଲାରେ ଲଣ୍ଡନ ହାଇକୋର୍ଟ ମଙ୍ଗଳବାର ଏକ ବଡ଼ ରାୟ ଦେଇଛନ୍ତି। ଜୋର୍ଡାନ୍‌ର ପୂର୍ବତନ ରାଜା ହୁସେନ୍‌ଙ୍କ ଝିଅ ହାୟାଙ୍କୁ ଶେଖ୍ ମହମ୍ମଦ ସୁରକ୍ଷା ଏବଂ କ୍ଷତିପୂରଣ ବାବଦରେ ୫୫୪ ମିଲିୟନ ପାଉଣ୍ଡ (ପ୍ରାୟ ୫,୫୦୦ କୋଟି ଟଙ୍କା) ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାୟା ଏବଂ ତାଙ୍କ ଦୁଇ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ କରିବାକୁ ଦୃଷ୍ଟିରେ ରଖି କୋର୍ଟ ଏହି ରାୟ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶ ହାୟାଙ୍କ ପାଇଁ ବଡ଼ ବିଜୟ ବୋଲି କୁହାଯାଉଛି। ଶେଖ୍‌ଙ୍କ ୬ ସ୍ତ୍ରୀଙ୍କ ମଧ୍ୟରୁ ହାୟା ସବୁଠାରୁ ସାନ।

ଜଜ୍ ଫିଲିପ୍ ମୋର୍ ଶୁଣାଣିବେଳେ କହିଥିଲେ, ହାୟା ଓ ତାଙ୍କ ଦୁଇ ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଶେଖ୍ ମହମ୍ମଦଙ୍କୁ ଏହି ରାଶି ଦେବାକୁ ପଡ଼ିବ। ହାୟା ଏହି ଅର୍ଥ ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚ ନିମନ୍ତେ ନୁହେଁ ବରଂ ସୁରକ୍ଷା ଏବଂ ଏଥିସହ ବିବାହ ବିଚ୍ଛେଦ ଯୋଗୁ ହୋଇଥିବା କ୍ଷତିର ଭରଣା ପାଇଁ ସେ ଏହି ଦାବି କରିଛନ୍ତି। ବ୍ରିଟିଶ ବଙ୍ଗଳାର ଯତ୍ନ ବାବଦକୁ ୩ ମାସ ମଧ୍ୟରେ ଶେଖ ମହମ୍ମଦ ୨୫୧.୫ ମିଲିୟନ ପାଉଣ୍ଡ(୨୫,୨୩ କୋଟି ଟଙ୍କା) ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୁଇ ପିଲା ଜଲିଲା(୧୪) ଏବଂ ଜାଏଦ୍(୯)ଙ୍କ ଶିକ୍ଷା ପାଇଁ ଶେଖ୍ କିସ୍ତିରେ ୯.୬ ମିଲିୟନ ପାଉଣ୍ଡ (୯୬,୨୭,୫୬,୦୦୮ ଟଙ୍କା) ଦେବେ। ଏହା ବ୍ୟତୀତ ପିଲାମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ପ୍ରତିବର୍ଷ ୧୧.୨ ମିଲିୟନ ପାଉଣ୍ଡ (୧,୧୨,୩୨,୪୫,୦୦୧ ଟଙ୍କା) ଦେବାକୁ କୁହାଯାଇଛି। ସେମାନେ ବଡ଼ ହେବା ପର୍ଯ୍ୟନ୍ତ ଶେଖ୍ ଏହି ଅର୍ଥ ଦେବେ। ଗ୍ୟାରେଣ୍ଟି ଭାବରେ ଏଚ୍‌ଏସ୍‌ବିସି ବ୍ୟାଙ୍କରେ ୨୯୦ ମିଲିୟନ ପାଉଣ୍ଡ ସିକ୍ୟୁରିଟି ରହିବ। ବ୍ରିଟେନରେ ଛାଡ଼ପତ୍ର ମାମଲାରେ ଏହି କ୍ଷତିପୂରଣ ରାଶି ସର୍ବାଧିକ ବୋଲି କୁହାଯାଉଛି। ତେବେ ହାୟା ଏ ବାବଦରେ ୧.୪ ବିଲିୟନ ପାଉଣ୍ଡ(୧,୪୦,୩୯,୯୫,୩୨,୫୬୦ ଟଙ୍କା) ଦାବି କରିଥିଲେ। ପିଲାମାନଙ୍କୁ ଶେଖ୍ ମହମ୍ମଦଙ୍କ ପ୍ରଭାବରୁ ମୁକ୍ତ ରଖିବାକୁ ସେ ଚାହାନ୍ତି ବୋଲି ହାୟା କୋର୍ଟରେ କହିଥିଲେ। ନିଜ ଅଙ୍ଗରକ୍ଷୀଙ୍କ ସହ ପ୍ରେମରେ ପଡ଼ିବା ପରେ ହାୟା ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ୨୦୧୯ ଏପ୍ରିଲରେ ଦୁବାଇରୁ ବ୍ରିଟେନକୁ ପଳାଇ ଆସିଥିଲେ। ପ୍ରାୟ ମାସେ ପରେ ସେ ଶେଖ୍ ମହମ୍ମଦଙ୍କୁ ଛାଡ଼ପତ୍ର ମାଗିଥିଲେ। ଶେଖ୍ ରାଜକୁମାରୀ ହାୟାଙ୍କ ଜୀବନ ପ୍ରତି ବିପଦ ☞ ପୃଷ୍ଠା-୬



ଶେଖ୍ ମହମ୍ମଦ ବିନ୍ ରସିଦ୍-ଅଲ୍-ମୁକ୍ତମ୍ ଓ ପୂର୍ବତନ ସ୍ତ୍ରୀ ହାୟା ବିଣ୍ଟ ଅଲ୍ ହୁସେନ୍



୨୦୨୨ କୋଭିଡ୍-୧୯କୁ ଶେଷ କରିବାର ବର୍ଷ ହେବା ଜରୁରୀ। ଏହି ମହାମାରୀକୁ ଦୂର କରି ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସାରା ବିଶ୍ୱ ଏକାଠି ହେଉ।
-ଟେଡ୍ରୋସ୍ ଅଧନୋମ୍ ଘେବ୍ରିୟେସସ୍, ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ



## ସଂକ୍ଷେପରେ

### ମାଲେସିଆ ବନ୍ୟା: ୮ ମୃତ, ୬୪ ହଜାର ସ୍ଥାନାନ୍ତର

**କୁଆଲାଲମ୍ପୁର, ୨୧।୧୨:** ମାଲେସିଆରେ ଶୁକ୍ରବାରଠାରୁ କ୍ରମାଗତ ବର୍ଷା ଯୋଗୁ ସେଠାରେ ବନ୍ୟା ଆସିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୬ ରାଜ୍ୟରୁ ୮ଟିରେ ଜରୁରିକାଳୀନ ସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଭୂସ୍ଖଳନ ଯୋଗୁ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି। ରାଜପଥଗୁଡ଼ିକ ପାଣିରେ ସମ୍ପୂର୍ଣ୍ଣ ବୁଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ଲୋକଙ୍କୁ ଜରୁରୀ ସେବା ଯୋଗାଇଦିଆଯାଇପାରୁନାହିଁ। ମାଲେସିଆରେ ଗତ ଦଶନ୍ଧି ମଧ୍ୟରେ ଡିସେମ୍ବରରେ ଏହା ସବୁଠାରୁ ଭୟଙ୍କର ବନ୍ୟା ବିପର୍ଯ୍ୟୟ ବୋଲି କୁହାଯାଉଛି।

### ଜଗନମୋହନଙ୍କୁ ୪୮



**ଅମରାବତୀ, ୨୧।୧୨:** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ଜଗନମୋହନ ରେଡ୍ଡୀ ମଙ୍ଗଳବାର ୪୮ ବର୍ଷରେ ପାଦ ଥାପିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାଜନ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କ ପୁଅ ଜଗନମୋହନ ୨୦୦୯ରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ।

### ପ୍ରଥମ 'ଟେସ୍‌ଲା ବେବି'



**ସାନ୍ ଫ୍ରାନ୍ସିସ୍କୋ ୨୧।୧୨:** ଆମେରିକାରେ ଜଣେ ମହିଳା ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା ଇଲେକ୍ଟ୍ରିକ୍ କାର୍‌ର ସମ୍ମୁଖ ସିଟ୍‌ରେ ଜଣେ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ପ୍ରସବ ବେଳେ କାର୍‌ଟି ଅଟୋପାଇଲଟ୍ ବା ସ୍ୱୟଂଚାଳିତ ମୋଡ୍‌ରେ ଥିଲା। ଗତ ସେପ୍ଟେମ୍ବରରେ ଜନ୍ମିତ ଏହି ଶିଶୁ କନ୍ୟାଙ୍କୁ ପ୍ରଥମ ଟେସ୍‌ଲା ବେବି ବୋଲି କୁହାଯାଉଛି। ୟିରାନ ଶେରୀ(୩୩) ଏବଂ ତାଙ୍କ ସ୍ୱାମୀ କିଟିଂ ଶେରୀ କାର୍‌ରେ ଯାଉଥିବାବେଳେ ୟିରାନଙ୍କ ପ୍ରସବ ବେଦନା ହୋଇଥିଲା। ଏହି ସମୟରେ ଟ୍ରାଫିକ୍ ଜାମ୍ ଥିବାରୁ ଡାକ୍ତରଖାନାରେ ପହଞ୍ଚିବା କଷ୍ଟକର ହୋଇପଡ଼ିଥିଲା। ତେଣୁ କିଟିଂ ଗାଡ଼ିକୁ ଅଟୋପାଇଲଟ୍ ମୋଡ୍‌ରେ ରଖିବା ସହ ହସ୍ପିଟାଲ ଆଡ଼କୁ ନାଭିଗେଶନ ଅନ୍ କରି ସ୍ତ୍ରୀଙ୍କୁ ସହଯୋଗ କରିଥିଲେ ବୋଲି କହିଛନ୍ତି।

# ଭାରତରେ ୨ ଶହ ଟପିଲା

**ନୂଆଦିଲ୍ଲୀ/ୱାଶିଂଟନ୍, ୨୧।୧୨**

## ଓମିକ୍ରନ୍ ସଂକ୍ରମଣ

- ମହାରାଷ୍ଟ୍ର, ଦିଲ୍ଲୀରେ ସର୍ବାଧିକ
- ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ କରାଇଲା କେନ୍ଦ୍ର

ଦ୍ରୁତ ସଂକ୍ରମିତ କରୋନାର ଓମିକ୍ରନ୍ ଭାରିଆଣ୍ଟ ଦିନକୁ ଦିନ ଚିନ୍ତା ବଢ଼ାଇଚାଲିଛି। ଭାରତରେ ଓମିକ୍ରନ ସଂକ୍ରମଣ ୨୦୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କେବଳ ଦିଲ୍ଲୀରେ ଦିନକରେ ୨୪ ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସର୍ବାଧିକ ୫୪ ଲେଖାଏ ମାମଲା ରହିଛି। ଏହା ତଳକୁ ତେଲଙ୍ଗାନାରେ ୨୦, କର୍ଣ୍ଣାଟକରେ ୧୯, ରାଜସ୍ଥାନରେ ୧୮, କେରଳରେ ୧୫, ଗୁଜରାଟରେ ୧୪ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଛନ୍ତି। ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଭାରତରେ ଗତ ୨୪ ଘଣ୍ଟାରେ ୫,୩୨୬ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି, ଯାହା କି ୫୮୧ ଦିନରେ ସର୍ବନିମ୍ନ। ଦେଶରେ ମୋଟ ସଂକ୍ରମଣ ୩.୪୮ କୋଟିରେ ପହଞ୍ଚିଥିବାବେଳେ ଏବେ ୭୯,୦୯୭ ସକ୍ରିୟ ମାମଲା ରହିଛି। ଦିନକରେ ୪୫୩ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୪.୭୮ ଲକ୍ଷକୁ ବୃଦ୍ଧି ପାଇଛି। ଦିନକୁ ଦିନ ଓମିକ୍ରନ ସଂକ୍ରମଣ ବୃଦ୍ଧି ସରକାରଙ୍କ ଚିନ୍ତା ବଢ଼ାଇଛି। କେନ୍ଦ୍ର ସ୍ୱାସ୍ଥ ସଚିବ ରାଜେଶ ଭୂଷଣ ମଙ୍ଗଳବାର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ସତର୍କ ରହିବାକୁ ଚିଠି ଲେଖିଛନ୍ତି। ଓମିକ୍ରନ୍ ଡେଲ୍‌ଟାଠାରୁ ୩ ଗୁଣା ଅଧିକ ସଂକ୍ରାମକ ହୋଇଥିବାରୁ ରାଜ୍ୟ ଗୁଡ଼ିକ କଣ୍ଟେନ୍‌ମେଣ୍ଟ କଟକଣା ପାଳନ କରିବାକୁ ଏଥିରେ କୁହାଯାଇଛି। ଦ୍ୱିତୀୟ ଲହରରେ ସର୍ବାଧିକ ପ୍ରଭାବିତ ହୋଇଥିବା ଦିଲ୍ଲୀରେ ଗୋଟିଏ ଦିନରେ ଶହେରୁ ଅଧିକ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ୬ ମାସ ମଧ୍ୟରେ ସର୍ବାଧିକ। ଓମିକ୍ରନ ମାମଲା ବଢୁଥିବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଲୋକଙ୍କୁ କରୋନା କଟକଣା ମାନିବାକୁ ନିବେଦନ କରିଛନ୍ତି।

ମଙ୍ଗଳବାର ସକାଳ ସୁଦ୍ଧା ସମଗ୍ର ବିଶ୍ୱରେ ମୋଟ କରୋନା ମାମଲା ୨୭,୫୪,୩୮,୩୮୨କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁସଂଖ୍ୟା ୫,୩୬୦,୩୮୨ରେ ପହଞ୍ଚିଛି। ସମୁଦାୟ ୮,୭୨୬,୬୦୯,୬୮୪ ଭାକ୍ସିନ ଡୋଜ୍ ଦିଆଯାଇଥିବା ସେଣ୍ଟର ଫର୍ ସିଷ୍ଟମ୍‌ସ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ(ସିଏସ୍ଏସ୍ଇ) ତଥ୍ୟରୁ ଜଣାପଡ଼ିଛି। ଉଭୟ ସଂକ୍ରମଣ ଏବଂ ମୃତ୍ୟୁସଂଖ୍ୟା ଆମେରିକାରେ ସର୍ବାଧିକ ଥିବାବେଳେ ଦ୍ୱିତୀୟରେ ଭାରତ ରହିଛି। ୫୦ ଲକ୍ଷରୁ ଅଧିକ କରୋନା ସଂକ୍ରମଣରେ ଯଥାକ୍ରମେ ବ୍ରିଟେନ, ରୁଷିଆ, ତୁର୍କୀ, ଫ୍ରାନ୍ସ, ଜର୍ମାନୀ, ଇରାନ, ସ୍ପେନ୍, ଇଟାଲୀ, ଆର୍ଜେଣ୍ଟିନା, କଲମ୍ବିଆ ଆଦି ଦେଶ ରହିଛି।



ମୁମ୍ବାଇ ମହାନଗର ନିଗମରେ ସ୍ୱତନ୍ତ୍ର ଟିକାକରଣ ଅଭିଯାନବେଳେ ବସ୍‌ରେ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର କୋଭିଡ୍ ଟିକା ଦେଉଛନ୍ତି ଜଣେ ସ୍ୱାସ୍ଥ୍ୟକର୍ମୀ ।

## ଟିକା ପ୍ରମାଣପତ୍ରରେ ମୋଦିଙ୍କ ଫଟୋ ଲଜ୍ଜାଜନକ ନୁହେଁ




- ପିଟିଶନ ଖାରଜ କଲେ ହାଇକୋର୍ଟ
- ଆବେଦନକାରୀଙ୍କୁ ଲକ୍ଷେ ଜରିମାନା

**କୋଚି, ୨୧।୧୨**

ପ୍ରଧାନମନ୍ତ୍ରୀ କେବଳ ଏକ ରାଜନୈତିକ ଦଳର ନୁହେଁ ବରଂ ଦେଶର ନେତା। ତେଣୁ କୋଭିଡ୍-୧୯ ଟିକା ପ୍ରମାଣପତ୍ରରେ ନରେନ୍ଦ୍ର ମୋଦିଙ୍କ ଫଟୋ ରହିଥିବାରୁ ଜନସାଧାରଣ ଏଥିପାଇଁ ଲଜ୍ଜା ଅନୁଭବ କରିବା ଉଚିତ ନୁହେଁ ବୋଲି କେରଳ ହାଇକୋର୍ଟ ମଙ୍ଗଳବାର କହିଛନ୍ତି। ଜଷ୍ଟିସ୍ ପି. ଭି. କୁହ୍ନିକ୍ରିଷ୍ଣନ ଟିକା ସାର୍ଟିଫିକେଟରୁ ମୋଦିଙ୍କ ଫଟୋ ହଟାଇବା ପାଇଁ ହୋଇଥିବା ଏକ ଆବେଦନକୁ ଖାରଜ କରିବା ସହ ଆବେଦନକାରୀ ପିଟର ମାୟାଲିପାରାମ୍ପିଲ୍‌ଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜଣେ ପ୍ରଧାନମନ୍ତ୍ରୀଙ୍କୁ କେହି କଂଗ୍ରେସ କିମ୍ବା ଭାଜପାର ବୋଲି କହିପାରିବେ ନାହିଁ। ଥରେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ଦେଶବାସୀ ତାଙ୍କୁ ନେଇ ଗର୍ବିତ ହେବା କଥା। ଟିକାକରଣ ଦ୍ୱାରା କରୋନା ମହାମାରୀରୁ ସୁରକ୍ଷା ମିଳିପାରିବ। ଯଦି ପ୍ରଧାନମନ୍ତ୍ରୀ ଏହି ସାର୍ଟିଫିକେଟରେ ନିଜ ଫଟୋ ସହ ଉକ୍ତ ବାର୍ତ୍ତା ପ୍ରଦାନ କରୁଛନ୍ତି, ତେବେ ଏଥିରେ କ'ଣ ଭୁଲ୍ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଆବେଦନକାରୀ ରାଜନୈତିକ ଏଜେଣ୍ଡାରେ ଭୁଲ୍ ଉଦ୍ଦେଶ୍ୟ ରଖି ଏହି ପିଟିଶନ ଦାଖଲ କରିଥିବାର ସନ୍ଦେହ ଉପୁଜୁଥିବା କୋର୍ଟ କହିଛନ୍ତି।

## 'ଏବେ ପିଲାଙ୍କୁ ଟିକା ଦରକାର ନାହିଁ'

**ନୂଆଦିଲ୍ଲୀ, ୨୧।୧୨**



ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ଚିନ୍ତାଜନକ ହୋଇଥିବାବେଳେ ଏବେ ପିଲାଙ୍କୁ କରୋନା ଟିକା ଦିଆଯିବାର ଆବଶ୍ୟକତା ନାହିଁ ବୋଲି ଭାରତରେ ଟିକାକରଣର ଜାତୀୟ ବୈଷୟିକ ପରାମର୍ଶଦାତା ଗ୍ରୁପ୍ (ଏନ୍‌ଟିଏଜିଆଇ) ସଦସ୍ୟ ଡା. ଜୟପ୍ରକାଶ ମୁଲିୟିଲ୍ କହିଛନ୍ତି। ପିଲାମାନେ ଏବେ ସୁଦ୍ଧା କରୋନାରେ ସେତେମାତ୍ରାରେ ଆକ୍ରାନ୍ତ ହୋଇନାହାନ୍ତି। ୧୨ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ଜଣଙ୍କର ମଧ୍ୟ ଏଥିରେ ମୃତ୍ୟୁ ହୋଇନାହିଁ। ତେଣୁ ସେମାନଙ୍କ ଟିକାକରଣର ଆବଶ୍ୟକତା ନ ଥିବା ଏହି କମିଟି କେନ୍ଦ୍ର ସରକାରଙ୍କୁ କହିଛି।

## ଆମେରିକାରେ ପ୍ରଥମ ଓମିକ୍ରନ୍ ମୃତ୍ୟୁ

**ୱାଶିଂଟନ୍, ୨୧।୧୨**

ଆମେରିକାରେ ପ୍ରଥମ କରି ଜଣେ ଓମିକ୍ରନ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ୫୦ ବର୍ଷୀୟ ଏହି ବ୍ୟକ୍ତି ଜଣକ କୌଣସି ଟିକା ନେଇ ନ ଥିଲେ। ଏ ନେଇ ହାରିସ୍ କାଉଣ୍ଟି ଜଜ୍ ଲିନା ହିଡାଲ୍‌ଗୋ ସୋମବାର ଏକ ଟୁଇଟ୍ କରି ସୂଚନା ଦେଇଛନ୍ତି। ତେଣୁ ଟିକା ନେଇ ନ ଥିବା ଲୋକେ ତୁରନ୍ତ କୋଭିଡ୍ ଭାକ୍ସିନ ଡୋଜ୍ ନେବାକୁ ସେ ନିବେଦନ କରିଛନ୍ତି। ଆମେରିକାରେ ଓମିକ୍ରନ ଡେଲ୍ଟା ଭାରିଆଣ୍ଟକୁ ମଧ୍ୟ ଟପିଯାଇଛି। ସପ୍ତାହକରେ ସେଠାରେ ସଂକ୍ରମଣ ମାମଲା ୩%ରୁ ୭୩% ବୃଦ୍ଧି ପାଇଥିବା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର(ସିଡିସି) ପକ୍ଷରୁ କୁହାଯାଇଛି। ଡିସେମ୍ବର ୧ରୁ ପ୍ରଥମେ କାଲିଫର୍ନିଆରେ ଓମିକ୍ରନ୍ ସଂକ୍ରମଣ ଚିହ୍ନଟ ହେବା ପରଠାରୁ ଏବେ ତାହା ୪୮ ରାଜ୍ୟକୁ ବ୍ୟାପିସାରିଲାଣି। ଅନ୍ୟପକ୍ଷରେ ହ୍ୱାଇଟ୍‌ହାଉସ୍‌ର ଜଣେ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ ନିଜର ଟେଷ୍ଟ କରାଇଥିଲେ। ତେବେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଲୋକେ ଏବେ ସତର୍କ ରହି କରୋନା ନିୟମ ପାଳିବା ଉଚିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ମହାନିର୍ଦ୍ଦେଶକ ଅଧନୋମ୍ ଘେବ୍ରିୟସ୍ କହିଛନ୍ତି। ଖ୍ରୀଷ୍ଟମାସ, ନୂଆ ବର୍ଷ ଆଦି ପାଳନରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

# ଉଜ୍‌ରା ତିବ୍ବତ ପ୍ରସଙ୍ଗରେ ଆମେରିକା ପ୍ରତିନିଧି

**ୱାଶିଂଟନ/ଚାଇନା,୨୧।୧୨**



ଭାରତୀୟ ବଂଶୋଦ୍ଭବ କୂଟନୀତିଜ୍ଞ ଉଜ୍‌ରା ଜେୟାଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତିବ୍ବତ ପ୍ରସଙ୍ଗରେ ସ୍ପେଶାଲ କୋଅର୍ଡିନେଟର ଭାବେ ନିଯୁକ୍ତ କରିଛନ୍ତି। ଚାଇନା ଓ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ମଧ୍ୟରେ ଆଲୋଚନା ପାଇଁ ମଧ୍ୟ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ଉଜ୍‌ରାଙ୍କ ନିଯୁକ୍ତିକୁ ଚାଇନା ପକ୍ଷରୁ ବିରୋଧ କରାଯାଇଛି। ଉଜ୍‌ରାଙ୍କୁ ତିବ୍ବତ ପ୍ରସଙ୍ଗରେ ନିଯୁକ୍ତି ଦେବା ବେଜିଂ ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ହସ୍ତକ୍ଷେପ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି। ସ୍ୱତନ୍ତ୍ର ସଂଯୋଜକ ନିଯୁକ୍ତ ହେବା ପରେ ତିବ୍ବତ ସମ୍ପର୍କିତ ଆମେରିକା ସରକାରଙ୍କ ନୀତି, କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡ଼ିକୁ ନେଇ ସମନ୍ୱୟ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ। ତାଙ୍କ

### ନିଯୁକ୍ତିକୁ ଚାଇନାର ବିରୋଧ

ନିଯୁକ୍ତି ତତ୍କାଳ ଲାଗୁ ହୋଇଛି ବୋଲି ମଙ୍ଗଳବାର ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ସୂଚନା ଦେଇଛନ୍ତି। ୧୯୫୯ରେ ଚାଇନା ଦଖଲ କରିବା ପରେ ଦଲାଇ ଲାମା ଏହି ହିମାଳୟ କ୍ଷେତ୍ରରୁ ଭାରତକୁ ପଳାୟନ କରିଥିଲେ। ସେବେଠୁ ସେ ନିର୍ବାସନରେ ରହି ଭାରତରେ ଆଶ୍ରୟ ନେଇଛନ୍ତି। ୮୬ ବର୍ଷୀୟ ଦଲାଇ ଲାମାଙ୍କୁ ଚାଇନା ଜଣେ ବିଚ୍ଛିନ୍ନତାବାଦୀ ନେତା ବିବେଚନା କରିଥାଏ। ଗତମାସରେ ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି ୱାଙ୍ଗ୍ ଜୁନ୍‌ଝେଙ୍ଗ୍‌ଙ୍କୁ ତିବ୍ବତରେ ଦଳୀୟ ମୁଖ୍ୟ ନିଯୁକ୍ତ କରିଛି। ଉଇଗର ମୁସଲମାନଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନରେ ୱାଙ୍ଗ୍‌ଙ୍କ ସମ୍ପୃକ୍ତିକୁ ନେଇ ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ (ଇୟୁ) ଏବଂ କାନାଡା ପକ୍ଷରୁ ତାଙ୍କ ନିଯୁକ୍ତି ଉପରେ କଟକଣା ଜାରି କରାଯାଇଛି।

### ଉଜ୍‌ରା ଜେୟା କିଏ

ଉଜ୍‌ରା ଜେୟାଙ୍କ ଜେଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଉଜ୍‌ରାଙ୍କ ପୂର୍ବପୁରୁଷ ୧୯୬୦ ଦଶକରେ ବିହାରରୁ ଆମେରିକା ଯାଇ ବସବାସ କରିଥିଲେ। ନର୍ଥ କାରୋଲିନାରେ ଜନ୍ମିତ ଉଜ୍‌ରା ଜର୍ଜଟାଉନ୍ ୟୁନିଭର୍ସିଟିରେ ସ୍କୁଲ ଅଫ୍ ଫରେନ୍ ସର୍ଭିସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏକଦା ନିଜ କୂଟନୈତିକ କ୍ୟାରିୟରରେ ନୂଆଦିଲ୍ଲୀରେ ଅବସ୍ଥାପିତ ହୋଇଥିବା ଉଜ୍‌ରା ୨୦୧୮ରେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ବିରୋଧକରି ବୈଦେଶିକ ସେବା ଛାଡ଼ିଦେଇଥିଲେ। ୨୦୨୧ ଜୁଲାଇ ୧୪ରେ ଉଜ୍‌ରା ଜେୟା ଆମେରିକାର ନାଗରିକ ସୁରକ୍ଷା, ଗଣତନ୍ତ୍ର ଓ ମାନବାଧିକାର ବିଭାଗରେ ଅନୁସଚିବ ଭାବେ ନିଯୁକ୍ତି ପାଇଥିଲେ।

# ଆଉ ୧୪ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା

**କୋଚି, ୨୧।୧୨**

- ଗିରଫଦାରି ୬୯କୁ ବୃଦ୍ଧି, ୧୦ ବୋଟ୍ ଜବତ
- ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନାରାୟଣସାମୀ

ଜଳସୀମା ଅତିକ୍ରମ କରିବା ଅଭିଯୋଗରେ ତାମିଲନାଡୁର ପୁଡୁକ୍କୋଟ୍ଟାଇରୁ ସୋମବାର ଆଉ ୧୪ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଛି। ସେମାନଙ୍କଠାରୁ ୨ଟି ଡଙ୍ଗା ମଧ୍ୟ ଜବତ କରାଯାଇଛି। ଏହାକୁ ମିଶାଇ ୩ ଦିନରେ ଶ୍ରୀଲଙ୍କା ନୌସେନା ମୋଟ ୬୯ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ୧୦ଟି ବୋଟ୍ ଜବତ କରିଛି। ଏହା ପ୍ରତିବାଦରେ ମତ୍ସ୍ୟଜୀବୀମାନେ ପୁଡୁକ୍କୋଟ୍ଟାଇରେ ବନ୍ଦ ଡାକରା ଦେଇଛନ୍ତି। ଏଥିସହ ରାମେଶ୍ୱରମ୍‌ରେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ଗତ ୧୮ ତାରିଖରେ ରାମେଶ୍ୱରମ୍‌ରୁ ୪୩ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହ ୨ଟି ବୋଟ୍ ଶ୍ରୀଲଙ୍କା ଜବତ କରିନେଇଥିଲା। ସେହିପରି ୧୯ରେ ଆଉ ୧୨ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ଶ୍ରୀଲଙ୍କା ନୌସେନା ରାଜ୍ୟର ମତ୍ସ୍ୟଜୀବୀଙ୍କୁ ବାରମ୍ବାର ଭୟଭୀତ କରିବାକୁ ଚେଷ୍ଟା କରୁଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଷ୍ଟାଲିନ୍ ଚିଠିରେ ଲେଖିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରି ତୁରନ୍ତ ମତ୍ସ୍ୟଜୀବୀମାନଙ୍କୁ ମୁକୁଳାଇବାକୁ ପଦକ୍ଷେପ ନିଅନ୍ତୁ ବୋଲି ପୁଡୁଚେରୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି. ନାରାୟଣ ସାମୀ କହିଛନ୍ତି।



ରୋମାନିଆରେ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ କାର୍ଯ୍ୟସ୍ଥଳରେ ଗ୍ରୀନ୍ ସାର୍ଟିଫିକେଟ୍ ପ୍ରଚଳନ କରାଯାଇଛି। ଏହାର ପ୍ରତିବାଦରେ ଲୋକେ ରାଜଧାନୀ ବୁକାରେଷ୍ଟରେ ପାର୍ଲାମେଣ୍ଟକୁ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ଭିକ୍ଟୋରିଆ ପ୍ୟାଲେସ ସାମ୍ନାରେ ଜଣେ ବିକ୍ଷୋଭକାରୀ ଲାଟେକ୍ସ ମାସ୍କ ପିନ୍ଧିଛନ୍ତି, ଯହିଁରେ ସିରିଞ୍ଜ ଲାଗିଛି।

# ରାଜନୈତିକ ସଂସ୍କାର ବିଲ୍‌କୁ ସଂସଦର ମଞ୍ଜୁରୀ

**ନୂଆଦିଲ୍ଲୀ,୨୧।୧୨**

ରାଜନୈତିକ ସଂସ୍କାର ବିଲ୍‌କୁ ମଙ୍ଗଳବାର ସଂସଦର ମଞ୍ଜୁରୀ ମିଳିଛି। ଭୋଟର ତାଲିକା ତଥ୍ୟ ସହ ଆଧାର ଇକୋସିଷ୍ଟମ୍‌କୁ ଯୋଡ଼ିବା ସମ୍ପର୍କିତ ଏହି ବିଧେୟକ ସୋମବାର ଲୋକ ସଭାରେ ଗୃହୀତ ହେବାର ଦିନକ ପରେ ରାଜ୍ୟ ସଭାରେ ପାରିତ ହୋଇଛି। ବିରୋଧୀଙ୍କ ସ୍ଲୋଗାନ, ହଟ୍ଟଗୋଳ ଓ କକ୍ଷତ୍ୟାଗ ମଧ୍ୟରେ ଏହାକୁ ଧ୍ୱନିମତରେ ଗୃହୀତ କରାଯାଇଛି।

ଭୋଟର ତାଲିକାରୁ ଜାଲ୍ ମତଦାତାଙ୍କୁ ହଟାଇବା ପାଇଁ ଉଦ୍ଦିଷ୍ଟ ନିର୍ବାଚନ ଆଇନ (ସଂଶୋଧନ) ବିଲ୍, ୨୦୨୧ ସୋମବାର ନିମ୍ନ ସଦନରେ ଗୃହୀତ ହୋଇଥିଲା। ଆଇନମନ୍ତ୍ରୀ କିରେନ ରିଜିଜୁଙ୍କ ଦ୍ୱାରା ମଙ୍ଗଳବାର ରାଜ୍ୟ ସଭାରେ ବିଲ୍ ଆଗତ ବେଳେ ବିରୋଧୀ ଦଳଗୁଡ଼ିକ ବିଧେୟକକୁ ସିଲେକ୍ଟ କମିଟି ନିକଟକୁ ପଠାଇବା ପାଇଁ ପ୍ରସ୍ତାବ ଆଣି ମତ ବିଭାଜନ ଦାବି କରିଥିଲେ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ମତ ବିଭାଜନ କଥା ଉଠାଇଥିଲେ। ତେବେ ଗୃହର ଉପାଧ୍ୟକ୍ଷ ହରିବଂଶ ସେମାନଙ୍କ ଦାବି ଅଗ୍ରାହ୍ୟ କରିବା ସହ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ। ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଉଥିବାବେଳେ ଓ' ବ୍ରାଏନ୍ ଅଧ୍ୟକ୍ଷଙ୍କ ଆସନ ଆଡ଼କୁ ରୁଲ୍ ବୁକ୍ ଫିଙ୍ଗି କକ୍ଷତ୍ୟାଗ କରିଥିଲେ। ଏହାକୁ ନେଇ ଓ' ବ୍ରାଏନ୍‌ଙ୍କୁ ରାଜ୍ୟ ସଭାରୁ ଶୀତ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି। କଂଗ୍ରେସ, ଟିଏମ୍‌ସି, ବାମଦଳ, ଡିଏମ୍‌କେ ଏବଂ ଏନ୍‌ସିପି ସଦସ୍ୟମାନେ ମଧ୍ୟ ବିଲ୍‌କୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ। ଏଥିଯୋଗୁ ଭୋଟର ଜାଲିଆତି ବନ୍ଦ ହେବା ଦର୍ଶାଇ ଭାଜପା, ଜେଡିୟୁ, ୱାଇଏସ୍ଆର୍‌ସିପି, ବିଜେଡି, ଏବଂ ଟିଏମ୍‌ସି-ଏମ୍ ବିଲ୍‌କୁ ସମର୍ଥନ କରିଥିଲେ। ପରେ ଗୃହରେ ଅଧ୍ୟକ୍ଷତା କରି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଥିଲେ, ଓ'ବ୍ରାଏନ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଥିଲେ, ଯାହାର ଉତ୍ତର ଗୃହର ଉପାଧ୍ୟକ୍ଷ ଦେଇଥିଲେ। ଏହାର କିଛି ସମୟ ପରେ ଓ'ବ୍ରାଏନ୍ ଉତ୍ତ୍ୟକ୍ତ ହୋଇ ରୁଲ୍ ବୁକ୍‌କୁ ଚେୟାର ଆଡ଼କୁ ଫିଙ୍ଗିଥିଲେ। ଏହା ଅଧ୍ୟକ୍ଷ କିମ୍ବା ସେକ୍ରେଟାରି ଜେନେରାଲ କିମ୍ବା ଆଉ କୌଣସି ଅଧିକାରୀଙ୍କ ଦେହରେ ବି ବାଜିଥାଆନ୍ତା। ଇତିମଧ୍ୟରେ ଟିଏମ୍‌ସି ଏମ୍‌ପିଙ୍କୁ ଅଧିବେଶନ ଶେଷ (ଡିସେମ୍ବର ୨୩) ପର୍ଯ୍ୟନ୍ତ ଗୃହରୁ ନିଲମ୍ବନ କରିବା ପାଇଁ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଏକ ପ୍ରସ୍ତାବ ଆଣିଥିଲେ, ଯାହାକୁ ଗୃହ ପାରିତ କରିଥିଲା।

### ରାଜ୍ୟ ସଭାରୁ ଓ' ବ୍ରାଏନ୍ ନିଲମ୍ବିତ



ଗତ ଥର କୃଷି ଆଇନକୁ ବିରୋଧ କରି ରାଜ୍ୟ ସଭାରୁ ନିଲମ୍ବିତ ହୋଇଥିଲି। ଏଥର ଭାଜପା ପାର୍ଲାମେଣ୍ଟକୁ ଉପହାସ କରି ନିର୍ବାଚନ ଆଇନ ବିଲ୍ ଉପରେ ବୁଲ୍ଡୋଜର ଚଳାଉଥିବାବେଳେ ତାକୁ ବିରୋଧ କରି ନିଲମ୍ବିତ ହୋଇଛି। ଆଶା ଏହି ବିଲ୍ ମଧ୍ୟ ଶୀଘ୍ର ଉଚ୍ଛେଦ ହୋଇଯିବ।
**-ଡେରେକ୍ ଓ'ବ୍ରାଏନ୍, ଟିଏମ୍‌ସି ଏମ୍‌ପି**

### ବିଜେଡିର ସମର୍ଥନ, କିନ୍ତୁ ଆଶଙ୍କା

ରାଜନୈତିକ ସଂସ୍କାର ବିଲ୍‌କୁ ରାଜ୍ୟ ସଭାରେ ବିଜେଡି ସମର୍ଥନ କରିଥିଲେ ହେଁ ଏହାର ଦୁରୁପଯୋଗ ଆଶଙ୍କା କରିଛି। ବିଜେଡି ସଦସ୍ୟ ସୁଜିତ କୁମାର କହିଥିଲେ, ସରକାରଙ୍କ ଉଦ୍ଦେଶ୍ୟକୁ ଆମେ ସମର୍ଥନ କରୁଛୁ। କିନ୍ତୁ ଏହାର ଦୁରୁପଯୋଗ ହେବାର ଆଶଙ୍କା ରହିଛି। ଯଦି ଜଣେ ଭୋଟରଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଏପରି କରାଯାଉଛି ତେବେ ଆଧାର ନମ୍ବର ପର୍ଯ୍ୟାପ୍ତ। କିନ୍ତୁ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କ'ଣ ପାଇଁ କରାଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ। ଏହି ସଂଶୋଧନ ପରେ କେତେଜଣ ଲୋକ ଭୋଟର ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ସେହିପରି ପିଡିଏସ୍ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦେୟ ପାଇଁ ଆଧାରର ବ୍ୟବହାର ହେଉଥିବାରୁ ଅନେକ ହିତାଧିକାରୀ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ସେ କହିଥିଲେ। ଏହାବାଦ୍ ଏହି ପ୍ରସ୍ତାବିତ ସଂଯୋଗୀକରଣ ପରେ ନିର୍ବାଚନ କମିଶନ ସବୁ ତଥ୍ୟ ପାଇପାରିବେ, ଯାହାକୁ ନିର୍ଦ୍ଦିଷ୍ଟ ରାଜନୈତିକ ବିଜ୍ଞାପନ ପାଇଁ ବ୍ୟବହାର କରାଯାଇପାରେ। ଡାଟା ସୁରକ୍ଷାର ଅଭାବ ହେତୁ ଏହି ତଥ୍ୟ କୌଣସି ରାଜନୈତିକ ଦଳର ହାତକୁ ଗଲେ ତାହା ସବୁ ଦଳ ପାଇଁ ଉପଲବ୍ଧ କରାଯିବା ଉଚିତ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
| --- | --- | --- | --- |
| ବିଶ୍ୱ | ୨୭,୫୯,୮୫,୦୫୬ | ୫୩,୮୦,୩୬୨ | ୨୪,୭୭,୨୩,୯୩୮ |
| ଭାରତ | ୩,୪୭,୫୨,୧୬୪ | ୪,୭୮,୦୦୭ | ୩,୪୧,୯୫,୦୬୦ |
| ଓଡ଼ିଶା | ୧୦,୫୩,୧୬୬ | ୮୪୪୬(+୫୩) | ୧୦,୪୩,୦୪୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା


ଫାଟକ ଆଗରେ ଗାଁ ଲୋକେ ପହରା ଦେଉଛନ୍ତି।

**କୁଜଙ୍ଗ, ୨୧।୧୨ (ଡି.ଏନ୍.ଏ.)**

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରି ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ଏବେବି ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ସୋମବାର ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ପଡ଼ାଗ୍ରାମ ମାହାଳର ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ପ୍ରକଳ୍ପ ବିରୋଧୀ ଓ ପୋଲିସ ପରସ୍ପରକୁ ଢ଼େଲାପଥର ମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଶିଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ଢିଙ୍କିଆ, ପାଟଣା, ଗୋବିନ୍ଦପୁର, ତ୍ରିଲୋଚନପୁର, ମାହାଳ ଆଦି ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା (ନଂ.୧୩୮/୨୧) ରୁଜୁ କରିଛି। ଢିଙ୍କିଆ ଚାରିଦେଶରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଦୃଢହସ୍ତରେ ଦମନ କରାଯିବ ବୋଲି ଅଭୟଚାନ୍ଦପୁର ଥାନା ଆଇଆଇସି ଜୀବନାନନ୍ଦ ଜେନା ଚେତାବନୀ ଦେଇଛନ୍ତି।

## ଗ୍ରାମବାସୀ- ପୋଲିସ ଛକାପଞ୍ଝା ଜାରି

ଅପରପକ୍ଷେ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ବିରୋଧୀମାନେ ବୈଠକ କରି ପୋଲିସ ଓ ପ୍ରଶାସନକୁ ଗ୍ରାମରେ ପୂରାଇ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଗାଁ ମୁଣ୍ଡରେ କରିଥିବା ଫାଟକ ନିକଟରେ ସେମାନେ ପ୍ରହରା କଡ଼ାକଡ଼ି କରିଛନ୍ତି। ଏହି ଘଟଣାରେ ଏରସମା ବାଲିକୁଦାର ଭାଜପା ନେତା ଶିବବ୍ରତ ଦାସ ଢିଙ୍କିଆରେ ପହଞ୍ଚି ପ୍ରଶାସନ ସହ ଆଲୋଚନା କରି ଶାନ୍ତି ପରିବେଶ ଫେରାଇ ଆଣିବାକୁ ବିରୋଧୀମାନଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ପୋଲିସ ଚତୁଃପାର୍ଶ୍ୱରୁ ହଟିବା ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା ପରେ ଶାନ୍ତି ଆଲୋଚନା କରାଯିବ ବୋଲି ସେମାନେ କହିଛନ୍ତି। ଏଭଳି ସ୍ଥିତିରେ ମାହାଳ ପଟୁ ଷଣ୍ଢକୁଦକୁ ସଂଯୋଗ କରୁଥିବା ସର୍ଚ୍ଚ ପ୍ରୋଟେକ୍ସନ୍ ୱାଲ ନିର୍ମାଣ ନିମନ୍ତେ ପ୍ରଶାସନ ଓ ଜେଏସ୍‌ଡବ୍ଲ୍ୟୁ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଛି। ମାତ୍ର ଏନେଇ କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ।

# ଇଡ୍‌କୋରେ ୨୫ ଡେପୁଟି ମ୍ୟାନେଜରଙ୍କୁ ମିଳିଲା ନିଯୁକ୍ତି

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ଇଡ୍‌କୋ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ୨୫ ଜଣଙ୍କୁ ଡେପୁଟି ମ୍ୟାନେଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ନୂତନ ଅଧିକାରୀମାନଙ୍କୁ ସମ୍ବୋଧନ କରି ଓଡ଼ିଶାର ଚିତ୍ର ବଦଳାଇବାରେ ରାଜ୍ୟ ଔଦ୍ୟୋଗିକ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ପ୍ରମୁଖ ଭୂମିକା ନେଇଛି ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ଓଡ଼ିଶାକୁ ଟ୍ରିଲିୟନ ଅର୍ଥନୀତିର ଅଂଶବିଶେଷ ଭାବେ ପରିଗଣିତ କରିବାରେ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନାକୁ ବାସ୍ତବରେ ରୂପ ଦେବା ପାଇଁ ଏହି ଯୁବ ଅଧିକାରୀଙ୍କୁ ପ୍ରଥମରୁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ନିକଟରେ ଇଡ୍‌କୋ ଦ୍ୱାରା କୃଷି ଭବନ, ୱାର୍ଲଡ ସ୍କିଲ୍ ସେଣ୍ଟର, ଓ-ହବ୍ ଭଳି ଅତ୍ୟାଧୁନିକ ଅଟ୍ଟାଳିକା ନିର୍ମାଣ ରାଜ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ସେ କହିଛନ୍ତି। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଲୋକଙ୍କ ସହ କାମ କରିବା ବେଳେ ସମ୍ମାନ ପ୍ରଦର୍ଶନ ଉପରେ ଧ୍ୟାନଦେବାକୁ ହେବ। ଇଡ୍‌କୋ ଅଧ୍ୟକ୍ଷ କ୍ରିଷ୍ଣନ୍ କୁମାର କହିଛନ୍ତି, ଯୁବ ଅଧିକାରୀଙ୍କୁ ନିଜର ଦକ୍ଷତା ଓ ବୁଦ୍ଧିମତ୍ତା ଯୋଗୁ ଦେଶ ସେବା ନିମନ୍ତେ ସୁଯୋଗ ପାଇଥିବା ଅଳ୍ପ ଲୋକଙ୍କ ମଧ୍ୟରେ ତୁମେ ରହିଛ ବୋଲି କହିଛନ୍ତି।




## ଘଟଗାଁ ତାରିଣୀ ମନ୍ଦିର ୫ ଦିନ ରହିବ ବନ୍ଦ

**କେନ୍ଦୁଝର/ଘଟଗାଁ, ୨୧।୧୨ (ସ୍ୱ.ପ୍ର./ଡି.ଏନ.ଏ.):** ଘଟଗାଁ ସ୍ଥିତ ମା' ତାରିଣୀ ପୀଠ ବଡ଼ଦିନ ଓ ନୂଆ ବର୍ଷ ସହ ୫ ଦିନ ବନ୍ଦ ରହିବ। ଆସନ୍ତା ୨୫, ୨୬ ଓ ୩୧ ତାରିଖ ଏବଂ ଜାନୁୟାରୀ ୧ ଓ ୨ରେ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଟ୍ରଷ୍ଟ ବୋର୍ଡର ନିଷ୍ପତ୍ତି ଉପରେ ଜିଲାପାଳ ଆଶିଷ ଠାକରେ ମୋହର ମାରିଛନ୍ତି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ବୈଠକରେ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି। ବୈଠକରେ ବୋର୍ଡ ସଦସ୍ୟ ଆନନ୍ଦ ଚରଣ ସିଂ, ନିର୍ମଳ ମହାନ୍ତି, ଦୟାନିଧି ମହାନ୍ତ ତଥା ନିର୍ବାହୀ ଅଧିକାରୀ ସନ୍ଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ଅମଳ ମେଶିନ ଓଲଟି ବାପପୁଅ ମୃତ

**କେନ୍ଦୁଝର, ୨୧।୧୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଟ୍ରାକ୍ଟରରେ ଧାନ ଅମଳ ମେଶିନ ଯାଉଥିବାବେଳେ ଓଲଟି ପଡିବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ୩ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ଦୁର୍ଗା ମୁର୍ମୁ ଓ ତାଙ୍କ ପୁଅ ମହେଶ୍ୱର। ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ମେଡିକାଲ ପଠାଇଛି।

# ୧ କି.ଗ୍ରା. ବ୍ରାଉନ୍‌ସୁଗାର ଜବତ

## ଡିଲ୍ ବେଳେ ମାଡ଼ିବସିଲା ଏସ୍‌ଟିଏଫ୍, ୨ ଗିରଫ

**ଢେଙ୍କାନାଳ ଅଫିସ୍/ ଭୁବନେଶ୍ୱର(ବ୍ୟୁରୋ), ୨୧।୧୨**

ସ୍ପଷ୍ଟ ଦିବାଲୋକରେ ଗାଁ ରାସ୍ତାରେ ଚାଲିଥିଲା ଡିଲ୍। ଡ୍ରଗ୍ସ ପ୍ୟାଡେଲରମାନେ ନିଷିଦ୍ଧ ନିଶା ବ୍ରାଉନସୁଗାର ବିକ୍ରି କରିବାକୁ ପ୍ରସ୍ତୁତ କରିଥିଲେ ବ୍ଲୁପ୍ରିଣ୍ଟ। ତେବେ ଗୋଇନ୍ଦା ସୂଚନା ମିଳିବା ପରେ କାରବାର ପୂର୍ବରୁ ମାଡ଼ିବସିଲା ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଏବଂ ଜବତ ହେଲା ୧ କେଜି ୯୦ ଗ୍ରାମ ଧଳାଜହର, ଯାହାର ଆନୁମାନିକ ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ହେବ। ଏହି ଘଟଣାରେ ଢେଙ୍କାନାଳ ଜିଲା ବଳରାମପ୍ରସାଦ ଥାନା ଅଧୀନ ଗୋଡ଼ିଡିହି ଗ୍ରାମର ରାକେଶ କୁମାର ସାହୁ ଓରଫ କାଲୁ ଓରଫ ରାକା ଏବଂ ସଦର ଥାନା ଗଦାଶିଳା ଗ୍ରାମର ସନ୍ତୋଷ କୁମାର ସାହୁ ଓରଫ୍ ସନ୍ତ ଗିରଫ ହୋଇଛନ୍ତି। ଜିଲାରେ ପୂର୍ବରୁ ବ୍ରାଉନ୍‌ସୁଗାର ଧରପଗଡ଼ ହୋଇଥିଲେ ମଧ୍ୟ ଏତେ ପରିମାଣର ନିଶା ପାଉଡର କେବେ ଜବତ ହୋଇ ନ ଥିଲା, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ସଦର ବ୍ଲକ ଭାପୁର ଫାଣ୍ଡି ଅନ୍ତର୍ଗତ ଘଟିପିରି ରାସ୍ତାରେ ରାକେଶ ଏବଂ ସନ୍ତୋଷ ବ୍ରାଉନ୍‌ସୁଗାର ଡିଲ୍ ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ଗୋଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଦଳ ଅତର୍କିତ ଚଢ଼ାଉ କରିଥିଲା। ସେମାନଙ୍କ ନିକଟରୁ ୧ କେଜି ୯୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇ କୋର୍ଟଚାଲାଣ କରାଯାଇଛି। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ନଂ. ୩୭/୨୧, ଦଫା ୨୧(ସି)/୨୯ ଏନ୍‌ଡିପିଏସ୍ ଆକ୍ଟ-୧୯୮୫ରେ ମାମଲା ରୁଜୁ ହୋଇଛି। ଜିଲାରେ ବ୍ରାଉନ୍‌ସୁଗାର ବ୍ୟବସାୟର ଚେର ଗଭୀରକୁ ଲମ୍ବିଛି। ଡ୍ରଗ୍ସ ବ୍ୟବସାୟୀମାନେ କଲେଜ ପଢୁଆ ଯୁବବର୍ଗଙ୍କୁ ଟାର୍ଗେଟ କରୁଛନ୍ତି। ଏକକାଳୀନ ଏତେ ପରିମାଣର ଧଳାଜହର ଜବତ ହେବାପରେ ଏଭଳି ନିଶା କାରବାରରେ ବିଧିବଦ୍ଧ ଭାବେ ଏକ ର୍‍ୟାକେଟ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚୁରା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ବଢୁଥିବା ନିଷିଦ୍ଧ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଲାଗି ୨୦୨୦ରୁ ଏସ୍‌ଟିଏଫ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଦ୍ୟାବଧି ୪୪ କେଜି ବ୍ରାଉନ୍ ସୁଗାର, ହେରୋଇନ୍ ଏବଂ ୮୬ କୁଇଣ୍ଟାଲ ୮୧ କେଜି ଗଞ୍ଜେଇ ଜବତ ହୋଇସାରିଥିବା ସୂଚନା ଦିଆଯାଇଛି।


ଗିରଫ ଦୁଇ ଅଭିଯୁକ୍ତ।

# ପରିଶ୍ରମ ପୋର୍ଟାଲରେ ସ୍ୱୟଂଚାଳିତ ହେବ ୫୨ ସେବା

## ୩୦ ସେବାକୁ ଅନୁମୋଦନ ଲାଗି ହେଲା ବ୍ୟବସ୍ଥା

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ପରିଶ୍ରମ ପୋର୍ଟାଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ୧୭ ତାରିଖରେ ଲୋକାର୍ପଣ କରାଯାଇଛି। ବିଭିନ୍ନ ଶ୍ରମ ଆଇନ ଅନ୍ତର୍ଗତ ସମୁଦାୟ ୫୨ ସେବାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ଜନସାଧାରଣଙ୍କୁ ସହଜ ଓ ସରଳ ଉପାୟରେ ଯୋଗାଇବା ଉଦ୍ଦେଶରେ ପରିଶ୍ରମ ପୋର୍ଟାଲର ପରିକଳ୍ପନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ପୋର୍ଟଲ ଅଧିନରେ ୨୨ ସେବା ଆନ୍‌ଲାଇନ୍ ମାଧ୍ୟମରେ ଉପଲବ୍ଧ କରାଯାଇଛି। ଏହା ସଫଳ ଭାବେ କାର୍ଯ୍ୟକ୍ଷମ ହେଉଛି। ୨ୟ ପର୍ଯ୍ୟାୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦ୍ୱାରା ମଙ୍ଗଳବାର ବାକି ୩୦ ସେବାରର ଲୋକାର୍ପଣ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ୫ଟି ବିଭିନ୍ନ ଶ୍ରମ ଆଇନ ଅନ୍ତର୍ଗତ ୨୨ ସେବା ଯୋଗାଇ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୬ ଶ୍ରମ ଆଇନ ଏବଂ ୨ ନୂତନ ଯୋଜନା ଅଧୀନରେ ୩୦ ସେବାର ଅନ୍‌ଲାଇନ୍ ଆବେଦନ ଅନୁମୋଦନ ଲାଗି ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବିଭିନ୍ନ ବୃହତ, ମଧ୍ୟମ, ଏବଂ କ୍ଷୁଦ୍ର ଶିଳ୍ପ, ମୋଟର ପରିବହନ, ବିଡି ତିଆରି ଶିଳ୍ପ ଇତ୍ୟାଦି ଅଂଶୀଦାରମାନେ ଖୁବ୍ ସହଜରେ ଆବଶ୍ୟକ ସେବାଗୁଡିକ ଉପଲବ୍ଧ କରିପାରିବେ। ଏହାସହ ଶିଳ୍ପ ସଂସ୍ଥାଗୁଡିକରେ ଛୁଟି ତାଲିକା ଅନୁମୋଦନ, ସ୍ଥାୟୀ ଆଦେଶ ପ୍ରମାଣପତ୍ର ଅନୁମୋଦନ ଇତ୍ୟାଦି ସେବାଗୁଡିକୁ ପରିଶ୍ରମ ପୋର୍ଟାଲ ଅଧୀନରେ ସରଳୀକୃତ ଇ-ପ୍ରଣାଳୀ ଦ୍ୱାରା ତ୍ୱରାନ୍ୱିତ ଭାବେ ଏବଂ ସ୍ୱଚ୍ଛତାର ସହିତ ଯୋଗାଇଦେବା ହେତୁ ରାଜ୍ୟରେ ବ୍ୟବସାୟ ସ୍ୱଚ୍ଛନ୍ଦୀକରଣକୁ ପ୍ରୋତ୍ସାହିତ କରିବ। ଏବେସୁଦ୍ଧା ବିଭିନ୍ନ ଶିଳ୍ପଦ୍ୟୋଗୀ, ବାଣିଜ୍ୟ ବ୍ୟବସାୟ ପ୍ରତିଷ୍ଠାନ ଓ ଠିକାଦାର ଇତ୍ୟାଦି ଏହି ପୋର୍ଟାଲରେ ୧୧୮୫୪ ଦରଖାସ୍ତ ଦାଖଲ କରିଛନ୍ତି। ସେଥିରୁ ୧୦୫୭୯ ଦରଖାସ୍ତରେ ଆବଶ୍ୟକ ସେବା ମଞ୍ଜୁର କରାଯାଇଛି। ତୃତୀୟ ପକ୍ଷ ଚାହିଁଲେ ଯେକୌଣସି ଅନୁମୋଦନ ପ୍ରମାଣପତ୍ର ଏହି ପୋର୍ଟାଲରେ ଦେଖିପାରିବେ। ଏହି ପୋର୍ଟାଲରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କାରଖାନା, ୫୦ ହଜାରରୁ ଅଧିକ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ଏବଂ ଲକ୍ଷେରୁ ଅଧିକ ଅଂଶୀଦାର ଲାଭ ପାଇପାରିବେ।



## ସଂକ୍ଷେପରେ

### ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ବନ୍ତଳା,୨୧।୧୨(ଡି.ଏନ.ଏ.): ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ପାଣ୍ଠି ବିନିଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅନୀତା ପ୍ରଧାନ, ସମିତି ସଭ୍ୟା ନଳିନୀପ୍ରଭା ଦେହୁରୀ, ନାଏବ ସରପଞ୍ଚ ଅବନୀ ସାହୁ, ସମ୍ପ୍ରସାରଣ ଅଧିକାରୀ ମାନସ କୁମାର ଭଞ୍ଜଦେଓ, କନିଷ୍ଠ ଯନ୍ତ୍ରୀ ରାଜେଶ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗାଚରଣ ସାହୁ, ସଚ୍ଚିଦାନନ୍ଦ ଦାସ ଯୋଗ ଦେଇଥିଲେ।

### ଆନ୍ଦୋଳନ କରିବ ବିଏମ୍‌ଏସ୍

କଣିହାଁ,୨୧।୧୨(ଡି.ଏନ.ଏ.): କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ ସଙ୍ଗଠନ ବିଦ୍ୟୁତ୍ କର୍ମଚାରୀ ସଂଘ ସହବନ୍ଧିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ୟୁନିୟନ ପକ୍ଷରୁ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରକଳ୍ପ କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କୁ ଗତ ୧୭ ତାରିଖରେ ପ୍ରଦାନ କରାଯାଇଛି। ଏହା ପୂରଣ ନ ହେଲେ ୟୁନିୟନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ୨୭ ତାରିଖରୁ ୩୧ ପର୍ଯ୍ୟନ୍ତ ଡିମାଣ୍ଡ ବ୍ୟାଜ ପରିଧାନ କରିବା, ୩ ଜାନୁୟାରୀରେ କ୍ୟାଣ୍ଡେଲ ଶୋଭାଯାତ୍ରା, ୫ରୁ ୭ ତାରିଖ ଯାଏ ପ୍ଲାଣ୍ଟ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ୧୧ରୁ ୧୫ ତାରିଖ ଯାଏ ହଙ୍ଗର ଷ୍ଟ୍ରାଇକ ଏବଂ ୧୭ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ବିଏମ୍‌ଏସ୍ ପକ୍ଷରୁ ସ୍ଥିର କରାଯାଇଥିବା ସଭାପତି ବୀରେନ୍ଦ୍ର କାନୁନଗୋ ଓ ସମ୍ପାଦକ ଶୁଭେନ୍ଦୁ ସାହୁ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା



ବଉଣ୍ଡା,୨୧।୧୨(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟମ୍ବଦା ସାହୁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଇମୁରା ପ୍ରାଥମିକ ବିଦ୍ୟାଳୟ ଠାରେ ସର୍କଲସ୍ତରୀୟ ଅବସର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ରଜତ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଦୟାନିଧି ନାୟକ, ଅନ୍ୟତମ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ମିଳିତ ସଂଘ ସଭାପତି ପ୍ରମୋଦ କୁମାର ନାୟକ, ପଦ୍ମନାଭ ରାଉତ, ସୁଧାଂଶୁ ଭୂଷଣ ନାୟକ, ପ୍ରଦୀପ କୁମାର ନାୟକ, ବିରଞ୍ଚି ନାୟକ, ଦୁର୍ଲଭ କୁମାର ସାହୁ, ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରିୟମ୍ବଦାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ୨ ସେବକଙ୍କ ପରଲୋକ

ଛେଣ୍ଡିପଦା, ୨୧।୧୨(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରର ଦୁଇ ପ୍ରମୁଖ ସେବକ ସୁର ବିଶୋଇ ଓ ବାଲୁଙ୍କେଶ୍ୱର ବେହେରାଙ୍କ ପରଲୋକକୁ ନେଇ ମଙ୍ଗଳବାର ଜଗନ୍ନାଥ ମନ୍ଦିର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ମନ୍ଦିର କମିଟି ସଭାପତି ଲମ୍ବୋଦର ପ୍ରଧାନଙ୍କ ସଭାପତିତ୍ୱରେ ୨ ସେବକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

# ସହର ସୁରକ୍ଷାକୁ ଗୁରୁତ୍ୱ ନାହିଁ

- ଭିନ୍ନ କାର୍ଯ୍ୟରେ ସ୍ପେଶାଲ ସ୍କ୍ୱାଡ୍
- ବଢ଼ୁଛି ଲୁଟ୍, ଛିନ୍‌ତାଇ ମାମଲା
- ଦୁର୍ବୃତ୍ତଙ୍କ ପତ୍ତା ପାଉନି ପୋଲିସ



ଅନୁଗୋଳ ଅଫିସ, ୨୧।୧୨

ବଜାର ମଧ୍ୟରେ ହେଉ କିମ୍ବା କଲୋନୀ, ଲୁଟ୍, ଛିନତାଇ କରି ସହଜରେ ଖସିଯାଉଛନ୍ତି ଦୁର୍ବୃତ୍ତ। ସର୍ବସମ୍ମୁଖରେ ଅପରାଧ ଘଟୁଥିଲେ ମଧ୍ୟ ରୋକିବାକୁ କେହି ନାହାଁନ୍ତି। ପୋଲିସ ପାଟ୍ରୋଲିଂ, ଗୋଇନ୍ଦା ଓ ସ୍ପେଶାଲ ସ୍କ୍ୱାଡ୍ ଯେମିତି ଫେଲ ମାରିଛି ଅନୁଗୋଳ ସହରରେ। ଥାନାରେ ଗୋଟିଏ ପରେ ଗୋଟିଏ ମାମଲା ରୁଜୁ ହେଉଛି ସିନା ହେଲେ ଦୁର୍ବୃତ୍ତମାନଙ୍କ ପତ୍ତା ପାଇପାରୁନି ପୋଲିସ। ଲୁଟ୍ ସାମଗ୍ରୀ ଉଦ୍ଧାର ହେଉନାହିଁ କି ଗିରଫଦାରି ଦେଖାଯାଉ ନାହିଁ। ସହର ସୁରକ୍ଷାକୁ ପୋଲିସ ପୂର୍ବପରି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଥିବା ଚର୍ଚ୍ଚା ଜୋର୍‌ଧରିବାରେ ଲାଗିଛି।

ଅନୁଗୋଳ ଥାନା, ଅନୁଗୋଳ ସଦର, ବଅଁରପାଳ, କୋଲିୟରୀ ଓ ତାଳଚେର ଥାନା ଅଞ୍ଚଳରେ ଅପରାଧ ରୋକିବାକୁ ଏସ୍‌ପିଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଏସବୁ ଥାନାର ଜଣେ ଲେଖାଏ ଏସ୍‌ଆଇଙ୍କୁ ନେଇ ଅତୀତରେ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍‌ରେ ଥିବା ଅଫିସରମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଚୋରି, ଲୁଟ୍, ଡକାୟତି ଓ ଛିନତାଇ କରୁଥିବା ଦୁର୍ବୃତ୍ତଙ୍କୁ ଧରିବା ଓ ସେମାନଙ୍କ ଟ୍ରାକ୍ ରେକର୍ଡ ରଖିବା ପରି ଗୁରୁ ଦାୟିତ୍ୱ ସ୍ପେଶାଲ ସ୍କ୍ୱାଡ୍‌କୁ ଅର୍ପଣ କରାଯାଇଥିଲା। ନିଜ ଥାନା ଅଞ୍ଚଳର ଦୁର୍ବୃତ୍ତମାନଙ୍କ ତାଲିକା ନିଜ ପାଖରେ ରଖିବା ପରି ଅନେକ ଦାୟିତ୍ୱ ସ୍ପେଶାଲ ସ୍କ୍ୱାଡ୍‌କୁ ଦିଆଯାଇଥିଲା। ହେଲେ ମାସ କେଇଟା ନ ଯାଉଣୁ ସ୍ପେଶାଲ ସ୍କ୍ୱାଡ୍ ଚିତ୍ର ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। କେବଳ ଡିସିଓ ଡ୍ୟୁଟିକୁ ଛାଡ଼ିଦେଲେ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀଙ୍କୁ ହେଲମେଟ୍ ଯାଞ୍ଚ କାର୍ଯ୍ୟ ସହ ଆଇନଶୃଙ୍ଖଳା ପରିସ୍ଥିତିରେ ନିୟୋଜିତ କରାଯାଉଛି। ଫଳରେ ମୂଳ ଦାୟିତ୍ୱଠାରୁ ସେମାନେ ଯେ ଦୂରେଇ ଗଲେଣି ଏହା ଉପରେ ଧ୍ୟାନ ଦିଆଯାଉ ନାହିଁ। ଏହି କାରଣରୁ ଅନୁଗୋଳ ସହରରେ ପୁଣି ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଗତ ଶନିବାର ଅନୁଗୋଳରୁ ପିଟିସି ଛକ ଅଭିମୁଖେ ଯାଉଥିବା ଜଣେ ମହିଳାଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନିଆଯାଇଛି। ସେଥିରେ ୫୦ ହଜାର ଟଙ୍କା ଥିବା ଅଭିଯୋଗ ହୋଇଛି। ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିପାରି ନାହିଁ। ଏହାପୂର୍ବରୁ ବିଇଡି କଲେଜ ଛକଠାରେ ଜଣେ ମହିଳାଙ୍କ ବ୍ୟାଗ୍ ଝାମ୍ପି ନିଆଯାଇଥିଲା। ଗୁଜୁରାଟିପଡ଼ାର ଜଣେ ମହିଳାଙ୍କ ବେକରୁ ଚେନ୍ ଛିନ୍‌ତାଇ ହୋଇଥିଲା। ଘଟଣା ସମ୍ପର୍କରେ ଜିଲା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଭିନ୍ନ ଥାନାରେ କର୍ମଚାରୀ ସଂଖ୍ୟା କମ୍ ରହୁଥିବାରୁ ସ୍ପେଶାଲ ସ୍କ୍ୱାଡ୍‌କୁ ବିଭିନ୍ନ କାର୍ଯ୍ୟରେ ଲଗାଯାଉଛି। ଏ ନେଇ ଏସ୍‌ପି ଜଗମୋହନ ମୀନାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

**ପୋଲିସ ପ୍ରଶାସନର ବିଫଳତା**



"ପୋଲିସ ପ୍ରଶାସନର ବିଫଳତା ପଦାରେ ପଡ଼ିଛି। ସହରର ଚାରିଆଡେ ନିଶାଡିମାନେ ଆଡ୍ଡା ଜମାଉଛନ୍ତି। ଚୋରି ଓ ଛିନ୍‌ତାଇ କରୁଛନ୍ତି। ଯାଯାବରମାନଙ୍କ ଗତିବିଧି ଉପରେ ନଜର ରଖାଯାଉ ନାହିଁ। ଫଳରେ ଆଇନଶୃଙ୍ଖଳା ବିଗିଡ଼ିଯାଉଛି।

-ହିମାଂଶୁ ଭୂଷଣ ସାମଲ, ଆଇନଜୀବୀ

**ସୁରକ୍ଷିତ ନୁହନ୍ତି ବରିଷ୍ଠ ନାଗରିକ**



"ସହରର ବରିଷ୍ଠ ନାଗରିକ, ମହିଳାମାନଙ୍କୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଛନ୍ତି। ସୁଯୋଗ ମିଳିବା ମାତ୍ରେ ସେମାନଙ୍କଠାରୁ ଟଙ୍କା ଥିବା ବ୍ୟାଗ, ଗହଣା ଝାମ୍ପି ଚମ୍ପଟ ମାରୁଛନ୍ତି। କିଛିଦିନ ମଧ୍ୟରେ ଏପରି ଘଟଣା ସହରରେ ବଢ଼ିଯାଇଛି।

-ସୁକାନ୍ତି ଦାସ, ପୂର୍ବତନ ନଗରପାଳ

**ସ୍ପେଶାଲ ସ୍କ୍ୱାଡ୍ ମୂଳକାର୍ଯ୍ୟ କରୁନାହିଁ**



"ବଛା ବଛା ଥାନା ଅଧିକାରୀଙ୍କୁ ନେଇ ସ୍ପଶାଲ ସ୍କ୍ୱାଡ୍ ଗଠନ କରାଯାଇଥିଲା। କିନ୍ତୁ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ଅଫିସରଙ୍କୁ ଅନ୍ୟ କାର୍ଯ୍ୟରେ ଲଗାଯାଉଛି। ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

-ଜ୍ୟୋତି ରଞ୍ଜନ ନନ୍ଦ, ସଚେତନ ନାଗରିକ

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

ବଉଣ୍ଡା,୨୧।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଓ କୃତ୍ତିବାସପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ହୋଇଥିବା ଉନ୍ନୟନ କାର୍ଯ୍ୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଠାକୁରଗଡ଼ଠାରେ ନିର୍ମାଣ ହୋଇଥିବା ପାର୍କ ଓ ପରେ କଲେଜ ବିଶ୍ରାମାଗାର, କୃତ୍ତିବାସପୁର କଲ୍ୟାଣମଣ୍ଡପର ଲୋକର୍ପଣ କରିଥିଲେ। ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକଙ୍କ ପାଣ୍ଠିରୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସର ଲୋକାର୍ପଣ କରିଥିଲେ। ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସରପଞ୍ଚ ନନ୍ଦିନୀ ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପ୍ରତିଷ୍ଠା ଦିବସ ସଫଳ କରିବାକୁ ଆହ୍ୱାନ

ବନ୍ତଳା,୨୧।୧୨(ଡି.ଏନ.ଏ.)

ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତଳା ଡାକବଙ୍ଗଳା ଓ ବଅଁରପାଳ ବ୍ଲକ ଅରାହତଠାରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳ ଜନ୍ମ ଦିବସ ପାଳନ କରିବାକୁ ଯାଉଥିବାରୁ ଏହା ଉପରେ ଆଲୋଚନା ହୋଇଥିଲା। ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ ଓ ବିଜୟ କୁମାର ନାଥଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯୁବ ସଙ୍ଗଠକ ଅରୁନାଭ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ଆରତୀ ଭୋଇ, ଜିଲା ପରିଷଦ ସଭ୍ୟ ମଞ୍ଜୁଲତା ସାହୁ, ହାଡ଼ିବନ୍ଧୁ ଦେହୁରୀ, ରୁବି ସାହୁ, ଭାଗୀରଥି ମାଝୀ, ନିର୍ମଳ ଗଡ଼ନାଏକ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ବିଜେଡି ନେତୃବୃନ୍ଦଙ୍କ ସହ କର୍ମୀମାନେ।

# ବସୁନ୍ଧରା ଯୋଜନାରେ ଜାଗା ମିଳୁ

ତାଳଚେର,୨୧।୧୨(ନି.ପ୍ର.)

ସରକାରଙ୍କ ବସୁନ୍ଧରା ଯୋଜନାରେ ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତର ଭୂମିହୀନ ପଛୁଆ ବର୍ଗ ପରିବାରଙ୍କୁ ଜାଗା ଯୋଗାଇ ଦେବାକୁ ତାଳଚେର ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି, ୪୦ ବର୍ଷ ତଳେ ପଞ୍ଚାୟତ ଦେଇ ତାଳଚେର ସାର କାରଖାନାର ପାଇପ୍‌ଲାଇନ ଯାଇଥିଲା। ତାହା ଉପରେ ପଞ୍ଚାୟତର ଅନେକ ଭୂମିହୀନ ଦିନ ମଜୁରିଆ ଘର ନିର୍ମାଣ କରି ରହିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହେଉଛନ୍ତି। କିନ୍ତୁ ଏଫ୍‌ସିଆଇ ପାଇପ୍ ଲାଇନର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସମ୍ପୃକ୍ତ ଗରିବ ପରିବାରଗୁଡ଼ିକୁ ବାସଚ୍ୟୁତ କରାଯିବାକୁ ଚିଠି ହୋଇଛି। ଏମାନେ ସରକାରଙ୍କ ବସୁନ୍ଧରା ଯୋଜନାରୁ ବଞ୍ଚିତ ହୋଇଥିବା ସମିତି ସଭ୍ୟ ସରୋଜିନୀ ବେହେରା ଗତ ନଭେମ୍ବର ୧୫ରେ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିବାରୁ ତୁରନ୍ତ ଉକ୍ତ ଯୋଜନାରେ ଜାଗା ଓ ଏଫ୍‌ସିଆଇଏଲ୍‌ର ନୂତନ ଏମ୍‌ଓୟୁ ଅନୁଯାୟୀ ବିସ୍ଥାପିତଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଗରିବ ପରିବାରକୁ ନ୍ୟାୟ ନ ମିଳିଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ଭୁପେନ ଥମ୍ବ ଚେତାବନୀ ଦେଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଭୂମିହୀନ ପରିବାର।

## ଓକିଲ ସଂଘ ପକ୍ଷରୁ ଦାବିପତ୍ର

ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.)

ଛେଣ୍ଡିପଦା-ଦେବଗଡ଼ ୬୩ନଂ ରାଜ୍ୟ ରାଜପଥରେ ଦ୍ରୁତ ଗତିରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୬୩ନଂ ରାଜ୍ୟ ରାଜପଥରେ ଭାରୀଯାନଗୁଡିକ ଦ୍ରୁତଗତିରେ ଯାତାୟାତ କରିବା ଦ୍ୱାରା ମାତ୍ରାଧିକ ଧୂଳି ଉଡିବା ସହ ରାସ୍ତାରେ ଭିଡ ଦେଖାଦେଉଛି। ଦିନ ବେଳା ବାଲି ବୋଝେଇ ଭାରିଯାନଗୁଡିକ ଓଭରଲୋଡ୍ ଯୋଗୁ ଅଧିକାଂଶ ସମୟରେ ଅଚଳ ହୋଇ ରାସ୍ତା ମଝିରେ ଅଟକି ରହୁଛି। ବେଳେବେଳେ ଦୁର୍ଘଟଣା ଘଟାଇ ଧନଜୀବନ ନଷ୍ଟ କରୁଛି। ଭାରିଯାନଗୁଡିକ ଶୁଳ୍କ ଫାଙ୍କିବା ନିମନ୍ତେ ଖମାର-ପାଲଲହଡା ରାସ୍ତାରେ ନ ଯାଇ ଛେଣ୍ଡିପଦା-ଦେବଗଡ ରାଜ୍ୟ ରାଜପଥ ଦେଇ ଚଳାଚଳ କରୁଛି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଆଇନଜୀବୀ ସଂଘର ନଗେନ କୁମାର ନନ୍ଦ, ଗୋପବନ୍ଧୁ ସାହୁ, ନକୁଳ ମାଝି, ରାଜକିଶୋର ବହେରା, ପ୍ରଦୀପ କୁମାର ଗଡନାୟକ ଓ ଅଶୋକ କୁମାର ଦ୍ୱିବେଦୀ ପ୍ରମୁଖ ଦାବି କରିଛନ୍ତି।

# ପ୍ରୋଜେକ୍ଟ ଅଫିସ ସମ୍ମୁଖରେ ଧାରଣା

କଣିହାଁ,୨୧।୧୨(ଡି.ଏନ.ଏ.)



ଶ୍ରମିକ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ଏମ୍‌ସିଏଲ୍‌ର କଣିହାଁସ୍ଥିତ କୋଇଲା ଖଣିରେ କାର୍ଯ୍ୟ କରୁଥିବା ଆଇଏନ୍‌ଟିୟୁସି ଶ୍ରମିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ପ୍ରୋଜେକ୍ଟ ଅଫିସ ସମ୍ମୁଖରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ସୁରକ୍ଷା ସରଞ୍ଜାମ ଯୋଗାଇବା, ପରିଚୟପତ୍ର ପ୍ରଦାନ, ସର୍ବନିମ୍ନ ମଜୁରି, ବୋନସ ଆଦି ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ସୂଚନାଯୋଗ୍ୟ, ଗତ ନଭେମ୍ବର ୬ ତାରିଖରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଶ୍ରମିକ ସଙ୍ଗଠନ ମଧ୍ୟରେ ଏକ ବୈଠକ ହୋଇଥିଲା। ସଙ୍ଗଠନ ପକ୍ଷରୁ କରାଯାଇଥିବା ଦାବି ସମାଧାନ କରାଯିବ ବୋଲି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହାକୁ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଏହି ଧାରଣା ଦିଆଯାଇଥିଲା ବୋଲି ସାଧାରଣ ସମ୍ପାଦକ ରଞ୍ଜିତ ସାମଲ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଗଲେ ଖଣିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନିର୍ଦ୍ଦେଶ ଉଲ୍ଲଂଘନ କରି ବଦଳି

ଅନୁଗୋଳ ଅଫିସ, ୨୧।୧୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। କେତେବେଳେ ବଦଳି ନିର୍ଦ୍ଦେଶର ପାଳନ ହେଉ ନାହିଁ ତ ପୁଣି କେବେ ବଦଳି ନ କରିବାକୁ ଚିଠି ଆସିଥିବା ସତ୍ତ୍ୱେ ତାହାକୁ ଅମାନ୍ୟ କରି ବଦଳି କରାଯାଉଛି। ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଜାନୁୟାରୀ ୨୫ ତାରିଖରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ନିକଟକୁ ଚିଠି (ନଂ ୨୧୮୫) ଆସିଥିଲା। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନ୍‌ଏଚ୍‌ଏମ୍ ଏବଂ ଅନ୍ୟ ସ୍କିମ୍‌ରେ ଚାକିରି କରିଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ପାରାମେଡିକାଲ ଷ୍ଟାଫ ଭାବେ ଥଇଥାନ କରାଯିବ ବୋଲି କୁହାଯାଇଥିଲା। ଏପରି କି ସେମାନଙ୍କୁ ବଦଳି କରିବାକୁ ସରକାରଙ୍କ ପକ୍ଷରୁ ଚିଠିରେ ବାରଣ କରାଯାଇଥିଲା। ତଦନୁଯାୟୀ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୨୮ ଜଣ କର୍ମଚାରୀଙ୍କ ଚାକିରି ସ୍ଥାୟୀ ହୋଇଗଲା। ମାତ୍ର ବଦଳି ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ୬ ମାସ ପର୍ଯ୍ୟନ୍ତ ଚିଠି ଚପାଇ ରଖିଥିବା କର୍ତ୍ତୃପକ୍ଷ ଜୁନ୍ ୪ ତାରିଖରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରୁ ଚିଠି ନଂ- ୧୦୭୫ରେ ମାତ୍ର ୪/୫ଜଣଙ୍କୁ ବାଦଦେଇ ଅନ୍ୟମାନଙ୍କ ବଦଳି କରିଦେଲେ। ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ କର୍ମଚାରୀ ଏପରି ବେଆଇନ କାର୍ଯ୍ୟ କରିଥିବା କୁହାଯାଉଥିବା ବେଳେ ସରକାରୀ ନିର୍ଦ୍ଦେଶକୁ ସିଡିଏମ୍‌ଓ କିପରି ଉଲ୍ଲଂଘନ କରି ଚିଠିରେ ଦସ୍ତଖତ କଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ସିଡିଏମ୍ ତ୍ରିଲୋଚନ ପ୍ରଧାନଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ। ଏ ସମ୍ପର୍କରେ ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ**



GOVERNMENT OF ODISHA
HEALTH & FAMILY WELFARE DEPARTMENT

File No. PT4-HFW-MSIII-MSNG3M-0004-2019- 2185 /H&F.W. Dated - 25/01/2021

From
Shri P.K. Mohapatra, IAS
Additional Chief Secretary to Government.

To
Director, Capital Hospital / RGH, Rourkela
All Dean-cum-Principals / Superintendents of Govt. Medical Colleges & Hospitals
All CDM&PHOs-cum-District Mission Directors, Odisha
ADUPHO, Bhubaneswar, Cuttack, Rourkela, Sambalpur & Berhampur

Sub: Continuation of service of trained contractual Paramedics at same post after regularization - Reg.

Madam/Sir,

With reference to the subject cited above, it has come to the notice of the undersigned that the district authorities are posting the trained contractual paramedics to different health institutions after their regularisation. This is hampering the health service delivery to a great extent.

Hence, you are directed to ensure that the contractual paramedics under NHM and other schemes continue in the same post and facility even after their regularisation, to ensure that there is no dislocation of health services.

Yours faithfully,
25/01/2021
Additional Chief Secretary to Govt.

ରାଜ୍ୟ ସରକାରଙ୍କ ପକ୍ଷରୁ ସିଡିଏମ୍‌ଓଙ୍କ ନିକଟକୁ ଆସିଥିବା ଚିଠି।

**OFFICE OF THE TAHASILDAR, KOMNA, DIST: NUAPADA**
No.4235 Date. 18.12.21

**TENDER CALL NOTICE FOR SUPPLY OF OFFICE FURNITURE**

No.F-267:- Sealed Tenders are invited from the intending Registered firms/Supplying agencies for supply of office furnitures (Chair, Table, Almirah) required by Revenue Inspectors of this Tahasil.

The Tender paper containing detail terms and conditions, EMD and other statutory requirements etc. can be downloaded from the district website www.Nuapada.nic.in. The cost of tender paper is Rs.200/- (Rupees Two hundred) only which is non-refundable. Tender paper completed in all respect alongwith all required documents should reach in sealed cover to the undersigned on or before 05.01.2022 upto 1.30 PM by registered/Speed Post only. The tender shall be opened on the same day at 3.00 PM by the undersigned in presence of the other members of Tender Committee and Tenderers or their authorized representatives. The tenders received beyond the scheduled date and time shall not be taken into consideration.

The authority reserves the right to reject any or all the tenders without assigning any reason thereof and shall bear no liability whatsoever consequent upon such decision.

OIPR-24241/11/0001/2122 Sd./- Tahasildar, Komna

**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmumay@gmail.com

Advt. No. 12541 Dt.18.12.2021

**Advertisement for the Post of BLOCK DATA MANAGER under NHM**

No. E-756: Applications are invited only from the **Contractual Employees Currently working under NHM** in the same Post of OSH & FW Society in other district, desiring to be posted in Mayurbhanj district against the vacant position mentioned below.

| Sl. No. | Name of the Positions | No. of Positions Vacant |
|---|---|---|
| 01 | Block Data Manager | 01 |

Interested candidates may log on to **www.mayurbhanj.nic.in** for details terms, conditions & application forms. The eligible candidates for the above posts may apply to the O/o. CDM & PHO, Mayurbhanj, Pin Code - 757001, by 24.12.2021 upto (05.00 P.M.) by Regd. Post/ Speed Post/Courier only.

The application must be superscribed as "APPLICATION FORM FOR THE POST OF BLOCK DATA MANAGER <IN-HOUSE CANDIDATE>". Applications received after the due date will not be considered. Number of vacancies under this advertisement is provisional which may vary depending upon the requirement at the time of selection. The undersigned reserves the right to cancel/reject any or all the applications without assigning any reason thereof.

Sd./- Dr. Rupabhanu Mishra
Chief District Medical & PHO, Mayurbhanj
OIPR-10020/11/0031/2122

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 39/2021-22 Dated: 16.12.2021**

No. CAD-2387: Sealed tenders are invited in sealed envelopes from 'C' or 'D' Class contractors registered with State Government and contractors of equivalent grade/class registered with Central Government/ MED/Railways in two parts i.e. 1) Techno Commercial Bid & 2) Price Bid for the following work.

| Description of Work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Construction of Flag Post at Power House Premises, UIHEP, Mukhiguda | 472/- (Inclusive of GST) | As per Annexure-VI & Clause No. 1.5 | From 21.12.2021 to 31.12.2021 upto 12.30 Hrs. | 31.12.2021 (upto 13.00 Hrs.) | 31.12.2021 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**

OIPR-32136/11/0038/2122 Sd./- C&P Head, UIHEP, Mukhiguda

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
No. B-841 e-mail: seec_bls@rediffmail.com

**Government of Odisha "e" Procurement Notice**
Bid Identification No. CCEEC-15/2021-22

No. 6302 Dt.07.12.2021

Nature of Work : Road Works & Building Works
Number of Works : 02 (Two) Roads & 01 (One) Building
Amount put to tender : Rs.160.57 lakh to Rs.597.61 lakh
Class of Contractor : "B" Class / "A" Class/ "Special" Class/ "Super" Class
Date & time of availabiliyt of bid document in the portal : Dt.22.12.2021 at 10.00 A.M.
Last date/time of receipt of bid in the portal : Dt.05.01.2022 upto 05.00 P.M.
Date of Opening of Bid : Dt.06.01.2022 at 11.00 A.M.
Name & address of the Officer Inviting Bid : Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal **http//tendersodisha.gov.in"**. All future corrigendum will be available on ONLINE mode only.

Sd./- R. Rout, Chief Construction Engineer
OIPR-34026/11/0016/2122 Eastern Circle (R&B), Balasore

GOVERNMENT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA**
E-mail: eemijharsuguda@gmail.com

**'e' Procurement Notice**
Bid Identification No. EE MID JSD 06/2021-22

No. 1567/MID Date: 18.12.2021

No. A-772: The Executive Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in Online mode only for the works as detailed in the table below.

1. Name of the works : Civil construction work
2. Total No. of works : 01 (One) No.
3. Estimated Cost : Rs.49.50 lakh (Detail list of work annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 23.12.2021 at 10.00 A.M. to 06.01.2022 upto 5.30 P.M.
7. Last date/time for receipt of Bid in the portal : 06.01.2022 at 5.30 P.M.
8. Date/time of Opening of Technical Bid : 07.01.2022 at 10.00 A.M. at Office of the E.E., MI Divn., Jharsuguda
9. Name & address of the Officer Inviting the Bid : Executive Engineer, M.I. Division, Jharsuguda
10. Mode of payment of Bid Cost & Bid Security : Online

Sd./- Executive Engineer, M.I. Division, Jharsuguda
OIPR-32291/11/0003/2122

## ସଂକ୍ଷେପରେ

### ମାଙ୍କଡ଼ ଗୋଡ଼ାଇବାରୁ ଶିଡ଼ିରୁ ଖସିପଡ଼ି ଗୁରୁତର



ଢେଙ୍କାନାଳ ଅଫିସ, ୨୧।୧୨: ଢେଙ୍କାନାଳ ଦେଉଳସାହି ବଳରାମ ମନ୍ଦିର ନିକଟରେ ରହୁଥିବା ଦୁର୍ଗାଚରଣ ରାଉତ ସୋମବାର ମାଙ୍କଡ଼ ଗୋଡ଼ାଇବାରୁ ଶିଡ଼ିରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସେ କୌଣସି କାମରେ ବଜାରକୁ ବାହାରୁଥିବାବେଳେ ଏକ ପଲରେ ୧୫ରୁ ଉର୍ଦ୍ଧ୍ୱ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲେ। ସେ ଉପରମହଲା ଶିଡ଼ିରୁ ଖସିପଡ଼ିଥିଲେ। ତାଙ୍କ ବାମ ଗୋଡ଼ ଗୋଇଠି ଭାଙ୍ଗିଯାଇଥିବାବେଳେ ଶରୀରର ବିଭିନ୍ନ ଅଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବଳରାମ ମନ୍ଦିର ନିକଟରେ ଶତାଧିକ ମାଙ୍କଡ଼ ଉପଦ୍ରବ ଚଳାଇଛନ୍ତି। ଫଳରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବନ ବିଭାଗ ଏବଂ ପୌର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

### ଶର୍ଟସର୍କିଟ୍‌ରୁ ଘରପୋଡ଼ି

ପରଜଙ୍ଗ, ୨୧।୧୨(ଡି.ଏନ୍.ଏ.): ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ଖଇରପଶି ଗ୍ରାମ ଦଳିତ ସାହିରେ ମଙ୍ଗଳବାର ସନ୍ଧ୍ୟାରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଚତୁର୍ଭୁଜ ନାଏକଙ୍କ ଛପର ଘର ଛାରଖାର ହୋଇଯାଇଛି। ଘରମାଲିକ ସର୍ବସ୍ୱ ହରାଇଛନ୍ତି। ବିଜେଡି ନେତା ଦୀନେଶ ପାଣି, ସୁନୀଲ ପାଣି ପହଞ୍ଚି ଦମକଳ ବାହିନୀକୁ ସୂଚନା ଦେଇଥିଲେ। ବିପନ୍ନ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଉଭୟେ ଦାବି କରିଛନ୍ତି।

### ବୁଢେଶ୍ୱରଙ୍କ ହୁଣ୍ଡି ଉଠାଇନେଲେ ଦୁର୍ବୃତ୍ତ

ଭୁବନ, ୨୧।୧୨(ଡି.ଏନ୍.ଏ.): ଭୁବନ ଅଞ୍ଚଳର ପ୍ରାଚୀନ ଶୈବକ୍ଷେତ୍ର ବୁଢେଶ୍ୱର ପୀଠରେ ବସାଯାଇଥିବା ହୁଣ୍ଡିକୁ ସୋମବାର ରାତିରେ ଉଠାଇ ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି। ଗତ କାର୍ତ୍ତିକ ପୂର୍ଣ୍ଣିମାରେ ଶେଷଥର ପାଇଁ ହୁଣ୍ଡି ଖୋଲାଯାଇଥିଲା। ଲୁଟେରାମାନେ ଅଞ୍ଚଳର ମନ୍ଦିରଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଜଣେ କରୋନା ସଂକ୍ରମିତ ଚିହ୍ନଟ

ଢେଙ୍କାନାଳ ଅଫିସ, ୨୧।୧୨: ଢେଙ୍କାନାଳ ଜିଲାରୁ ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛି। ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଭୁବନେଶ୍ୱର ଏମ୍ସ ଆସିଥିବାବେଳେ ସ୍ୱାବ୍ ପରୀକ୍ଷାରୁ ସେ କୋଭିଡ୍ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଏହାକୁ ମିଶାଇ ଜିଲାର ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୨୦ ହଜାର ୨୯ରେ ପହଞ୍ଚିଥିବାବେଳେ ୧୯ଜଣ ୭୭୨ ସୁସ୍ଥ ହୋଇସାରିଲେଣି। ଏବେ ୧୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୬୮୦୦ ଲିଟର ପୋଚ, ୨୨୦ ଲିଟର ମଦ ଜବତ



କାମାକ୍ଷାନଗର, ୨୧।୧୨(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ସୁଆଗିନାଳୀ ଗ୍ରାମରେ ମଙ୍ଗଳବାର ପୋଲିସ, ଅବକାରୀ ବିଭାଗ ଏବଂ ତହସିଲ ପ୍ରଶାସନ ମିଳିତ ଭାବେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ଦେଶୀମଦ ଏବଂ ପୋଚ ଜବତ କରିଛି। ସୁଆଗିନାଳୀ ଜଙ୍ଗଲରେ ବ୍ୟବସାୟୀମାନେ ମଦ ରାନ୍ଧୁଥିବା ସୂଚନା ପାଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ତହସିଲଦାର ରମେଶ ଜେନାଙ୍କ ନେତୃତ୍ୱରେ ଥାନାଧିକାରୀ ନିର୍ମଳା ଗୋଛାୟତ, ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୬୮୦୦ ଲିଟର ପୋଚ, ୨୨୦ ଲିଟର, ପ୍ଲାଷ୍ଟିକ୍ ଡ୍ରମ୍, ହାଣ୍ଡି ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

# ଛିଣ୍ଡୁନି ଅଡୁଆ, ବଢୁଛି ଚିନ୍ତା

- ଆରମ୍ଭ ହୋଇପାରୁନି ଧାନକିଣା ପ୍ରକ୍ରିୟା
- ବିକଳ୍ପ ବ୍ୟବସ୍ଥା ଖୋଜୁଛି ଜିଲା ପ୍ରଶାସନ
- ସ୍ୱୟଂ ସହାୟକ ଗୋଷ୍ଠୀ ଶେଷ ଭରସା



ଢେଙ୍କାନାଳ ଅଫିସ, ୨୧।୧୨

ଅମଳ ହୋଇ ଖଳାରେ ପଡ଼ିଛି ଧାନ। ଝାଳବୁହା ପରିଶ୍ରମର ମୂଲ୍ୟ ପାଇବାକୁ ଜଗିରହିଛନ୍ତି ଚାଷୀ। ଅଥଚ ଢେଙ୍କାନାଳ ଜିଲାରେ ମଣ୍ଡି କେବେ ଖୋଲିବ ଏବଂ କିପରି ଧାନ କିଣାଯିବ ତାହା ସ୍ପଷ୍ଟ ହୋଇପାରୁନାହିଁ। ଏପଟେ ଟୋକନ ଆସି ନ ଥିବାରୁ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ୨୭ ତାରିଖରେ ଧାନ କିଣାଯିବ କି ନାହିଁ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଖରିଫ୍ ଧାନକିଣା ଆରମ୍ଭରୁ ଆରମ୍ଭ ହୋଇଛି ଅବ୍ୟବସ୍ଥା। ସରକାରୀ ମାନ୍ୟତା ଦାବିରେ ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଡାକରାରେ ରାଜ୍ୟର ପାକ୍ସ, ଲାମ୍ପ୍ସ କର୍ମଚାରୀ ଆନ୍ଦୋଳନ ଜାରି ରଖିଥିବାବେଳେ ଧାନକିଣା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଇତିମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଡକାଯାଇଥିବା ଏକ ଜରୁରୀ ବୈଠକରେ ଆସନ୍ତା ୨୭ ତାରିଖରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବା ବୋଲି ନିଷ୍ପତ୍ତି ହୋଇଛି। ହେଲେ ସମବାୟ ସମ୍ପାଦକମାନେ ଆନ୍ଦୋଳନ ଜାରି ରଖିଥିବାରୁ ପ୍ରଶାସନର ଧାର୍ଯ୍ୟ ତାରିଖରେ ମଣ୍ଡିଖୋଲିବା ଏବଂ ସ୍ୱାଭାବିକ ଭାବେ ଧାନ କିଣାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଜିଲା ଯୋଗାଣ ବିଭାଗ ପକ୍ଷରୁ ସୋମବାର ବିଳମ୍ବିତ ରାତି ଯାଏ ଆନ୍ଦୋଳନରତ ସମ୍ପାଦକଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ନିଷ୍କର୍ଷ ବାହାରି ନ ଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ଧାନକିଣାକୁ ନେଇ ଚାପ ବଢୁଥିବାବେଳେ ପ୍ରଶାସନ ବିକଳ୍ପ ଖୋଜିବା ଆରମ୍ଭ କରିଛି। ଏଭଳି ସଙ୍କଟ ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଉପରେ ଭରସା କରିଛି ପ୍ରଶାସନ। ତ୍ୱରିତ ପଦକ୍ଷେପ ସ୍ୱରୂପ ଯୋଗାଣ ବିଭାଗ ୫୬ ଏସ୍‌ଏଚ୍‌ଜି ସହିତ ଆଲୋଚନା ଜାରିରଖିଛି। ହେଲେ ଏତେ କମ୍ ସମୟ ମଧ୍ୟରେ ଏଚ୍‌ଏଚ୍‌ଜି ଚୟନ, ସେମାନଙ୍କୁ ପ୍ରଶିକ୍ଷଣ, ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହଜ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସେହିପରି ଧାନକିଣା ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରୁ ନ ଥିବାରୁ ଟୋକନ ଆସିବାରେ ମଧ୍ୟ ଅହେତୁକ ବିଳମ୍ବ ହେଉଛି। ଏକକାଳୀନ ଟୋକନ ଆସି ପହଞ୍ଚିଲେ ମଣ୍ଡିରେ ଧାନକ୍ରୟକୁ ନେଇ ଅବ୍ୟବସ୍ଥା ବଢ଼ିବ ବୋଲି ଚାଷୀମହଲରେ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ୨୭ ତାରିଖରେ ଜିଲାରେ ଧାନକିଣା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୋସାଇଟି ସମ୍ପାଦକଙ୍କ ଆନ୍ଦୋଳନ ଜାରି ରହିଥିବାରୁ ସମସ୍ୟା ଉପୁଜିଛି। ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଏସ୍‌ଏଚ୍‌ଜିଙ୍କୁ ଯୋଗାଯୋଗ କରାଯାଉଛି। ପ୍ରାଥମିକ କାର୍ଯ୍ୟ ଶେଷ ହେବା ପରେ ଟୋକନ ଆସିବା ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି କରିବା ଲାଗି ଜିଲାର ୪୯,୩୫୮ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ମୋଟ୍ ୧୧ଲକ୍ଷ ୩୦ହଜାର ୮୮୨ କୁଇଣ୍ଟାଲ ଧାନ କିଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୭ ଏସ୍‌ଏଚ୍‌ଜିକୁ ଧାନକିଣା ପ୍ରକ୍ରିୟାରେ ସାମିଲ କରାଯାଇଛି।

## ‘କୃଷିଭିତ୍ତିକ ଯୋଜନାର ଲାଭ ଉଠାଅ’




ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

କାମାକ୍ଷାନଗର, ୨୧।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗରସ୍ଥିତ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ ପରିସରରେ ମଙ୍ଗଳବାର ଜିଲା ଉଦ୍ୟାନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶିକା ଗୀତାଞ୍ଜଳି ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଚାଷୀଙ୍କ ହିତ ଲାଗି ରାଜ୍ୟ ଏବଂ କେନ୍ଦ୍ର ସରକାର ବହୁ ଯୋଜନା କରୁଛନ୍ତି। ସଫଳ ଚାଷୀମାନେ କାର୍ଯ୍ୟାଳୟକୁ ଆସି ଏହାର ସୁଯୋଗ ନେଉଛନ୍ତି। ଯିଏ ପ୍ରକୃତ ଚାଷୀ ସେ ସବୁକଥା ବୁଝି କାମରେ ଲଗାଇବାକୁ ଉଦ୍ୟମ କରେ। ଏଭଳି କର୍ମଶାଳାରୁ ଚାଷୀ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଅନ୍ୟମାନଙ୍କୁ ଶିଖାଇବା ଉଚିତ। ସରକାରଙ୍କ ପ୍ରତିଟି କୃଷିଭିତ୍ତିକ ଯୋଜନାର ଲାଭ ଉଠାଇପାରିଲେ ଚାଷକ୍ଷେତ୍ରର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଜିଲା କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଦିବ୍ୟସୁନ୍ଦର କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ସିଞ୍ଚାଇ ଯୋଜନା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଅଖିଳ ପଣ୍ଡା, ସହକାରୀ କୃଷି ଅଧିକାରୀ ହିରଣ୍ମୟୀ ପ୍ରଧାନ, ଅଳକାନନ୍ଦା ସେଠୀ, ଐଶ୍ୱର୍ଯ୍ୟା ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ଆଜିଠୁ ମିଳିବ ଜୀବନଜୀବିକା ସହାୟତା

### ଉପକୃତ ହେବେ ୨.୯ ଲକ୍ଷ ହିତାଧିକାରୀ

ଢେଙ୍କାନାଳ ଅଫିସ, ୨୧।୧୨

କୋଭିଡ୍ ସମୟରେ ଜୀବନଜୀବିକା ପ୍ରଭାବିତ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ରାଜ୍ୟ ସରକାର ସହାୟତା ଯୋଗାଇଦେବେ। ହିତାଧିକାରୀଙ୍କ ପିଛା ନଗଦ ୧୦୦୦ ଟଙ୍କା ପ୍ରଦାନ କରାଯିବ। ଢେଙ୍କାନାଳ ଜିଲାର ୨ଲକ୍ଷ ୯୦ହଜାର ୪୬୩ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ। ପିଇଓମାନେ ନଗଦ ଆକାରରେ ଏହି ଟଙ୍କା ପ୍ରଦାନ କରିବେ। ମ୍ୟୁନିସିପାଲଟି ଏବଂ ଏନ୍‌ଏସିରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନ କରାଯିବ। ହେଲେ ଏହାକୁ ନେଇ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। କାରଣ ସହରାଞ୍ଚଳର କୌଣସି ହିତାଧିକାରୀ ଯଦି ଅନ୍ୟ ସ୍ଥାନରେ ରହୁଥିବେ, ତେବେ ତାଙ୍କ ନିକଟରେ ସହାୟତା ରାଶି ପହଞ୍ଚିବାରେ ସମସ୍ୟା ସୃଷ୍ଟିହେବ। କୋଭିଡ୍ ସହାୟତା ପ୍ରଦାନ ବେଳେ ଏଭଳି ସମସ୍ୟା ଉପୁଜିଥିଲା। ତେଣୁ ସହାୟତା ଟଙ୍କାକୁ ଠିକ୍ ଭାବେ ବଣ୍ଟନ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ଜିଲାର ହିତାଧିକାରୀଙ୍କୁ ମୋଟ ୨୯ କୋଟି ୮୮ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିରେ ଯେପରି କୌଣସି ଅବ୍ୟବସ୍ଥା ନ ହୁଏ, ସେଥିଲାଗି ସଚେତନତା ସୃଷ୍ଟି କରାଯିବ।

## ଇନ୍ସପେକ୍ଟର ନମିତାଙ୍କ ନାମରେ ଗିରଫ ପରୱାନା

ଢେଙ୍କାନାଳ ଅଫିସ, ୨୧।୧୨

ଢେଙ୍କାନାଳ ଟାଉନ ଥାନାର ପୂର୍ବତନ ଅଧିକାରୀ ଇନ୍ସପେକ୍ଟର ନମିତା ନାୟକଙ୍କ ନାମରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତରୁ ମଙ୍ଗଳବାର ଗିରଫ ପରୱାନା ଜାରି ହୋଇଛି। ୧ ସିସି କେସ୍ ନଂ. ୧୦୫/୨୧, ଦଫା ୨୯୪ ଓ ୫୦୬ରେ ଏହି ଗିରଫ ପରୱାନା ଜାରି କରାଯାଇଛି। ସୂଚନାଯୋଗ୍ୟ, ମାସକ ତଳେ ଢେଙ୍କାନାଳ ଟାଉନଥାନାରୁ ନମିତାଙ୍କ ବଦଳି ପରଜଙ୍ଗ ଥାନାକୁ ହୋଇଥିଲା। ନିକଟରେ ତାଙ୍କୁ ପୁନର୍ବାର ଅନୁଗୋଳ ଜିଲାକୁ ବଦଳି କରାଯାଇଛି। ଏ ସଂକ୍ରାନ୍ତରେ ଇନ୍ସପେକ୍ଟର ନମିତା କୁହନ୍ତି, ତାଙ୍କ ନାମରେ ଥିବା ଏକ ମାମଲାରେ ସେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଏହାକୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ କରିନାହାନ୍ତି। ଖୁବ୍‌ଶୀଘ୍ର ରହିତାଦେଶକୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଦାଖଲ କରିବେ ବୋଲି ସେ ସୂଚନା ଦେଇଛନ୍ତି।

## ୫୬ ୟୁନିଟ୍ ରକ୍ତ ସଂଗ୍ରହ

କଙ୍କଡ଼ାହାଡ଼, ୨୧।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୋଟ୍ ୫୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଡିଓ ବୁଲ୍‌ବୁଲ୍ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରକ୍ତ ଅଭାବରୁ କାହାରି ଜୀବନ ନ ଯାଉ। ସେଥିଲାଗି ସମସ୍ତେ ନିରନ୍ତର ଉଦ୍ୟମ କରିବା ଆବଶ୍ୟକ। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ, ଏବିଇଓ ପ୍ରଦୀପ୍ତ ଦାସ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ପ୍ରଧାନ ଶିକ୍ଷକ ରଞ୍ଜନ ସାହୁ, ଜିଲା ରକ୍ତଭଣ୍ଡାର ଅଧିକାରୀ ଡା.ଜୟନାରାୟଣ ପାଢୀ, ପରମାନନ୍ଦ ପଣ୍ଡା, ଭୀମସେନ ବେହେରା, ଅଜୟ ସ୍ୱାଇଁ, ସୌଭାଗ୍ୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ‘ଶିକ୍ଷାଦାନ ପ୍ରତି ଯତ୍ନବାନ ହୁଅ’

କାମାକ୍ଷାନଗର, ୨୧।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ସମସ୍ୟା ଏବଂ ଏହାର ସମାଧାନ ଲାଗି ମଙ୍ଗଳବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଏଥିରେ ଅଧ୍ୟକ୍ଷତା କରି କହିଲେ, ଅନେକ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। କିଭଳି ଏଗୁଡ଼ିକର ନିଜସ୍ୱ ଜମି ହୋଇପାରିବ ସେଥିଲାଗି ବିଇଓ ଏବଂ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତଥ୍ୟ ଯୋଗାଡ଼ କରି ତହସିଲଦାରଙ୍କ ନିକଟରେ ଆବେଦନ କରିବେ। ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ଏଥିପ୍ରତି ଯତ୍ନବାନ ହୋଇ ଶିକ୍ଷାଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବୈଠକରେ ତହସିଲଦାର ଖଗେଶ୍ୱର ପାତ୍ର, ପ୍ରଭାସ ବେଉରା, କାମାକ୍ଷାନଗର କଲେଜ ଅଧ୍ୟକ୍ଷ ମଙ୍ଗୁଳି ନାୟକ, ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ବନ୍ଦିତା ମହାନ୍ତି, ମଠକରଗୋଳା କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଭାରପ୍ରାପ୍ତ ବିଇଓ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଶାଶୁଘର ସମ୍ମୁଖରେ ମହିଳାଙ୍କ ଧାରଣା ମାମଲା

## ହେଲାନି ସମାଧାନ, ସ୍ୱାମୀ ଗିରଫ



ଥାନାରେ ପୁଅଙ୍କ ସହିତ ମା’ ମାଧବୀ।




ଗିରଫ ମହେନ୍ଦ୍ର।

ଢେଙ୍କାନାଳ ଅଫିସ, ୨୧।୧୨

ମନୋମାଳିନ୍ୟ ଦୂରକରି ଦମ୍ପତିଙ୍କୁ ମିଶାଇବାକୁ ୨ଦିନ ଧରି ଯଥାସାଧ୍ୟ ପ୍ରୟାସ କଲା ପୋଲିସ। ହେଲେ ଦ୍ୱନ୍ଦ୍ୱ ଦୂର ହେଲାନି କି ବାହାରିଲାନି ସମାଧାନର ବାଟ। ଫଳରେ ମାଧବୀ ସୁନା ନିର୍ଯାତନା ମାମଲାରେ ଢେଙ୍କାନାଳ ଟାଉନ ଥାନା ପୋଲିସ ଅଟକ ସ୍ୱାମୀ ତଥା ନଗର ଯୁବ ବିଜେଡି ଆଇଟି ସେଲ୍ ସଭାପତି ମହେନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୫୩୪/୨୧, ଦଫା ୪୯୮(ଏ), ୩୨୩, ୨୯୪, ୩୫୪(ବି), ୫୦୬, ୩୪ ଓ ୩ ଏସ୍‌ସି/ଏସ୍‌ଟି ଆକ୍ଟରେ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ୧୯୯୫ରେ ମହେନ୍ଦ୍ର ବଲାଙ୍ଗୀରର ମାଧବୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ରହିଛନ୍ତି। ବିବାହର ୨ବର୍ଷ ପରେ ଶାଶୁଘର ଲୋକେ ମାଧବୀଙ୍କୁ ଘରୁ ତଡ଼ି ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ହସ୍ତକ୍ଷେପ ପରେ ସେ କିଛିଦିନ ଶାଶୁଘର ରହିଥିଲେ। ତେବେ ନିର୍ଯାତନା ଅସହ୍ୟ ହେବାରୁ ଶିଶୁପୁତ୍ରକୁ ଧରି ମାଧବୀ ବାପଘରକୁ ଚାଲିଯାଇଥିଲେ। ବଲାଙ୍ଗୀରରେ ଥିବାବେଳେ ମହେନ୍ଦ୍ର ତାଙ୍କ ସହିତ ଫୋନରେ ଯୋଗାଯୋଗ କରିବା ସହିତ ମିଶିବାକୁ ମଧ୍ୟ ଯାଉଥିଲେ। ବାପାଙ୍କ ଦେହାନ୍ତ ପରେ ତାଙ୍କୁ ଘରକୁ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିରେ ବିଳମ୍ବ ହେବାରୁ ମାଧବୀ ନ୍ୟାୟ ପାଇଁ ନିଜର ୨୫ବର୍ଷର ପୁଅ ପ୍ରଦୀପଙ୍କ ସହିତ ୧୧ନଂ. ୱାର୍ଡ ଲକ୍ଷ୍ମୀବଜାର ମହ୍ଲାରସାହିସ୍ଥିତ ସ୍ୱାମୀଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଉଭୟଙ୍କୁ ମିଶାଇବାକୁ ଆଲୋଚନା କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତେଣୁ ମହେନ୍ଦ୍ରଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଏଲ୍. ଦିବ୍ୟା ଭି ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍ୱେଚ୍ଛାସେବୀ ସଂସ୍ଥା ‘ମାନବିକ ଅଧିକାର ପରିଷଦ’ର ସଭାନେତ୍ରୀ ସସ୍ମିତା ଦାସଙ୍କ ନେତୃତ୍ୱରେ ଅନୁଷ୍ଠାନର ସଦସ୍ୟମାନେ ଅପରାହ୍ନରେ ଟାଉନ ଥାନାରେ ପହଞ୍ଚି ପୋଲିସ ଏବଂ ପୀଡ଼ିତା ମହିଳାଙ୍କ ସହିତ ଆଲୋଚନା କରିଛନ୍ତି। ମାଧବୀ ଏବଂ ପ୍ରଦୀପ ମହ୍ଲାରସାହିର ଏକ ଭଡ଼ାଘରେ ରହୁଥିବା ଜଣାପଡ଼ିଛି।

**GOVERNMENT COLLEGE OF ENGINEERING, KEONJAHR**

(Formerly Orissa School of Mining Engineering [Degree Stream], Keonjhar)
At: Jamunalia, P.O.: Old Town, Dist.- Keonjhar, PIN - 758002 (Odisha)
Web: www.gcekjr.ac.in / Mail Id: principal@gcekjr.ac.in
Advertisement No. 1242 Date: 20.12.2021

**RECRUITMENT OF REGULAR PROFESSOR AND ASSOCIATE PROFESSOR OF GOVERNMENT COLLEGE OF ENGINEERING, KEONJHAR**

No. KK-175: Applications in prescribed format along with details of qualification, experience and contribution to profession/research are invited from Indian Nationals for the recruitment to the posts of regular faculty positions (Professor, Associate Professor) in the various departments of the Institute. The details of the number of posts including required qualifications, eligibility criteria, scale of pay, application form and other general information are available at the Institute website: **www.gcekjr.ac.in**. The last date for the receipt of applications at GCE, Keonjhar is **30.01.2022** during office hours by Speed Post/ Registered Post only. A copy of the complete application form along with all Annexures is also to be sent to the mail id **recruitment@gcekjr.ac.in**. The institute will not be responsible for any postal delay. The qualifications, eligibility criteria, experience and publications etc. as on the last date of submission of application only will be considered. Incomplete application or applications received after the last date will not be considered. The institute reserves the right to fill-up or not to fill-up the post advertised or alter the number of posts advertised or even to cancel the entire selection process without assigning any reason thereof. *Those who have already applied as per advertisement No. 697 dated 13.08.2021 and advertisement No. 858 dated 22.09.2021 need not apply again in fresh. However, if any one wants to update his/her application or claim reservation may send the necessary documents and caste certificates.*

Sd./- Principal
Government College of Engineering, Keonjhar
OIPR-30023/11/0006/2122

**GOVERNMENT COLLEGE OF ENGINEERING, KEONJAHR**

(Formerly Orissa School of Mining Engineering [Degree Stream], Keonjhar)
At: Jamunalia, P.O.: Old Town, Dist.- Keonjhar, PIN - 758002 (Odisha)
Web: www.gcekjr.ac.in / Mail Id: principal@gcekjr.ac.in
Advertisement No. 1244 Date: 20.12.2021

**RECRUITMENT OF REGULAR ASSISTANT PROFESSOR OF GOVERNMENT COLLEGE OF ENGINEERING, KEONJHAR**

No. KK-176: Applications in prescribed format along with details of qualification, experience and contribution to profession/research are invited from Indian Nationals for the recruitment to the posts of regular faculty positions of Assistant Professor in the various departments of the Institute. The details of the number of posts including required qualifications, eligibility criteria, scale of pay, application form and other general information are available at the Institute website: **www.gcekjr.ac.in**. The last date for the receipt of applications at GCE, Keonjhar is **30.01.2022** during office hours by Speed Post/Registered Post only. A copy of the complete application form along with all Annexures is also to be sent to the mail id **recruitment@gcekjr.ac.in**. The institute will not be responsible for any postal delay. The qualifications, eligibility criteria, experience and publications etc. as on the last date of submission of application only will be considered. Incomplete application or applications received after the last date will not be considered. The institute reserves the right to fill-up or not to fill-up the post advertised or alter the number of posts advertised or even to cancel the entire selection process without assigning any reason thereof.

Sd./- Principal
Government College of Engineering, Keonjhar
OIPR-30023/11/0007/2122

**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**

INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 54 RWSS/RRPUR-2021-2022 / Dated: 18.12.2021

No. O-1440: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up PWS schemes to different villages of Bahalda, Bijatala, Bisoi and Tiring Block under RWS&S Division, Rairangpur in the District of Mayurbhanj.
2. No. of packages : 7 (Seven) Nos.
3. Period of Compeltion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.347.98 lakhs to Rs.433.78 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 24.12.2021 to 17.00 hours of 10.01.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.11.01.2022 at 16.00 hours onwards
10. Other documents : (As mentioned in DTCN)
11. The bidders have to particiapte in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

OIPR-25010/11/0029/2122
Sd./- Superintending Engineer
RWSS Division, Rairangpur

**BERHAMPUR MUNICIPAL CORPORATION, GANJAM**

INVITATIONS FOR BIDS (IFB) No. C-1655
L. No. 16922 Invitation for Bids Date: 18.12.21
COMPETITIVE BIDDING THROUGH E-PROCUREMENT
Bid Identification No. BMC (BAM) 252/2020-21

| | | | |
|---|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per Annexure "A" | | |
| 2 | Nature of work | : | Road & Drain |
| 3 | No. of work | : | 59 Nos. |
| 4 | Bid Cost | : | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | : | The bidder shall remit online the Earnest Money Deposit/Bid Security at the rate of 1% of the Estimated cost put to tender as mentioned under DTCN. Bidders desirous to hire machineries, equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | Class of Contracor | : | As per the Annexure "A" |
| 7 | Availability of Bid documents in the website | : | From 15.05 hrs. of Dt.24.12.21 to 17.00 hrs. of 04.01.22 |
| 8 | Date & time of opening of the Bids | : | 11.30 hrs. onwards on Dt.05.01.22 |
| 9 | Mode of submission of tender | : | Tender should be submitted online in **www.tendersorissa.gov.in** |
| 10 | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Commissioner
Berhampur Municipal Corporation
Berhampur, Odisha
OIPR-13035/11/0039/2122

**ODISHA LIFT IRRIGATION CORPORATION LIMITED**

(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, KENDRAPARA
E-mail: eeolickdp@yahoo.in, Tel. No.: 06727-220393
e-Procurement Notice
Bid Identification No. 2103/LID.KDP/2021-22, Date: 17.12.2021

No. CAD-2399: Executive Engineer, Lift Irrigation Division, Kendrapara invites sealed tender proposals from eligible Travel Agency/Tour Operator for providing 2 Nos. Non A/C (Individual) diesel driven Bolero having sitting capacity not more than seven including driver for official use by 1 No. A.E., L.I. Sub-Division, Pattamundai, A.E., L.I. Sub-Division, Aul and 1 No. for A.E.L.I. Sub-Division, Garadpur, A.E., L.I. Sub-Division, Marshaghai and A.E.L.I., Kendrapara on monthly rent basic for 1 (One) year 01.01.2022 to 31.12.2022.

| Sl. No. | Description | Quantity | Selling of Tender Paper in the Office hour only | | Date of receipt/dropping at L.I. Division, Kendrapara/Opening of Tender Paper | Tender Paper Cost (Non-refundable) |
|---|---|---|---|---|---|---|
| | | | From | To | | |
| 1 | Hiring of Non A/C Bolero for Aul & Pattamundai | 1 | 22.12.21 | 27.12.21 | Receipt up on 27.12.21 opening 4.00 P.M. on 27.12.21 | 2000 + 5% GST |
| 2 | Hiring of Non A/C Bolero for Kendrapara, Marshaghai & Garadpur | 1 | 22.12.21 | 27.12.21 | Receipt up on 27.12.21 opening 4.00 P.M. on 27.12.21 | 2000 + 5% GST |

The paper cost will be deposited online A/c No. 372601010015006, IFSC Code: UBIN 0537268 of Union Bank of India in favour of Executive Engineer, Lift Irrigation Division, Kendrapara and GST on tender paper cost to be deposited on GST No. 21AAAC059866G1Zf. The tender must be accompanied with required documents/EMD as per DTCN.
OIPR-32147/11/0007/2122
Sd./- Executive Engineer, L.I. Division, Kendrapara

# ଶୀତଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା



**ସାଧାରଣତଃ ଶୀତଦିନେ ବାୟୁମଣ୍ଡଳର ତାପମାତ୍ରା ଖସିଆସି ସର୍ବନିମ୍ନ ହୋଇଥାଏ। ଏଦିନେ ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଧୂଳିକଣାଗୁଡିକ ହାଲୁକା ହେବା ସହିତ ଉତ୍ତର-ଦକ୍ଷିଣା ପବନରେ ସ୍ଥାନାନ୍ତରିତ ହୋଇଥାଏ। ପୁଣି ଭୂତାଣୁଗୁଡିକ ବଞ୍ଚିରହିବା ସହିତ ସକ୍ରିୟ ହୋଇଉଠନ୍ତି ଏବଂ ଏହି ଧୂଳିକଣା ଓ ବାୟୁ ମାଧ୍ୟମରେ ପ୍ରାଣୀଙ୍କଠାରେ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରନ୍ତି। କେବଳ ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କଠାରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି ହୋଇଥାଏ। ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୁଏ ଏବଂ ପ୍ରାଣୀମାନେ ବିଭିନ୍ନ ରୋଗର ଶୀକାର ହୋଇଥାନ୍ତି। ତେଣୁ ଶୀତଦିନେ ପ୍ରାଣୀଙ୍କର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ, ସେମାନଙ୍କୁ ଏହି ସମୟରେ ସୁରକ୍ଷା ଯୋଗାଇବା ସହ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ବିଶେଷ ଲାଭବାନ ହୋଇପାରିବା।**

ଗୋରୁ ଗୁହାଳ, ଛେଳି ମେଣ୍ଢାଙ୍କ ଘର, କୁକୁଡ଼ା ଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଶୀତଦିନେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢା ନିମୋନିଆ ରୋଗରେ ଶୀକାର ହୁଅନ୍ତି। ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତିରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ। ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡିଲେ ବନ୍ଦ ରଖିବା ଦରକାର । ଆଉ ଏଦିନେ ଛେଳିମେଣ୍ଢାଙ୍କୁ ଭାଡି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ଭାଡି ତଳକୁ ପଡିଯିବ ବା ବାଲିରେ ଶୋଷି ହୋଇଯିବ; ଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ । ସେହିପରି ଗୁହାଳର ସମସ୍ତ ସମସ୍ତ ଖୋଲା ସ୍ଥାନକୁ ଅଖା ବା ପଲିଥିନ୍ ଟାଙ୍ଗି ଭଲଭାବେ ନିବୁଜ କରିବା ଏବଂ ଶୀତ କମିଗଲେ ଦିନବେଳେ ଏହାକୁ ଉପରକୁ ଟେକିଦେବା ଆବଶ୍ୟକ । ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ରଖନ୍ତୁ। ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବାର ଆଶଙ୍କା ଅଧିକ ଥାଏ । ଗୁହାଳରେ ଗୋରୁଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ । ନଚେତ ଏହି ଗହଳି ଯୋଗୁ ଟିଙ୍କ ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା-ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ହେବାର ଆଶଙ୍କା ସହିତ ବିଭିନ୍ନ ଜୀବାଣୁ ଜନିତ ରୋଗ, ଯଥା- ସାହାଣା, ଆନ୍ଥ୍ରାକ୍ସ; ଭୂତାଣୁ ଜନିତ ଅଢେଇଆ ରୋଗ ଦେଖା ଦେବାର ଆଶଙ୍କା ରହିଥାଏ । ସେହିପରି ଗୁହାଳର ଚଟାଣ ଯଦି ଓଦା ବା ସନ୍ତସନ୍ତିଆ ସହିତ କଚ୍ଚା ରହେ, ଶୀତଦିନେ ଗାଈଙ୍କର ପହ୍ନା ସଂକ୍ରମଣ ଯୋଗୁ ପହ୍ନା ପ୍ରଦାହ ରୋଗ ସୃଷ୍ଟି ହୁଏ । ତେଣୁ ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହିତ ଅଳ୍ପ ଡାଲୁ ଓ ଖଦଖଦଡିଆ ହେବା ଦରକାର । କୁକୁଡା ଘର ଚଟାଣ ମଧ୍ୟ ସିମେଣ୍ଟରେ ନିର୍ମିତ ହେବା ଭଲ ।

**ଖାଦ୍ୟ :** ସାଧାରଣତଃ ଶୀତଦିନେ ବାହ୍ୟ ପରିବେଶର ଉତ୍ତାପ ପ୍ରାଣୀଙ୍କ ଶରୀରର ଉତ୍ତାପଠାରୁ କମ୍ ରହୁଥିବାରୁ ତାହା ସେମାନଙ୍କ ଶରୀର ଉପରେ ଏକ ଚାପ ସୃଷ୍ଟି କରିବା ସହିତ ମାନସିକ ଉତ୍ତେଜନା ସୃଷ୍ଟି କରେ । ଶୀତ ପ୍ରକୋପର ପ୍ରଭାବ ସହିତ ଆର୍ଦ୍ରତା କମିଯିବା ଯୋଗୁ ପ୍ରାଣୀଙ୍କ ଶରୀର ଏହା ଗ୍ରହଣ କରିବାକୁ ସକ୍ଷମ ହୋଇ ନ ଥାଏ । ପ୍ରାଣୀଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନରେ ବାଧାପ୍ରାପ୍ତ ହୁଏ। ଫଳରେ ବିଭିନ୍ନ ସଂକ୍ରାମକ ରୋଗ ପ୍ରାଣୀଙ୍କୁ ଶୀତଦିନେ ସହଜରେ ଧରିଥାଏ । ତେଣୁ ଶୀତଦିନେ ନବଜାତ ବାଛୁରି, ସ୍ୱଳ୍ପ ବୟସ୍କ ବାଛୁରି, ରୋଗାକ୍ରାନ୍ତ, ଦୁଗ୍ଧ ଦେଉଥିବା ଓ ବୟସ୍କ ଗୋରୁଙ୍କ ଯତ୍ନ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର।

ଶୀତଦିନେ ପ୍ରାତଃସକାଳେ କୁହୁଡି ସହିତ ଘାସ ପତ୍ରରେ ପଡିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ। ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ। ଏଥିସହିତ ଏଦିନେ ଗୋରୁ ଖାଦ୍ୟ ଖାଇବା କମାଇ ଦିଅନ୍ତି; ଫଳରେ ଗୋରୁଙ୍କଠାରେ ଖାଦ୍ୟାଭାବଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବାର ଆଶଙ୍କା ବଢେ । ତେଣୁ ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ତନ୍ତୁ ଜାତୀୟ ଖାଦ୍ୟ ଯଥା- ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ତାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଜରୁରୀ। ବର୍ଷାଦିନରୁ ବର୍ଷାପାଣି ପଡି ଭିଜିଥିବା ଦାନା, କୁଣ୍ଡା, ପିଡିଆ ଇତ୍ୟାଦି ଶୀତଦିନ ପର୍ଯ୍ୟନ୍ତ ଗଚ୍ଛିତ ରହିଥିଲେ, ତାହା ପିଠାପରି ଫଡାଫଡା ହୋଇଯାଏ ବା ଫିମ୍ଫି ମାରିଯାଏ। ଏଥିରେ ଆସ୍‌ପରଜିଲସ୍ ନାମକ କବକ ବା ଫିମ୍ଫିରୁ ନିର୍ଗତ ଆଫ୍‌ଲାଟକ୍ସିନ୍ ଉକ୍ତ ଖାଦ୍ୟରେ ବିଷ ସୃଷ୍ଟି କରେ। ସେହିପରି ପଚା ନଡା ବା ଫିମ୍ଫିମରା ନଡାର କ୍ଷେତ୍ରରେ ମଧ୍ୟ ସେହିପରି ଘଟେ। ତେଣୁ ଏସବୁ ଦାନା ବା ଖାଦ୍ୟକୁ ଖରାରେ ଭଲଭାବେ ଶୁଖାଇ ଖାଇବାକୁ ଦେବା ଆବଶ୍ୟକ। କାରଣ ସୂର୍ଯ୍ୟକିରଣ ଏକ ବିଶୋଧକ ବା ବିଷନାଶକ ଭାବେ କାର୍ଯ୍ୟକରେ। ସେହିଭଳି କୁକୁଡାଙ୍କୁ ଫିମ୍ଫିମରା ବା ଗମ୍ବୁ ମାରିଥିବା ପୁରୁଣାଦାନା ନଦେଇ ସର୍ବଦା ସଦ୍ୟ ପ୍ରସ୍ତୁତ (୧୫ ଦିନ ମଧ୍ୟରେ ପ୍ରସ୍ତୁତ) ଦାନା ଖାଇବାକୁ ଦେବା ଜରୁରୀ। ଶୀତଦିନରେ ପ୍ରାଣୀଙ୍କ ଶରୀରକୁ ଅତ୍ୟଧିକ ଶୀତର ଷ୍ଟ୍ରେସ୍ ବା ଚାପ ପ୍ରଭାବରୁ ସୁରକ୍ଷା ଦେବା ପାଇଁ ସେମାନଙ୍କୁ ଆଣ୍ଟିଷ୍ଟ୍ରେସ୍ ମେଡିସିନ୍ ଯଥା- ଭିଟାମିନ୍ ଏ, ସି, ଇ ସହିତ ମଲ୍‌ଟିଭିଟାମିନ୍ ମିଶ୍ରିତ ଧାତବଲବଣ ସେମାନଙ୍କ ଖାଦ୍ୟରେ ଖାଇବାକୁ ଦେବା ଜରୁରୀ।

ସାଧାରଣତଃ, ଶୀତଦିନେ ଗାଈ ବା ଛେଳିମେଣ୍ଢା, ସେମାନେ ଅଧିକ ସଂଖ୍ୟାରେ ଗରମ ଆସିବା ସହିତ ସଂଗମିତ ହୁଅନ୍ତି ଏବଂ ଅଧିକ ସଂଖ୍ୟାରେ ମଧ୍ୟ ଛୁଆ ପ୍ରସବ କରିଥାନ୍ତି। ତେଣୁ ନବଜାତ ବାଛୁରି ବା ଛେଳି-ମେଣ୍ଢା ଛୁଆଙ୍କୁ ଜନ୍ମହେବାର ଅଧଘଣ୍ଟା, ୨ଘଣ୍ଟା, ୬ଘଣ୍ଟା ବ୍ୟବଧାନରେ କଷକ୍ଷୀର ଖୁଆଇବା ଆବଶ୍ୟକ । ଏହି କଷ କ୍ଷୀର ମା'ର ପହ୍ନାରୁ ପ୍ରାୟ ୭ଦିନ ପର୍ଯ୍ୟନ୍ତ ନିର୍ଗତ ହୋଇଥାଏ, ଯେଉଁଥିରେ ରୋଗ ପ୍ରତିରୋଧକାରୀ ଶକ୍ତି, ଉତ୍ତାପ ଶକ୍ତି, ଭିଟାମିନ୍ ଓ ତା' ସହିତ ପୁଷ୍ଟିସାର ମଧ୍ୟ ଭରପୂର ହୋଇ ରହିଥାଏ । ଏହି କଷ କ୍ଷୀର ଖାଇଲେ ସଦ୍ୟଜାତ କଅଁଳ ବାଛୁରି ବା ଛେଳିମେଣ୍ଢା ଛୁଆ ସୁସ୍ଥ ସବଳ ହୋଇ ବଢ଼ନ୍ତି ଏବଂ ବିଭିନ୍ନ ରୋଗ ସେମାନଙ୍କୁ ସହଜରେ ସଂକ୍ରମଣ କରିପାରେ ନାହିଁ ।

- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ: ୯୪୩୭୬୦୭୩୧୨



# ମାଛରେ ଜୀବାଣୁଜନିତ ରୋଗ

**ମା**ଛଙ୍କଠାରେ ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା.



କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ। ଏପରି ଦୁଇରୁ ତିନିଦିନ କରିବେ। ପଚା ଘା ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ। ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ। ବର୍ଷାରେ ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ। ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତୀ ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ। ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ।

# ଆଳୁ ଫସଲରେ ସାର ପ୍ରୟୋଗ



**ଆ**ଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ। ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ। କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ। ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ।

# ଆତ୍ମନିର୍ଭରଶୀଳ କରାଇଛି ଗୋପାଳନ



ଅରିନ୍ଦମ ନାୟକ

**ଭ**ଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳର ଅରିନ୍ଦମ ନାୟକ। ହୋଟେଲ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ ପରେ ଚାକିରି ନ କରି ଆତ୍ମନିର୍ଭରଶୀଳ ହେବାକୁ ସ୍ଥିର କରିଥିଲେ। ନିଜର ଲକ୍ଷ୍ୟ ପୂରଣ ପାଇଁ ସେ ବିନାୟକପୁରଠାରେ ଏକ ସମନ୍ୱିତ ଫାର୍ମ ସ୍ଥାପନ କରି ଆରମ୍ଭ କରିଥିଲେ ଗୋପାଳନ। ମାତ୍ର ୭ଟି ଗାଈରୁ ସେ ଆରମ୍ଭ କରିଥିଲେ ଏହି ଅଭିଯାନ। ଏ ସମ୍ପର୍କରେ ଅରିନ୍ଦମ କହନ୍ତି, 'ପ୍ରଥମେ ଗୁଜରାଟରୁ ଗିର୍ ଜାତୀୟ ଗାଈ ଆଣିବା ପାଇଁ ସରକାରଙ୍କଠାରୁ ସ୍ୱତନ୍ତ୍ର ଅନୁମତି ଆଣିଥିଲି। ଗିର୍ ଜାତୀୟ ଗାଈର ଦାମ ଗୋଟିଏକୁ ପ୍ରାୟ ୨ ଲକ୍ଷରୁ ୨.୫ ଲକ୍ଷ ଟଙ୍କା। ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ସହ ଏଥିରୁ ଯାହା ରୋଜଗାର ହେବ ସେଥିରେ ପରିବାର ଚଳିପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ଥିଲା ଏବଂ ତାହା ଏବେ ମଧ୍ୟ ରହିଛି। ଗାଈ ପିଛା ପ୍ରତିଦିନ ୧୨ ରୁ ୧୪ ଲିଟର କ୍ଷୀର ମିଳୁଥିବା ବେଳେ ଦୈନିକ ୧୦୦ ଲିଟର ପାଖାପାଖି କ୍ଷୀର ଉତ୍ପାଦିତ ହୋଇଥାଏ। ଗୋଟିଏ କଥା, କ୍ଷୀର ବିକ୍ରି ବ୍ୟତୀତ ପ୍ରତିଦିନ ମୁଁ ସ୍ଥାନୀୟ ଏକ ଅନାଥାଶ୍ରମ ଏବଂ ଏକ ମନ୍ଦିରକୁ ମାଗଣାରେ କ୍ଷୀର ଦେଇଥାଏ। କ୍ଷୀର ବିକ୍ରିରୁ ମାସିକ ପ୍ରାୟ ୨ ରୁ ୨.୫ ଲକ୍ଷ ରୋଜଗାର ହେଉଛି।' ଏହି କାମରେ ସେ ନିଜେ ନିୟୋଜିତ ରହିବା ସହ ୪-୫ ଲୋକ ଗାଈଙ୍କର ରକ୍ଷଣାବେକ୍ଷଣ କରିଥାନ୍ତି। ଗାଈଙ୍କର ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ଜୈବିକ ସାର ଯଥା ଗୋବର, ଖତ, ଆଜୋଲା ଘାସ, ମୁଗଚୁନି, ହାତିଆ ଘାସ ଦିଆଯାଇଥାଏ। ଏଥିପାଇଁ ୧.୫ ଏକର ଜାଗାରେ ଜୈବିକ ଉପାୟରେ ସେ ଘାସ ଚାଷ କରିଛନ୍ତି। ଏହି ଗୋପାଳନରେ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ତାଙ୍କର ପତ୍ନୀ ପ୍ରତିମା। ସେ ଶିକ୍ଷକତା ଛାଡ଼ି ସ୍ୱାମୀଙ୍କୁ ଗୋ-ସେବା କାର୍ଯ୍ୟରେ ସହଯୋଗ କରୁଛନ୍ତି। ଅରିନ୍ଦମଙ୍କର ପିତା ଭଗବାନ ନାୟକ ଓ ମାତା ମମତା ଶିକ୍ଷା ବିଭାଗରେ କାର୍ଯ୍ୟ କରି ଅବସର ନେଇଛନ୍ତି। ନିକଟରେ ଏନ୍‌ଡିଡିବି ଓ ଓମ୍‌ଫେଡର ବରିଷ୍ଠ କର୍ମକର୍ତ୍ତାମାନେ ଉକ୍ତ ଫାର୍ମକୁ ଗସ୍ତ କରି ଅରିନ୍ଦମଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

- କାଳୀପଦ ରାୟ

# ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

**ସେ**ପ୍ଟେମ୍ବର ୨୦ ତାରିଖ ୨୦୨୦ ମସିହାରେ କେନ୍ଦ୍ର ସରକାର ଲୋକ ସଭାରେ ୩ଟି କୃଷି ଆଇନ ଆଣିଥିଲେ, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ଗୃହରେ ପାରିତ ହୋଇ ଆଇନରେ ପରିଣତ ହୋଇଥିଲା। ଏହି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରି ରହିବା ପରେ ତାହା ନିକଟରେ ପ୍ରତ୍ୟାହୃତ ହୋଇଛି। ଏହି ଆଇନଗୁଡ଼ିକ ମଧ୍ୟରୁ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଅନ୍ୟତମ। କୃଷକଙ୍କ ଦାବି ହେଲା, କେନ୍ଦ୍ର ସରକାର ପ୍ରତିବର୍ଷ ଶସ୍ୟର ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି, ତା'ର କୌଣସି ନ୍ୟାୟିକ ବୈଧତା ନାହିଁ। ତେବେ ଏହି ପରିପ୍ରେକ୍ଷୀରେ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବିଷୟରେ ବିଶ୍ଳେଷଣ କରାଯାଉଛି। ଉତ୍ପାଦିତ ଶସ୍ୟର ମୂଲ୍ୟକୁ ସ୍ଥିର ରଖିବା ପାଇଁ ଶସ୍ୟ ବିକ୍ରୟ ବଜାରରେ ପ୍ରବେଶ କରି ସରକାର ଶସ୍ୟ ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣ କରିଥା'ନ୍ତି। କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଗଠିତ ହୋଇଥିବା କମିଶନର ସୁପାରିଶ୍ ଅନୁଯାୟୀ ଭାରତ ସରକାର ପ୍ରତିବର୍ଷ ଫସଲ ଋତୁର ଆରମ୍ଭରେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥା'ନ୍ତି। ଅଧିକ ଅମଳ ହେଉଥିବା ବର୍ଷରେ ଶସ୍ୟର ଯେପରି ଅତ୍ୟଧିକ ମୂଲ୍ୟ ହ୍ରାସ ନ ଘଟେ ସେଥିପାଇଁ କୃଷକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାର ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ କୃଷକଙ୍କ ପାଇଁ ସରକାରଙ୍କ ତରଫରୁ ଏକ ନିର୍ଭର ପ୍ରତିଶ୍ରୁତି କହିଲେ ଅତ୍ୟୁକ୍ତି ହେବନାହିଁ। ଶସ୍ୟର ଅଭାବୀ ବିକ୍ରିରୁ ଚାଷୀଙ୍କୁ ରକ୍ଷା କରିବା ହେଉଛି ସର୍ବନିମ୍ନ ସହାୟକ ମୂଲ୍ୟର ମୁଖ୍ୟ ଉଦ୍ଦେଶ୍ୟ। ଏହି ବ୍ୟବସ୍ଥାରେ ଖାଦ୍ୟ ଶସ୍ୟ ସଂଗ୍ରହ କରି ଜନତାଙ୍କୁ ଖାଦ୍ୟ ଶସ୍ୟର ସୁବଣ୍ଟନ କରିବା, ଏହାର ଅନ୍ୟତମ ଉଦ୍ଦେଶ୍ୟ। ଭଲ ଅମଳ ଓ ବଜାରରେ ପ୍ରଚୁର ପରିମାଣରେ ମିଳୁଥିବା ଯୋଗୁ ଶସ୍ୟର ମୂଲ୍ୟହ୍ରାସ ହେଲେ ଚାଷୀଙ୍କର ଶସ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ସରକାରଙ୍କ ଦ୍ୱାରା କିଣାଯାଇଥାଏ। ସର୍ବନିମ୍ନ ସହାୟକ ମୂଲ୍ୟ ମୂଲ୍ୟହ୍ରାସ ବେଳେ ଏକ ବୀମା ଭଳି କାର୍ଯ୍ୟ କରିଥାଏ ଏବଂ ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷାକରେ। ବଜାର ଦର ସର୍ବନିମ୍ନ ସହାୟକ ମୂଲ୍ୟରୁ କମ୍ ହୋଇ ପାରିନଥାଏ, କାରଣ ଏହା ଏକ ପ୍ରାରମ୍ଭିକ ମୂଲ୍ୟ ଭାବେ କାମ କରେ। ସତୁରି ଦଶକର ପ୍ରାରମ୍ଭରେ ସହାୟକ ମୂଲ୍ୟର ସୂତ୍ରପାତ ହୋଇଥିଲେ ମଧ୍ୟ ୧୯୭୫ ମସିହାରେ ବିଧିବଦ୍ଧ ଭାବେ ଏହା ସର୍ବନିମ୍ନ ସହାୟକ ମୂଲ୍ୟର ରୂପ ନେଲା। କୃଷିଜାତ ଦ୍ରବ୍ୟର ମୂଲ୍ୟକୁ ନିର୍ଦ୍ଧାରଣ କରୁଥିବା କମିଶନ କେତେଗୁଡ଼ିଏ ବିଷୟକୁ ନେଇ ସର୍ବନିମ୍ନ ସହାୟକ ମୂଲ୍ୟର ଗଣନା କରିଥାଏ। ସେଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଲା ଉତ୍ପାଦନ ମୂଲ୍ୟ, ଖତ, ସାର, ବିହନ, କୀଟନାଶକ ଓ ଶ୍ରମ ମୂଲ୍ୟର ପରିବର୍ତ୍ତନ, ବିନିଯୋଗ ଉତ୍ପାଦନର ସମମୂଲ୍ୟତା, ବଜାର ଦରର ଦିଗ, ଚାହିଦା ଓ ଯୋଗାଣ, ଶିଳ୍ପାୟନ ଉପରେ ପ୍ରଭାବ, ଚଳଣି ଉପରେ ପ୍ରଭାବ, ଆନ୍ତର୍ଜାତିକ ବଜାର ଦର ଇତ୍ୟାଦି ଇତ୍ୟାଦି। ତୃଣମୂଳ ସ୍ତରଠାରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ ଓ ଦେଶ ସ୍ତରରେ ତଥ୍ୟକୁ ବିଚାରକୁ ନିଆଯାଏ। ଦେଶର ବିଭିନ୍ନ ଅଞ୍ଚଳରେ ହେକ୍ଟର ପିଛା ଚାଷ ଖର୍ଚ୍ଚ, ଏକ କ୍ୱିଣ୍ଟାଲ ଶସ୍ୟର ଉତ୍ପାଦନ ଖର୍ଚ୍ଚ, ପୁଞ୍ଜିଲଗାଣ ବାବଦରେ ଖର୍ଚ୍ଚ, ବଜାରଦର, ଚାଷୀର ବିକ୍ରୟ ମୂଲ୍ୟ, ଖାଉଟିଙ୍କ କ୍ରୟମୂଲ୍ୟ, ଆବଶ୍ୟକ ବଣ୍ଟନ ସମ୍ବନ୍ଧୀୟ ତଥ୍ୟ, ବଜାରରେ ଚାହିଦା, ମୁଣ୍ଡପିଛା ବ୍ୟବହାର, କୃଷି ଶିଳ୍ପରେ ବିନିଯୋଗର ପରିମାଣ, କୃଷି ବିପଣନ ଖର୍ଚ୍ଚ ଇତ୍ୟାଦି ବିଷୟଗୁଡ଼ିକ କୃଷିଜାତ ମୂଲ୍ୟ ନିର୍ଦ୍ଧାରଣ କରୁଥିବା କମିଶନ ଗଣନା କରି ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତି ଏବଂ ସରକାରଙ୍କୁ ସୁପାରିଶ କରିଥାନ୍ତି।



ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଛି।

ଆମ ରାଜ୍ୟରେ ମୁଖ୍ୟ ଫସଲ ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଇ ସଂଗ୍ରହ କରାଯାଉଛି। ୨୦୨୧-୨୨ ପାଇଁ ସାଧାରଣ ଧାନର କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ ୧୯୪୦ ଓ ଗ୍ରେଡ୍ 'ଏ' ଧାନର କ୍ୱିଣ୍ଟାଲ ପିଛା ସହାୟକ ମୂଲ୍ୟ ୧୯୬୦ ଟଙ୍କା ରଖାଯାଇଛି। ଓଡ଼ିଶା ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଓ ଧାନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଓଡ଼ିଶା ସନ୍ତୁଷ୍ଟ ନୁହେଁ। ଓଡ଼ିଶାର କୃଷିମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ଦାବି କରିଛନ୍ତି।

କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ କେତେକ ବିଷମତା ପରିଲକ୍ଷିତ ହେଉଛି। ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷିତ ହୋଇଥିଲେ ମଧ୍ୟ ରାଜ୍ୟଗୁଡିକରେ ଘୋଷିତ ସବୁ ଫସଲକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯାଉ ନାହିଁ। ଫଳ, ପନିପରିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ସହାୟକ ମୂଲ୍ୟ ନାହିଁ। ଫଳତଃ ଏସବୁ ଅଭାବୀ ବିକ୍ରି ହେଉଛି। ବର୍ତ୍ତମାନ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଚାଷ ହେବାଦ୍ୱାରା ଭାରତରେ କୃଷି ଉତ୍ପାଦନ ଚାହିଦାଠାରୁ ଅଧିକ ହେଉଛି ଓ ବଳକା ଉତ୍ପାଦନକୁ ସହାୟକ ମୂଲ୍ୟରେ ଚାଷୀମାନେ ବିକ୍ରି କରିପାରୁଛନ୍ତି।

ମୋ : ୬୩୭୦୦୮୪୩୫୮

# ଗହମର ଉନ୍ନତ କିସମ

**ଅ**ଧିକ ଅମଳକ୍ଷମ ଗହମ ପାଇଁ ଏହାର ଉନ୍ନତ କିସମ ଚୟନ କରନ୍ତୁ। ଗହମର ଅନୁମୋଦିତ ବିହନ ଯଥା- ସୋନାଲିକା, ପି.ବି.ଡବ୍ଲୁ.-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ଗହମ ଚାଷ ସମୟରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ। ଗହମ ଚାଷରେ ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।



# ସେମିଫାଇନାଲରେ ହାରିଲା ଭାରତ

ଢାକା, ୨୧।୧୨


ଜାପାନ ଖେଳାଳିଙ୍କଠାରୁ ବଲ୍ ନେବାକୁ ଭାରତୀୟ ଅଧିନାୟକ ମନପ୍ରୀତ ସିଂ ସଂଘର୍ଷରତ।

ଗତଥରର ଚାମ୍ପିୟନ ଭାରତ ଏଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ସେମିଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ସଫଳ ହୋଇନାହିଁ। ଲିଗ୍ ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜେୟ ରହିଥିବା ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ସେମିଫାଇନାଲରେ ସେହି ପ୍ରଦର୍ଶନକୁ ଦୋହରାଇ ପାରିନାହିଁ। ଭାରତ ଯେଉଁ ଜାପାନକୁ ଲିଗ୍ ପର୍ଯ୍ୟାୟରେ ୬-୦ରେ ହରାଇଥିଲା ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲରେ ସେହି

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଜାପାନ-କୋରିଆ ଫାଇନାଲ**

ଦଳଠାରୁ ୩-୫ ଗୋଲରେ ପରାଜିତ ହୋଇ ଫାଇନାଲରେ ପ୍ରବେଶରୁ ବଞ୍ଚିତ ହୋଇଛି। ଅନ୍ୟପକ୍ଷରେ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବା ସହ ଜାପାନ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଜାପାନ ଓ ଦକ୍ଷିଣ କୋରିଆ ମଧ୍ୟରେ ଫାଇନାଲ ବୁଧବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ କୋରିଆ ୬-୫ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ସେମିଫାଇନାଲରେ ପରାଜିତ ଦୁଇ ଦଳ ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ରୋଞ୍ଜ ପଦକ ପାଇଁ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲରେ ଆଶ୍ଚର୍ଯ୍ୟଜନକଭାବେ ଦମ୍ଦାର ପ୍ରଦର୍ଶନ କରିଥିବା ଜାପାନ ପକ୍ଷରୁ ଶୋତା ୟାମାଡ଼ା ୧ମ, ରାଇକି ଫୁଜିଶିମା ୨ୟ, ୟୋଶିକି କିରିଶିତା ୨୯, କୋସେଇ କାୱାବେ ୩୫ ଓ ର୍ୟୋମା ଓକା ୪୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଦିଲପ୍ରୀତ ସିଂ ୧୭, ହରମନପ୍ରୀତ ସିଂ ୫୩ ଓ ହାର୍ଦ୍ଦିକ ସିଂ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

### କୋରିଆ ୬, ପାକିସ୍ତାନ ୫

ପ୍ରଥମ ସେମିଫାଇନାଲରେ କୋରିଆ ୬-୫ ଗୋଲରେ ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମୋଟ ୧୧ ଗୋଲ ହୋଇଥିବାବେଳେ ବାଜି ମାରିଥିଲା କୋରିଆ। କୋରିଆର ଜୋଙ୍ଗହ୍ୟୁନ ଜାଙ୍ଗ ଏକାକୀ ୪ ଗୋଲ ଦେଇ ମ୍ୟାଚରେ ପ୍ରଭେଦ ଆଣିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କୋରିଆ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ପୂର୍ବ ୫ ସଂସ୍କରଣ ମଧ୍ୟରୁ କୋରିଆ କେବଳ ଥରେ ୨୦୧୬ରେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ମ୍ୟାଚର ୩ୟ ମିନିଟରେ ପାକିସ୍ତାନ ଅଧିନାୟକ ଉମର ଭୁଟ୍ଟା ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୧୧ତମ ମିନିଟରେ କୋରିଆକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ପାକିସ୍ତାନ ଖେଳାଳି ମୁବାଶର ଅଲୀଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଏହା ପେନାଲ୍ଟି ଷ୍ଟ୍ରୋକ୍‌ରେ ପରିଣତ ହୋଇଥିଲା। କୋରିଆର ଜାଙ୍ଗ ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଏହାର ୧ ମିନିଟ ପରେ ମଧ୍ୟ ପାକିସ୍ତାନ ସମଦଶା ଭୋଗିଥିଲା। ଅହମଦ ସାକିଲ ଡି' ଏରିଆ ମଧ୍ୟରେ କୋରିଆର ଜଣେ ଖେଳାଳିଙ୍କୁ ଠେଲି ତଳେ ପକାଇ ଦେବାରୁ ଦଣ୍ଡ ସ୍ୱରୂପ ପେନାଲ୍ଟି ଷ୍ଟ୍ରୋକ୍ ନିଷ୍ପତ୍ତି ନେଇଥିଲେ ଅମ୍ପାୟର। ଜାଙ୍ଗ ଏହାକୁ ଗୋଲରେ ପରିଣତ କରି କୋରିଆକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ୨ଟି ଲେଖାଏ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ ଜୁନାଇଦ ମନଜୁର ୨୨ ଓ ଅଫ୍ରାଜ ୩୦ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇଥିବାବେଳେ କୋରିଆର ଜାଙ୍ଗ ୨୫ ଓ ଜିହୁନ ୟାଙ୍ଗ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ପେନାଲ୍ଟି କର୍ନରରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ କୋରିଆର ଜୁନ୍‌ଉ ଜିଅଙ୍ଗ ଏକ ଫିଲ୍ଡ ଗୋଲ ଦେଇ କୋରିଆର ଅଗ୍ରଣୀକୁ ୫-୩ରେ ପହଞ୍ଚାଇଥିଲେ। ଶେଷ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ପାକିସ୍ତାନ ଅଧିକାଂଶ ସମୟ ବଲ୍‌କୁ କୋରିଆ ହାଫ୍‌ରେ ରଖିଥିଲା। ଫଳରେ ୪୭ ଓ ୫୧ତମ ମିନିଟରେ ଦଳକୁ ୨ଟି ପେନାଲ୍ଟି କର୍ନର ମିଳିଥିଲା। ମୁବାସର ଅଲୀ ଏହାକୁ ଗୋଲରେ କନ୍‌ଭର୍ଟ କରି ମ୍ୟାଚକୁ ୫-୫ ସ୍ତରକୁ ନେଇ ଆସିଥିଲେ। ଶେଷ ୯ ମିନିଟରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ଉଦ୍ୟମ ଜାରି ରଖିଥିବାବେଳେ ୫୬ତମ ମିନିଟରେ କୋରିଆକୁ ଏକ ପେନାଲ୍ଟି କର୍ନର ମିଳି ଯାଇଥିଲା। ଫର୍ମରେ ଥିବା ଜାଙ୍ଗ ଏହାକୁ ଗୋଲରେ ପରିଣତ କରି ପାକିସ୍ତାନ ଆଶାରେ ପାଣି ଭରି ଦେଇଥିଲେ।

# ଜାତୀୟ ଜୁନିୟର ଭଲିବଲ ପାଇଁ ଓଡ଼ିଶା ଦଳ


ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲା ଅନ୍ତର୍ଗତ ଅରବିନ୍ଦ ଷ୍ଟାଡିୟମରେ ୪୭ତମ ଜାତୀୟ ଜୁନିୟର ଭଲିବଲ (ବାଳିକା, ବାଳକ) ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶା ବାଳିକା ଓ ବାଳକ ଦଳ ମଙ୍ଗଳବାର ଘୋଷିତ ହୋଇଛି। ଦଳ ଚୟନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୧୨ ତାରିଖରେ ଏକ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ସମସ୍ତ ଜିଲା ଓ ୟୁନିଟରୁ ୨୪୦ ଖେଳାଳି ଭାଗ ନେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୬(୧୬ ବାଳିକା, ୨୦ ବାଳକ) ଖେଳାଳିଙ୍କୁ ଚୟନ କରାଯାଇ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କ୍ୟାମ୍ପରେ କୋଚିଂ ଦିଆ ଯାଇଥିଲା। କ୍ୟାମ୍ପ ପରେ ୨୪ ଖେଳାଳି ଓ ୬ ଅଫିସିଆଲଙ୍କୁ ଆଗାମୀ ଟୁର୍ନାମେଣ୍ଟ ପାଇଁ ମନୋନୀତ କରାଯାଇଛି। ଓଡ଼ିଶା ଦଳ ୨୩ ତାରିଖରେ ବର୍ଦ୍ଧମାନ ଯିବ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ଟ୍ରାଏଲ ଅନୁଷ୍ଠିତ ହୋଇଥିଲା।

ଓଡ଼ିଶା ବାଳିକା ଦଳ: ମାମାଲି ନାଗ୍ (ଅଧିନାୟିକା), ପାର୍ବତୀ ଗଡବା, ଆଶା ମୁଣ୍ଡାରୀ, ବି. ଅନିଶା, ସ୍ନେହମୟୀ କିଶନ, ଲାସ୍ୟମୟୀ ମହନ୍ତ, ସସ୍ମିତା ଦେହୁରି, ବାସନ୍ତି ମାଝି, ରୋଜାଲିନ ଆଦିଆ, ପାୟଲ କାଣ୍ଡି, ସୁଚିସ୍ମିତା ଦିଣ୍ଡା ଓ ସରୋଜିନୀ ସାମଲ। ମ୍ୟାନେଜର: ଦିପ୍ତା ମଜୁମ୍‌ଦାର, ମୁଖ୍ୟ କୋଚ୍: ସୁଷମା ନନ୍ଦ, ସହକାରୀ କୋଚ୍: କଳ୍ପଶ୍ରୀ ପ୍ରଧାନ।

ଓଡ଼ିଶା ବାଳକ ଦଳ: ଆଦର୍ଶ ଗର୍ତିଆ (ଅଧିନାୟକ), ସୁବ୍ରତ ବେହେରା, ଅର୍ଶାଦ ଅଲୀ, ମହମ୍ମଦ ରାଜା, ଆଶିଷ ସ୍ୱାଇଁ, ପବୀତ୍ର ବେହେରା, ଶକ୍ତି ରଞ୍ଜନ ସାହୁ, ବିକାଶ ପାତ୍ର, ଓଲି ଉଲ୍ଲା, ରାଜ କିଣ୍ଡୋ, ସିଦ୍ଧାନ୍ତ ପ୍ରଧାନ, ଜ୍ଞାନରଞ୍ଜନ ମହାପାତ୍ର। ମ୍ୟାନେଜର: ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟ କୋଚ୍: ରତ୍ନାକର ପାତ୍ର, ସହକାରୀ କୋଚ୍: ଆଶୁତୋଷ ପତ୍ରା।

# ଜାତୀୟ ମୂକବଧିର ଟି୨୦ କ୍ରିକେଟ ଉଦ୍‌ଯାପିତ



ଓଡ଼ିଶାର ରାଜେଶ କୁମାର ମୁଦୁଲି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୧।୧୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ମୂକବଧିର ଟି୨୦ କ୍ରିକେଟ ପ୍ରତିଯୋଗିତାର ୫ମ ସଂସ୍କରଣ ହାଇଦ୍ରାବାଦରେ ଡିସେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ରାଜ୍ୟର ମୂକବଧିର କ୍ରିକେଟ ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଦିଲ୍ଲୀ ଚାମ୍ପିୟନ ଓ ହରିୟାଣା ରନର୍ସଅପ୍ ହୋଇଥିଲା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଭାଗ ନେଇଥିଲା। ୧୫ ତାରିଖରେ ଓଡ଼ିଶା ସହ କେରଳର ମୁକାବିଲା ହୋଇଥିଲା। ଓଡ଼ିଶା ୧୭.୨ ଓଭରରେ ୯ ଉଇକେଟ ହରାଇ ୧୫୦ ରନ କରିଥିଲା। କେରଳ ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନରେ ସୀମିତ ରହି ଯାଇଥିଲା। ବିଜୟୀ ଓଡ଼ିଶା ଦଳର ରାଜେଶ କୁମାର ମୁଦୁଲି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ମୂକବଧିର ଦଳର ଅଧିନାୟକ ଥିଲେ ସାଗରକାନ୍ତ ସେନାପତି।

# ଆଡଭାନୀଙ୍କୁ ଏକାଦଶ ଜାତୀୟ ବିଲିୟାର୍ଡ୍ସ ଟାଇଟଲ

ଭୋପାଳ, ୨୧।୧୨ (ପି.ଟି.)

ବେଷ୍ଟ ଅଫ୍ ନାଇନ ଗେମ୍ସ ଫାଇନାଲରେ ଟିମ୍‌ମେଟ ଧ୍ରୁବ ସିତୱାଲାଙ୍କୁ ୫-୨ରେ ପରାସ୍ତ କରିବା ପରେ ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏକାଦଶ ଜାତୀୟ ବିଲିୟାର୍ଡ୍ସ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ନ୍ୟାଶନାଲ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଏକ କଷ୍ଟସାଧ୍ୟ ଟୁର୍ନାମେଣ୍ଟ। ଏକାଦଶ ସିନିୟର ବିଲିୟାର୍ଡ୍ସ ଟାଇଟଲ ଜିତିବା ଦ୍ୱାରା ତାଙ୍କ ଓଭର ଅଲ୍ ଟାଇଟଲ ସଂଖ୍ୟା ୩୫ରେ ପହଞ୍ଚିଛି। ଏଥିରେ ସେ ଖୁବ୍ ଆନନ୍ଦିତ ବୋଲି ଆଡଭାନୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ଟ୍ରଫି ସହ ପଙ୍କଜ ଆଡଭାନୀ।

# ଫାଇନାଲରେ ସେରସା ଖଡ଼ଗପୁର

ସୋର, ୨୧।୧୨(ଡି.ଏନ.ଏ.)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି କ୍ରିକେଟ୍ ପଡ଼ିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୩ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ୟୁ ଆଣ୍ଡ ମି'କୁ ହରାଇ ସେରସା ଖଡ଼ଗପୁର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଟସ୍ ଜିଣି ସେରସା ଖଡ଼ଗପୁର ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁ ଆଣ୍ଡ ମି ୨୬.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୮ରନ୍ କରି ପରାଜିତ ହୋଇଥିଲା।

ସେରସା ଦଳର ଦୀପକ ସିଂ ୨୩ବଲ୍‌ରୁ ୩୨ରନ୍ ସଂଗ୍ରହ କରିବା ସହିତ ୬ ଓଭର ବୋଲିଂ କରି ୨୬ରନ୍‌ରେ ୩ ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ଏହି ଖେଳକୁ ଅମ୍ପାୟାର ଶରତ ଜେନା ଏବଂ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ମ୍ୟାଚ୍ ରେଫରୀ କୁମାର ଚିନ୍ମୟ ଏବଂ ଭାଷ୍ୟକାର ଭାବେ ବାସୁଦେବ ଜେନା ଓ ସୁରଞ୍ଜନ ମଲ୍ଲିକ ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଥିଲେ ମାନସ କୁମାର ଜେନା ଏବଂ ଉତ୍ତମ ବେହେରା। ଶେଷରେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିଜେତା ଦୀପକ ସିଂଙ୍କୁ ମହାବୀର କ୍ଲବ ସଭାପତି ଅଖିଳରାମ ଜେନା ୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ସ୍ପୋର୍ଟ୍ସ ଏକାଡେମୀ ବିହାରକୁ ଭେଟିବ।

# ସଙ୍ଗୀତରେ ସଚିନଙ୍କୁ ସମ୍ମାନ

ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି)

ନଭେମ୍ବର ୧୬, ୨୦୨୧ରେ ମାଷ୍ଟର ବ୍ୟାଟର ତଥା ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ସଚିନ ତେନ୍ଦୁଲକରଙ୍କ ଅନ୍ତର୍ଜାତୀୟ କ୍ରିକେଟରୁ ଅବସରକୁ ୮ ବର୍ଷ ପୂରିଛି। ଏହି ଅବସରରେ କେରଳ କାଲିକଟସ୍ଥିତ ମାଲବାର ଖ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ପ୍ରଫେସର ବଶିଷ୍ଠ ଏବଂ ତାଙ୍କ ଛାତ୍ରୀ ସିଲୁ ଫତିମା ସଙ୍ଗୀତ ମାଧ୍ୟମରେ ସଚିନଙ୍କୁ ସମ୍ମାନ ଜଣାଇଛନ୍ତି। ଇଂଲିଶ୍‌ରେ ଲେଖା ଯାଇଥିବା ଏହି ସଙ୍ଗୀତର ଶୀର୍ଷକ 'ଟଚ୍ ଅଫ୍ ଏ ଜିନିଅସ' ରଖା ଯାଇଛି। ବଶିଷ୍ଠ ନିଜେ ଗୀତ ରଚନା କରିଥିବାବେଳେ ଫତିମା ଏହାକୁ ଗାଇଛନ୍ତି। ପ୍ରଫେସର ବଶିଷ୍ଠ ହେଉଛନ୍ତି ସଚିନଙ୍କର ଜଣେ ପ୍ରଶଂସକ। ମାଲବାର ଖ୍ରିଷ୍ଟିଆନ କଲେଜରେ ସେ ସଚିନଙ୍କ ନାମରେ ଏକ ଲାଇବ୍ରେରି 'ସଚିନ୍ସ ଗ୍ୟାଲେରି' ପ୍ରତିଷ୍ଠା କରିଛନ୍ତି। ଭାରତର ୧୧ଟି ଭାଷାରେ ସଚିନଙ୍କ ଉପରେ ଲିଖିତ ପୁସ୍ତକଗୁଡ଼ିକୁ ସେ ଏହି ଲାଇବ୍ରେରିରେ ସାଇତି ରଖିଛନ୍ତି।



ସଚିନଙ୍କ ପୋଷ୍ଟର ସହ ପ୍ରଫେସର ବଶିଷ୍ଠ ଓ ତାଙ୍କ ଛାତ୍ରୀ ସିଲୁ ଫତିମା।

# ଅରାତି ବିଜୟ ସ୍ମାରକୀ ସର୍ବଭାରତୀୟ ଚେସ୍

ଭୁବନେଶ୍ୱର, ୨୧।୧୨ (କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଅନୁମୋଦିତ ଅରାତି ବିଜୟ ମହାନ୍ତି ସ୍ମାରକୀ ସର୍ବଭାରତୀୟ ଅନ୍‌ଲାଇନ୍ ଚେସ୍ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୫୦ ଜଣଙ୍କୁ ୪୪,୪୪୪ ଟଙ୍କାର ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଏହା ମଧ୍ୟରେ ଶୀର୍ଷ ୨୫ ଖେଳାଳି, ବିଭିନ୍ନ ବୟସ ବର୍ଗ, ବାଳିକା, ଶ୍ରେଷ୍ଠ ଭେଟେରାନ (୬୦ ବର୍ଷରୁ ଊର୍ଦ୍ଧ୍ୱ), ଶ୍ରେଷ୍ଠ ମହିଳା ଏବଂ ଶାନ୍ତ୍ୱନା ମୂଳକ ପୁରସ୍କାର ଅନ୍ତର୍ଭୁକ୍ତ। ଚାମ୍ପିୟନ ଖେଳାଳିଙ୍କୁ ୭୭୭୭, ରନର୍ସଅପ୍‌ଙ୍କୁ ୫୫୫୫ ଏବଂ ତୃତୀୟ ସ୍ଥାନ ଅଧିକାର କରିବା ଖେଳାଳିଙ୍କୁ ୪୪୪୪ଟଙ୍କା ପୁରସ୍କାର ଆକାରରେ ଦିଆଯିବ। ଏହା ହେଉଛି ୧୩ ରାଉଣ୍ଡ ବିଶିଷ୍ଟ ସୁଇସ୍ ଟୁର୍ନାମେଣ୍ଟ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀଙ୍କ ପାଇଁ ଏଣ୍ଟ୍ରି ଫି' ୧୯୯ ଟଙ୍କା ରଖା ଯାଇଛି। ଆଗ୍ରହୀ ଖେଳାଳିମାନେ ୨୪ ତାରିଖ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆ ଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ